

**ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନ୍ୟନ୍ୟା ବାଙ୍ଗର**

▸ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-352 •BHUBANESWAR •FRIDAY •20 JUNE 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୨ •ସଂଖ୍ୟା-୩୫୨ •ଭୁବନେଶ୍ୱର •ଶୁକ୍ରବାର •୨୦ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# 'ରେଡ୍ ଫ୍ଲାଗ': ପାଳନ ହେଉନି ସରକାରଙ୍କ ଏସ୍ଓପି

ଭୁବନେଶ୍ୱର,୧୯ ।୬(ସମିସ): ସବୁ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍ ବର୍ଗରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ଜାତୀୟ ମହିଳା କମିଶନ, ଗଣମାଧ୍ୟମ ଚାପ ପଡ଼ିବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହ ରେଡ୍ ଫ୍ଲାଗ୍ ମାମଲା କରାଯାଉଛି। ମାତ୍ର ସବୁ ସମ୍ବେଦନଶୀଳ ମାମଲାରେ ରେଡ୍ ଫ୍ଲାଗ୍ କରାଯାଉ ନ ଥିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୋମବାର କେଉଁଝର ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲଶ। ଶୌଚ ପାଇଁ ଯାଇ ଘରକୁ ଫେରିନଥିବା ବେଳେ ନାବାଳିକାର ଝୁଲନ୍ତା ମୃତଦେହ ଜବତ ହୋଇଥିଲା। କିନ୍ତୁ ଏଭଳି ସମ୍ବେଦନଶୀଳ ମାମଲା ରେଡ୍ ଫ୍ଲାଗଭୁକ୍ତ ହେଲାନାହିଁ। ତେଣୁ କେଉଁ ମାପଦଣ୍ଡ ଆଧାରରେ ରେଡ୍ ଫ୍ଲାଗ୍ ମାମଲା ରୁଜୁ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ନାବାଳିକା ଓ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା, ମାନବ ଚାଲାଣ କେସକୁ ସମ୍ବେଦନଶୀଳ କେସ ଭାବେ ବିବେଚନା କରା ଯାଇଥାଏ। ଅତି ସମ୍ବେଦନଶୀଳ କେସକୁ "ରେଡ୍ ଫ୍ଲାଗ' ଅନ୍ତର୍ଭୁକ୍ତ କରାଯାଏ। ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯାଏ। ଏହି କେସର ତଦନ୍ତ ବେଳେ ରିପୋର୍ଟ ଗୁଡ଼ିକୁ ରେଡ୍ ଏନଭଲପ ମଧ୍ୟରେ ରଖାଯାଏ। ବର୍ତ୍ତମାନର ଡିଜିପି, ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଥିବା ବେଳେ "ରେଡ୍ ଫ୍ଲାଗ' ଏସ୍ଓପିକୁ କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳପୁର କେସରେ ମଧ୍ୟ ସମାନ ଢଙ୍ଗରେ ପୀଡିତାଙ୍କ ବୟାନ ସହ ଅଡିଓ, ଭିଡିଓ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ। ଫିଜିକାଲ ଟେଷ୍ଟ, ମେଡ଼ିକାଲ ଟେଷ୍ଟ ଓ ସାଇଣ୍ଟିଫିକ ଇଂଭେଷ୍ଟିଗେସନ କୁ ବ୍ୟାପକ କରାଯାଇଛି। କ୍ୱାଲିଟି ଅଫ ଏଭିଡେନ୍ସ କଲେକ୍ସନ ପାଇଁ ଆବଶ୍ୟକସ୍ଥଳେ ଡିଏନଏ ଟେଷ୍ଟ ପ୍ରକ୍ରିୟା ଆରମ୍ଭ କରିଛି । ମାତ୍ର ଗୋପାଳପୁର ପରି ରାଜ୍ୟର ଅନ୍ୟ ଗଣଦୁଷ୍କର୍ମ ଓ ଦୁଷ୍କର୍ମ ମାମଲାଗୁଡ଼ିକୁ କାହିଁକି ରେଡ଼ଫ୍ଲାଗ ମାମଲା ଅନ୍ତର୍ଭୁକ୍ତ କରାଯାଉ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ତେନ୍ତଲାପଶି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୪ ଗିରଫ

କେନ୍ଦୁଝର, ୧୯।୬(ସମିସ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା, ହରିଚନ୍ଦନପୁର ବ୍ଲକ୍ ତେନ୍ତଲାପଶି ଗାଁରେ ଜଣେ ୧୬ ବର୍ଷର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଘଟଣାରେ ପୁଲିସ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁକ୍ତ ଦୁଇ ପଢୁଥିବା ଉକ୍ତ ଆଦିବାସୀ ଝିଅକୁ ରଜ ଦିନରେ ଦୁର୍ବୃତ୍ତମାନେ ଦୁଷ୍କର୍ମ କରିଥିଲେ। ପରେ ପରିବାର ଲୋକେ ଝିଅର ଶବକୁ ଏକ ସଜନା ଗଛରେ ଟାଙ୍ଗି ଦିଆଯାଇଥିବା ଦେଖିଥିଲେ। ଗତ ୧୬ ତାରିଖ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ରାଜନୀତି ସରଗରମ ହୋଇଥିଲା ବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ପୀଡ଼ିତାର ପରିବାରକୁ ନ୍ୟାୟ ଦାବିରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ବିଜେପି ସରକାରରେ ଅପରାଧୀ ଭୟଶୂନ୍ୟ



- ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ
- ଓଡିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ
- ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରନ୍ତୁ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ଅପରାଧୀ ଭୟଶୂନ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ଓ ଶିଶୁମାନେ ଅସୁରକ୍ଷିତ। ବିଜେପି ଶାସନ କରିବା ପରେ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ। ମହିଳା ଓ ଶିଶୁଙ୍କୁ ସରକ୍ଷା ଦେବାରେ ଅପାରଗ ସରକାର ବିଫଳ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନରେ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ଏହି ସମୟରେ ଅଧିକ ଅପରାଧ ଘଟିଥିବା ଦେଖାଯାଉଛି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ଗୋଟିଏ ବର୍ଷରେ ଅନେକ ଉପଲବ୍ଧିର ସ୍ଲୋଗାନ ଦେଉଛନ୍ତି।ଦେଶର ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ୮ମସ୍ଥାନ ସ୍ଥାନ କରିବା ବିଜେପି ପାଇଁ ନିଶ୍ଚିତ ବଡ଼ ଉପଲବ୍ଧି। ଦେଶର ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ଗତ ଏକ ବର୍ଷରେ ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ତିନି ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ତେଣୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ମାମଲାକୁ ପଞ୍ଜିକୃତ କରିବା ପାଇଁ ରାଜ୍ୟର ୬୦୦ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଥିଲା। ସେଗୁଡିକ ଏବେ କାର୍ଯ୍ୟକ୍ଷମ ନାହିଁ, ଫଳସ୍ୱରୂପ ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

# ଭକ୍ତଙ୍କ ସୁଖଦ ଓ ସୁରକ୍ଷିତ ଦର୍ଶନ ପାଇଁ ପରାମର୍ଶ

- ରଥଖଳା ବୁଲି ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝିଲେ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ



ପୁରୀ,୧୯।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ଚଳାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଶଦ୍ ଭାବେ ଅବଗତ କରାଇଥିଲେ। ପରେ ସମସ୍ତ ମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପନ୍ନ ପାଇଁ ସେବାୟତଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ସ୍ୱଚ୍ଛତା, ଡ୍ରେନ୍ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ।

ଅପରାହ୍ନରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକ ସଠିକ୍ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ୍ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜେଲ୍‌ରେ ଧିମାନଙ୍କ ଭଏସ୍ ରେକର୍ଡ ପରୀକ୍ଷା



ଭବାନୀପାଟଣା,୧୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପ ଜିଲ୍ଲାପାଳ (ଆଇଏଏସ) ଧିମାନ ଚକମାଙ୍କ ଜେଲ୍‌ରେ ଭଏସ୍ ରେକର୍ଡ ପରୀକ୍ଷା ବା ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ କରାଯାଇଛି। ଗୁରୁବାର ଭିଜିଲାନ୍ସ ସେଲ୍ ପକ୍ଷରୁ ଭବାନୀପାଟଣା ଜେଲ୍‌ରେ ଧିମାନଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ପରୀକ୍ଷା କରାଯାଇଛି। ଭିଜିଲାନ୍ସ ଡିଏସପିଙ୍କ ସମେତ କଟକରୁ ଆସିଥିବା ସ୍ୱତନ୍ତ୍ର ଟିମ୍ ଜେଲକୁ ଯାଇ ତାଙ୍କର ଭଏସ ରେକର୍ଡର ପରୀକ୍ଷା କରିଛନ୍ତି। ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିଥିବା ସମ୍ପର୍କୀତ ଏକାଧିକ କଲ୍ ରେକର୍ଡ ସହ ଧିମାନଙ୍କ ଭଏସ ମ୍ୟାଚ୍ କରାଇବା ପାଇଁ ଭିଜିଲାନ୍ସ ସେଲ୍‌ର ଗୋଟିଏ ଟିମ୍ ଭବାନୀପାଟଣା ଆସିଥିଲେ। ସୂଚନାଯୋଗ୍ୟ, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲରେ ଅଛନ୍ତି। ଗତ ୧୭ ତାରିଖରେ ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେତୁ ଏବେ ବିଚାର ବିଭାଗ ହାଜତରେ ଅଛନ୍ତି।

# ଭୁଲ୍ ଉପଧାରା ପାଇଁ ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ କରାଯିବନି: ହାଇକୋର୍ଟ

କଟକ,୧୯ ।୬(ସମିସ): ଚାର୍ଜସିଟରେ କେବଳ ଭୁଲ ଉପଧାରା ଉଲ୍ଲେଖ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ କାର୍ଯ୍ୟଧାରା ଉପରେ ଏପରି ସାମାନ୍ୟ ତ୍ରୁଟିର ପ୍ରଭାବ ପ୍ରସଂଗରେ ପ୍ରମୋଦ କୁମାର ସିଂହଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୧୯୩(୯) ପରିବର୍ତ୍ତେ ଏକ ଭୁଲ ଉପଧାରା ୧୯୩(୮) ଉଲ୍ଲେଖ କରାଯାଇଥିବାରୁ ଏହା ପୂରା ତଦନ୍ତକୁ ଅବୈଧ କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଣେ ପୀଡ଼ିତାଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନ କରିବା ଏବଂ ତାଙ୍କ ସମ୍ମତି ବିନା ଗର୍ଭପାତ କରାଇବା ପାଇଁ ଆବେଦନକାରୀଙ୍କ ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିବା ସହିତ ପୁଲିସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଚୂଡ଼ାନ୍ତ ଚାର୍ଜସିଟ ଦାଖଲ ପର୍ଯ୍ୟନ୍ତ ଫୌଜଦାରୀ କାର୍ଯ୍ୟଧାରା ଉପରେ ରହିତାଦେଶ ଓ ଏହାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଝିଅ ଅନ୍ୟ ଜାତିର ପୁଅକୁ ବାହା ହୋଇଗଲା ବୋଲି

# ଶୁଦ୍ଧି ହୋଇ ମୁଣ୍ଡନ ହେଲେ କୁଳର ୪୦ ସଦସ୍ୟ

ରାୟଗଡ଼ା,୧୯।୬(ସମିସ): ଆଜି ବି ଜାତିପ୍ରଥା ଏକ ସମ୍ପ୍ରଦାୟ ପାଇଁ କିଭଳି ଗୁରୁତ୍ୱ ବହନ କରୁଛି ତାହା ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରୁ ଦେଖିବାକୁ ମିଳିଛି। ଦୁନିଆଁ ଯେତେ ଡିଜିଟାଲ ହେଲେ ମଧ୍ୟ ପୂର୍ବକାଳରୁ ଚାଲି ଆସିଥିବା କୁଳ ଜାତି ପ୍ରଥାକୁ ସେମାନେ ସମ୍ମାନ ଦେଇ ଆସୁଛନ୍ତି ଓ ନିୟମ ପାଳନ କରି ଚଳୁଛନ୍ତି ମଧ୍ୟ। ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ପ୍ରେମ ବିବାହ କରିଥିବା ଘଟଣାକୁ ନେଇ ଝିଅ ପରିବାର, ବଂଶକୁଳର ୪୦ ଜଣ ସଦସ୍ୟ ଶୁଦ୍ଧି ହେବା ପାଇଁ ମୁଣ୍ଡନ ହେବା ସହିତ ପାରମ୍ପରିକ ରୀତିନୀତି ପାଳନ କରୁଥିବା ଦେଖିବାକୁ ମିଳିଛି । ସପ୍ତାହ ତଳେ କାଶିପୁର ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମର ଘଟିଛି ଏହିଭଳି ଅଭାବନୀୟ ଘଟଣା।




ଘଟଣାରୁ ପ୍ରକାଶ ଯେ, ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ପରିବାର ବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଯୁବକଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଜାତିରେ ରହିବାକୁ ହେଲେ ପରିବାର ବର୍ଗଙ୍କୁ ତାଙ୍କ ପରମ୍ପରା ଅନୁଯାୟୀ ଛେଳି, କୁକୁଡ଼ା, ଘୁଷୁରୀ ଆଦି ବଳି ଦେବା ସହିତ ନଦୀ କୂଳ ଗଛରେ ପୂଜା ପରେ ମୁଣ୍ଡନ କରିବାକୁ କହିଥିଲେ କୁଳ ମୁଖିଆ ତଥା ଗ୍ରାମବାସୀ। ନଚେତ ଗ୍ରାମର କେହି ହେଲେ ତାଙ୍କ ବଂଶ କୁଳ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ଏବଂ ତାଙ୍କର କୌଣସି କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଥିଲେ। ଯାହାକୁ ମାନିବାକୁ ଯାଇ ରୀତିନୀତି କାର୍ଯ୍ୟ କରିବା ପାଇଁ ଝିଅ ଘର ପରିବାର କୁଳ ବର୍ଗଙ୍କୁ ଲକ୍ଷାଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଗୋଟିଏ ପଟେ ଜାତିଆଣ ଭେଦଭାବ ନ ରଖି ସମସ୍ତେ ମିଳିମିଶି ରହିବାକୁ ସଚେତନତା କରାଯାଉଥିବା ବେଳେ ଆଜିବି ଜୀବିତ ରହିଛି ପୁରୁଣା ପ୍ରଥା ଓ ପରମ୍ପରା। ଏନେଇ କାଶିପୁର ବିଡ଼ିଓ ବିଜୟ ସୋଏଙ୍କୁ ପଚାରିବାରୁ ଏନେଇ ଖବର ମିଳିବା ପରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

## ■ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି

# ନଦୀ ମଝିରେ ଫସିଲେ ଯୁବକ; ଉଦ୍ଧାର ଜାରି

ବାରିପଦା,୧୯।୬(ସମିସ): ବୁଧବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ଅପରାହ୍ନରେ ସୁବର୍ଣ୍ଣରେଖାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ ମଝିରେ ଜଣେ ଯୁବକ ଫସି ରହିଛନ୍ତି। ମୟୂରଭଂଜ ଜିଲ୍ଲା ସାରସକଣା ବ୍ଲକ ମେରୁମଠ ନିକଟରେ ଯୁବକ ଜଣକ ଫସି ରହିଛନ୍ତି। ଘଟଣାସ୍ଥଳରେ ସାରସକଣା ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିଲା। ଉପରମୁଣ୍ଡ ଝାଡଖଣ୍ଡରେ ଏହି ନଦୀର ବ୍ୟାରେଜ ରହିଛି। ତେବେ ବର୍ଷା ଜଳ ବା କୌଣସି ପ୍ରାକ୍ ସୂଚନା ନ ଦେଇ ଡ୍ୟାମ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ନଦୀରେ ହଠାତ ଜଳସ୍ତର ବୃଦ୍ଧି ଘଟିଥିଲା। କୌଣସି କାରଣରୁ ଯୁବକ ଜଣକ ନଦୀ ଭିତରେ ଥିବା ପଥରକୁ ଯାଇଥିବାବେଳେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ସେ କୂଳକୁ ଫେରି ପାରିନଥିଲେ। ଖବର ଲେଖା ଯିବା ପର୍ଯ୍ୟନ୍ତ ଯୁବକ ଜଣକ ସେଠାରେ ଫସି ରହିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ହେଁ ସନ୍ଧ୍ୟା ହେବା ଫଳରେ ଉଦ୍ଧାର ବାଧାପ୍ରାପ୍ତ ହୋଇଛି। ଯାନ୍ତ୍ରିକ ବୋଟ ସାହାଯ୍ୟରେ ନଦୀ ମଧ୍ୟକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ନଦୀରେ ସୁଅ ଅଧିକ ରହିଥିବାରୁ ଉଦ୍ଧାରରେ ବାଧା ଉପୁଜିଥିବା ଦେଖାଦେଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରାଯାଇନାହିଁ।



# ଖଣି ପରିବହନରେ ଅଣଓଡ଼ିଆ ପ୍ରୀତି

- ଏକଚାଟିଆ ପରିବହନ ବ୍ୟବସ୍ଥାରୁ ଅରାଜକତା
- ବଢୁଛି ବେରୋଜଗାରୀ, ଦାନା ବାନ୍ଧୁଛି ଅସନ୍ତୋଷ

ଯୋଡ଼ା, ୧୯।୬(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଗୋଟିଏ ବର୍ଷ ମଧ୍ୟରେ ଯୋଡ଼ା ଖଣି ଅଞ୍ଚଳକୁ ଅଶାନ୍ତି ପ୍ରବେଶ କରିଛି। ବିଭିନ୍ନ ଘଟଣାକ୍ରମରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। କେତେବେଳେ ପରିବହନକୁ ନେଇ ଗୋଷ୍ଠୀ ସଂଘର୍ଷ ତ କେତେବେଳେ ଖଣିରେ କାର୍ଯ୍ୟ କରିବାକୁ ନେଇ ବିବାଦ। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ କିଛି କରିପାରୁ ନାହାନ୍ତି। ଆଗାମୀ ଦିନରେ ଏହା ଆଇନଶୃଙ୍ଖଳା ପରିସ୍ଥିତି ସହ ଅରାଜକତା ସୃଷ୍ଟି କରିବାର ଆଶଙ୍କା ରହିଛି।

ପୂର୍ବରୁ ଅନେକ ପରିବହନ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବାରୁ ଶତାଧିକ ଯୁବକ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଏବେ ସେମାନେ କାର୍ଯ୍ୟ ହରାଇ ବସି ରହିଛନ୍ତି। ଏପରିକି ସଂସ୍ଥାଗୁଡିକ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ଅନେକ ପ୍ରକାର ସହାୟତା ଯୋଗାଇ ଆସୁଥିଲେ। ଏବେ ଖଣିରେ କାର୍ଯ୍ୟ କରୁଥିବା ପରିବହନ ସଂସ୍ଥାକୁ ମଧ୍ୟ ହଟାଇ ଦିଆଯାଇଛି। ନୂଆ ସରକାର ଆସିବା ପରେ ଏକଦା ଖଣି ମାଫିଆ ଓ ହତ୍ୟା ଭଳି ଅଭିଯୋଗ ଥିବା ଜଣେ ଅଣଓଡ଼ିଆ ବ୍ୟକ୍ତିର ଆର୍‌ଜେ ଲଜିଷ୍ଟିକ ନାମକ ଏକ ସଂସ୍ଥା ଯୋଡ଼ା, ବଡ଼ବିଲ, କୋଇଡା ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ, ବୋଝେଇ କାର୍ଯ୍ୟ ମିଳୁଛି। ଫଳରେ ପୂର୍ବରୁ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀ ହାତ ବାନ୍ଧି ବସିଛନ୍ତି। ଉକ୍ତ ପରିବହନ ସଂସ୍ଥା ପୂର୍ବ ପରି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇ କାମ ହାତେଇ ନେଇଥିଲା। ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଣଓଡ଼ିଆ ଠିକା ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଖଣି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଶାସନକୁ ଆସିବା ମାତ୍ରେ ଅଣଓଡ଼ିଆ ଲୋକକୁ ବିଭିନ୍ନ କାମ ଦେବା ଯୋଗୁଁ ସରକାରଙ୍କ ଜିଲ୍ଲାରେ ଏବେ ଆକ୍ରୋଶ ବଢ଼ିବାରେ ଲାଗିଛି। ଏପରିକି ଅଣଓଡ଼ିଆ ପ୍ରୀତି ଏବେ ଦାଣ୍ଡରେ ପଡ଼ି ବାଟରେ ଗଡୁଛି।

ଯୋଡ଼ା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୮୦ ଭାଗ ଖଣିରେ ଏହି ଅଣଓଡ଼ିଆ ବାବୁଙ୍କ ପରିବହନ କାର୍ଯ୍ୟ ଚାଲୁଛି। ଖଣିଗୁଡିକରୁ ପରିବହନ କାର୍ଯ୍ୟ ବ୍ୟାପକ ହୋଇପାରୁନାହିଁ। ବିଜେପି ସରକାର ବଳରେ ବଳୀୟାନ ହୋଇଥିବା ଏହି ଅଣଓଡ଼ିଆ ବାବୁ ଜଣକ ଏବେ ଖଣି ଅଞ୍ଚଳରେ ସର୍ବେସର୍ବା ହୋଇ ରହିବା ସହ ପୂର୍ବପରି ଖଣି ଅଞ୍ଚଳରେ ଖଣିଜ ଚୋରା କାରବାରକୁ ପ୍ରଶ୍ରୟ ଦିଆଯାଇ ବର୍ଷକ ଭିତରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିବା ନେଇ ଆଲୋଚନା ହେଉଛି। ଏକଚାଟିଆ ପରିବହନ କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଠିକ ସମୟରେ ପରିବହନ ମୂଲ୍ୟ ମିଳୁ ନଥିବା ବେଳେ ପରିବହନର ଉଚିତ ମୂଲ୍ୟ ମିଳି ପାରୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରୁଛନ୍ତି।

## ସୂର୍ଯ୍ୟଘର ଭେଳିକି

# ଆବେଦନ ୨୨ ଶହ; କାର୍ଯ୍ୟକାରୀ ୬୮

## ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ,୧୯।୬(ସମିସ): କହିଥିଲେ ମାଗଣା ବିଜୁଳି ଦେବେ, ମାଗଣା ତ ଦେଲେ ନାହିଁ; ଏବେ ସୂର୍ଯ୍ୟଘର ଜରିଆରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ଘୋଷଣା କଲେ। ଏଥିପାଇଁ ହିତାଧିକାରୀଙ୍କୁ ପ୍ରତି ମେଗାୱାଟ ପିଛା ପାଖାପାଖି ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ସତ୍ତ୍ୱେ ଯେତିକି ଲୋକ ଆବେଦନ କରୁଛନ୍ତି, ସମସ୍ତଙ୍କୁ ସୌର ବିଜୁଳି ମିଳୁନାହିଁ। ନୟାଗଡ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା ପ୍ରହେଳିକା ପାଲଟିଛି। ୨୦୨୪ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୬୮ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଦିଶା ବୈଠକରେ ଆଜି କିଛି ଏଭଳି ଆଭାସ ମିଳିଛି ।

ନୟାଗଡ ଜିଲ୍ଲାର ୮ଟି ବ୍ଲକର ୨୨୧୬ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦୯ ଜଣ ହିତାଧିକାରୀ ଭେଣ୍ଡର ଚୟନ କରିଛନ୍ତି । ମାତ୍ର ସାରା ଜିଲ୍ଲାରୁ ମାତ୍ର ୬୮ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ୧୫ ଜଣ, ଗଣିଆ ବ୍ଲକର ୩ ଜଣ, ଖଣ୍ଡପଡା ବ୍ଲକର ୩ ଜଣ, ନୟାଗଡ ବ୍ଲକରୁ ୨୭ ଜଣ, ଓଡଗାଁ ବ୍ଲକରୁ ୫ ଜଣ, ରଣପୁର ବ୍ଲକରୁ ୧୫ ଜଣ ସାମିଲ ହୋଇଛନ୍ତି । ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି । ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଉ ନାହାନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ଏନ୍‌କାଉଣ୍ଟର ଭୟ

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

■ ମାଲକାନଗିରି,୧୯ ।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡ଼େମ ପୁଲିସ ମୁଖ୍ୟାଳୟରେ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । କୋଥାଗୁଡ଼େମରେ ଜିଲ୍ଲା ଏସ୍‌ପି ରୋହିତ ରାଜଙ୍କ ସମ୍ମୁଖରେ ୨ ଜଣ ଡିଭିସିଏମ୍, ୪ ଜଣ ଏସିଏମ୍, ୨ ଜଣ ପାର୍ଟି ମେମ୍ବର, ୨ ଜଣ ମିସିଲିଆ ସଦସ୍ୟ ଏବଂ ୨ ଜଣ ଆରପିସି ସଦସ୍ୟଙ୍କ ସମେତ ୧୨ ଜଣ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।ସମସ୍ତ ୧୨ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ଆଜି ଆସିବେ ପ୍ରଧାନମନ୍ତ୍ରୀ



### ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର କରିବେ ଶୁଭାରମ୍ଭ

### ବରିଷ୍ଠଙ୍କୁ ବାଣ୍ଟିବେ ବୟୋବନ୍ଦନା କାର୍ଡ

### ବର୍ଷକ ମଧ୍ୟରେ ଷଷ୍ଠ ଗସ୍ତ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ବିଜେପି ଶାସନକୁ ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଜଧାନୀର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ୧୮ ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାସହ କ୍ରୁଟ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଗତ ବର୍ଷକ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କର ଷଷ୍ଠ ଥର ଓଡ଼ିଶାକୁ ଗସ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସାଙ୍କେତିକ ଭାବେ କାର୍ଯ୍ୟକ୍ରମ ସ୍ଥଳରେ ୫ ଜଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଏହି କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଘର ଯୋଜନାରେ ମଧ୍ୟ ଘର ବାଣ୍ଟିବେ । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ସମେତ ଅନ୍ୟ କେତେକ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । କଳିଙ୍ଗ ଷ୍ଟାଡିୟମ ଛକରୁ ଏକ ବିରାଟ ରୋଡ଼ ଶୋ ବାହାରିବାକୁ ଥିବାବେଳେ ଏହା ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବ । ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଜଣାପଡିଛି ।

### ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା

# ବୋମାବର୍ଷୀ ଜେଟ୍, ବଙ୍କର-ବଷ୍ଟର ପ୍ରସ୍ତୁତ



### ନିଜ ନାଗରିକଙ୍କୁ ଫେରାଇଆଣିବା ପାଇଁ ଭାରତ ସମେତ ବିଭିନ୍ନ ଦେଶର ଉଦ୍ୟମ

■ **ତେହରାନ, ୧୯।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ହେଉଛି ଆମେରିକା । ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ । ଇସ୍ରାଏଲରେ ଯୁଦ୍ଧଜାହାଜ, ବି-୫୨ ବୋମାବର୍ଷୀ ବିମାନ ଏବଂ ବଙ୍କର ବିଧ୍ୱଂସକାରୀ ବି-୨ ବଙ୍କର-ବଷ୍ଟର ଆକ୍ରମଣ ପାଇଁ ମୁତୟନ ହୋଇଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଆମେରିକୀୟ ସେନା । ବଙ୍କର-ବଷ୍ଟର୍‌ରେ ୩୦ ହଜାର ପାଉଣ୍ଡ ଓଜନର ବୋମା ଖଞ୍ଜାଯାଇଛି । ଇରାନର ଭୂତଳ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଲାଗି ବଙ୍କର-ବଷ୍ଟରର ପ୍ରୟୋଗ କରିବ ଆମେରିକା । ଇରାନର ଫରଡୋ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ଲାଗି ଜିବିୟୁ-୫୭ ବୋମାର ବ୍ୟବହାର କରିବ । ସାଉଦୀ ଆରବରେ ଏଫ୍-୧୬ ବିମାନ ମୁତୟନ ହାଇଥିବା ବେଳେ ଡିଆଗୋ ଗାର୍ସିଆରେ ବି-୫୨ ବୋମାବର୍ଷୀ ବିମାନକୁ ପ୍ରସ୍ତୁତ ରଖାଯାଇଛି । ଜେଟ୍ ବିମାନଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ପଇଁତରା ମାରୁଛନ୍ତି । ଯୁଦ୍ଧର ସପ୍ତମ ଦିନରେ ମଧ୍ୟ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛନ୍ତି । ଇରାନର ପରମାଣୁ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ କରି ଇସ୍ରାଏଲ ଗତକାଲି ରାତିରେ ପ୍ରଚଣ୍ଡ ବୋମାମାଡ଼ କରିଛି । ସାମରିକ ପ୍ରତିଷ୍ଠାନ ସମେତ ଜନବସତି ଉପରେ ମଧ୍ୟ ଇସ୍ରାଏଲୀ ଜେଟ୍ ବିମାନ ଆକ୍ରମଣ କରିଛନ୍ତି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଏହାର କ୍ଷେପଣାସ୍ତ୍ର ମାଡ଼କୁ ଆହୁରି ତୀବ୍ର କରିଛି । ଗତକାଲି ରାତିରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଗୋଟିଏ ହସପିଟାଲ ଏବଂ ଏହାର ଆଖପାଖ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧରେ କେବଳ ଇରାନରେ ୬୪୦ ଜଣ ପ୍ରାଣ ହରାଇଥିବା ବେଳେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି । ଇସ୍ରାଏଲ ଉପରେ ଇରାନ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଶତାଧିକ ଡ୍ରୋନ ମାଡ଼ କଲାଣି ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ରଣନୀତିକୁ ଗୋପନୀୟ ରଖିଛନ୍ତି । ଇରାନ ଉପରେ ସେ ଆକ୍ରମଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଆସନ୍ତା ତିନି ଚାରି ଦିନ ମଧ୍ୟରେ ଆମେରିକା ଏହି ଯୁଦ୍ଧରେ ସାମିଲ ହେବାନେଇ ସଙ୍କେତ ମିଳିଲାଣି । ଆମେରିକା ଏହାର ଅନେକ ଯୁଦ୍ଧ ଜାହାଜ ଏବଂ ଲଢୁଆ ବିମାନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିସାରିଲାଣି । ଗତକାଲି ଏ ସଂପର୍କରେ ପ୍ରଶ୍ନର ଉତ୍ତର ନେଇ ଟ୍ରମ୍ପ କହିଥିଲେ ଯେ 'ଆମେରିକା ଆକ୍ରମଣ କରିପାରେ, ନ ବି କରିପାରେ । ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣନ୍ତି ନାହିଁ ।'

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏହି ଦୁଇ ଦେଶରୁ ନିଜନିଜର ନାଗରିକଙ୍କୁ ଫେରାଇ ଆଣିବା ଲାଗି ଭାରତ ସମେତ ଅନେକ ଦେଶ ଉଦ୍ୟମ ଆରମ୍ଭ କରିଛନ୍ତି ।




### ସୁପ୍ରିମ୍‌କୋର୍ଟ କମିଟିର ସୁପାରିସ

# ପଦରୁ ହଟିବେ ଜଷ୍ଟିସ୍ ବର୍ମା

■ **ନୂଆଦିଲ୍ଲୀ, ୧୯ ।୬ (ଏଜେନ୍ସି):** ଘରୁ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଘରେ ନିଆଁ ଲାଗିବା ପରେ ସେଠାରୁ ଦରପୋଡ଼ା କୋଟି କୋଟି ଟଙ୍କା ବିଡ଼ା ମିଳିଥିଲା । ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସ୍ପଷ୍ଟ ଜଣାପଡୁଛି ଯେ ବଡ଼ ଧରଣର ଦୁର୍ନୀତିରେ ସେ ଜଡ଼ିତ ଥିଲେ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଯାଞ୍ଚ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ଭ୍ରଷ୍ଟ ଓ ଅନୈତିକ କାର୍ଯ୍ୟ ପାଇଁ ବିଚାରପତି ପଦରୁ ତାଙ୍କୁ ବହିଷ୍କାର ଲାଗି କମିଟି ସୁପାରିସ କରିଛି । ଜଷ୍ଟିସ ବର୍ମାଙ୍କ ସମେତ ୫୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ କମିଟି ଏକ ୬୪ ପୃଷ୍ଠା ବିଶିଷ୍ଟ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଛି । ସଂସଦର ଆଗାମୀ ଅଧିବେଶନରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ ।



ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଥିଲା । ଘଟଣାସ୍ଥଳରୁ ପୁଲିସ ଓ ଦମକଳ ବିଭାଗ ୫୦୦ ଟଙ୍କିଆ ନୋଟର ଶହ ଶହ ବିଡ଼ାକୁ ଦଗ୍ଧ ଅବସ୍ଥାରେ ଜବତ କରିଥିଲେ । ସେଠାରୁ ୧୫ କୋଟି ଟଙ୍କା ମିଳିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲା । ଜଣେ ବିଚାରପତିଙ୍କ ଘରୁ ଏତେ ଟଙ୍କା ନଗଦ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଥିଲା । ଏହି ମାମଲାରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ।

# ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ

■ **କଟକ, ୧୯।୬ (ସମିସ):** ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଚାରିଦିନ ତଳେ ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା । ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ ।



ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଶ୍ରୀ ରଥ ଆଇନ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଓ ଓକିଲାତି ବୃତ୍ତି ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗ ଦେଇଥିଲେ । ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ । ସେ ମଧ୍ୟ ଲୋକସେବକ ମଣ୍ଡଳର ଉପସଭାପତି, ▶ପୃଷ୍ଠା-୭

## ଲଘୁଚାପ ପ୍ରଭାବରେ ଜିଲ୍ଲାବ୍ୟାପୀ ତୁହାକୁତୁହା ବର୍ଷା

# ମୟୂରଭଞ୍ଜରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ



**ବାରିପଦା, ୧୯ ।୬(ସମିସ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ବୁଧବାରଠାରୁ ଲଗାଣ ବର୍ଷା ଜାରି ରହିଛି । ବୃଷ୍ଟିପାତ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ବୁଧବାରଠାରୁ ଲଗାଣ ବର୍ଷା ଲାଗିରହିଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ହୋଇଥିବା ନେଇ ରେକର୍ଡ କରାଯାଇଛି । ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁସାରେ, ଜିଲ୍ଲାରେ ପ୍ରବଳ ଓ ସ୍ଥାନେ ସ୍ଥାନେ ଅତି ପ୍ରବଳ ବର୍ଷା ହୋଇଛି । ସେଥିମଧ୍ୟରୁ ଜିଲ୍ଲାର ୧୨ଟି ସ୍ଥାନ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ହୋଇଥିବା ତାଲିକାରେ ସ୍ଥାନପାଇଛି । ତିରିଂ ଅଞ୍ଚଳରେ ସର୍ବାଧିକ ୧୭୮.୮ମିମି ବୃଷ୍ଟିପାତ ରେକର୍ଡ ହୋଇଥିବାବେଳେ ବହଳଦାରେ ୧୫୨ମିମି, ଚାନ୍ଦୁଆରେ ୧୪୭ମିମି, ଜାମଶୋଳାରେ ୧୨୮.୪ମିମି, ସାରସକଣା ୧୨୧ମିମି, ଜାମଦା ୧୧୮ମିମି, କୁସୁମୀ ୧୧୫ମିମି, ଯଶିପୁର ୧୧୪.୬ମିମି, ବାଙ୍ଗିରିପୋଷି ୧୦୨ମିମି, ରାଇରଙ୍ଗପୁର ୧୦୦.୬ମିମି, ବିଜାତଳା ୯୮ମିମି, ଶୁକ୍ଳି ୯୨.୪ ଓ ଚନ୍ଦନପୁର ୯୧.୮ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି । ଗୁରୁବାର ପୂର୍ବାହ୍ନ ସୁଦ୍ଧା ଜିଲ୍ଲାରେ ୨୨୧୯ ମିଲିମିଟର ବୃଷ୍ଟିପାତ ହୋଇଥିବା ବେଳେ ହାରାହାରି ୮୫.୩୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି । ବୃଷ୍ଟିପାତ ଯୋଗୁଁ ଡ୍ୟାମଗୁଡ଼ିକର ଜଳସ୍ତରରେ ବୃଦ୍ଧି ଘଟିଛି । ଗୁରୁବାର ପୂର୍ବାହ୍ନ ସୁଦ୍ଧା ଜମ୍ବୀରା ଡ୍ୟାମରେ ଜଳଧାରଣା କ୍ଷମତା ୨୧.୪୧୦ ଥିବାବେଳେ ବର୍ତ୍ତମାନ ୬୭.୧୧୭ ରହିଛି । ସମୁଦାୟ ୧୧.୫୭ କ୍ୟୁମିକ ଜଳ ଡ୍ୟାମକୁ ପ୍ରବେଶ କରୁଥିବା ବେଳେ ୪.୩ କ୍ୟୁମିକ ଜଳ ପ୍ରସ୍ଥାନ ହେଉଛି । ସେହିପରି ହଳଦିଆ ଡ୍ୟାମରେ ଜଳଧାରଣା କ୍ଷମତା ୪୬୮୭ ଥିବା ବେଳେ ବର୍ତ୍ତମାନ ୧୮୨୧ ରହିଛି । ସମୁଦାୟ ୧୧.୬୦ କିୟୁମିକ ଜଳ ଡ୍ୟାମକୁ ପ୍ରବେଶ କରୁଥିବା ବେଳେ ୦.୨୦ କିୟୁମିକ ଜଳ ପ୍ରସ୍ଥାନ ହେଉଛି । ଜିଲ୍ଲାର ଅନ୍ୟାନ୍ୟ ଡ୍ୟାମଗୁଡ଼ିକର ଜଳସ୍ତର ନିୟନ୍ତ୍ରଣରେ ରହିଛି । କୋହଲା ପାଗ ସହିତ ଦିନତମାମ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ତେବେ ଆଗାମୀ ୨ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

# ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ



**ବହଳଦା:** ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଗୁରୁବାର ପର୍ଯ୍ୟନ୍ତ ଅନବରତ ଚାଲିଛି । ଦୋକାନ, ବଜାର, ବେପାର ବଣିଜ ଆଦି ସବୁ ଠପ୍ ହୋଇଯାଇଛି । ଲଗାଣ ବର୍ଷାରେ କେହି ଘରୁ ପଦାକୁ ବାହାରି ପାରୁନଥିଲେ । ଅତ୍ୟାବଶ୍ୟକ ଜିନିଷ ପାଇଁ ଲୋକେ ବର୍ଷାରେ ବର୍ଷାତି କିମ୍ବା ଛତା ନେଇ ବାହାରିବାକୁ ବାଧ୍ୟ ହେଉଛନ୍ତି । ତେବେ ଏହି ଲଗାଣ ବର୍ଷାରେ ଗିଦିଘାଟୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହୁଲଦୁମା ଗ୍ରାମର ଇଶ୍ୱର ମୁଣ୍ଡାଙ୍କ ମାଟି କାନ୍ଥ ଭୁଶୁଡି ପଡ଼ିଛି । ଗିଦିଘାଟୀ ଛକ ରାସ୍ତାରେ ପାଣି ନିଷ୍କାସନ ସମସ୍ୟା ଯୋଗୁଁ ରାସ୍ତାରେ ଆଣ୍ଠୁଏରୁ ଅଧିକ ପାଣି ଜମି ରହିବା ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି । ଠାକୁରବାଡି ଗ୍ରାମ ନିକଟ ବରେହି ନାଳ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଲୋକେ ଏକ୍ରପକାର ଜଳବନ୍ଦୀ ହୋଇ ରହିଥିଲେ । ଆଜି ଝରାଡିହିରେ ବସୁଥିବା ସାପ୍ତାହିକ ହାଟ ମଧ୍ୟ ଅନବରତ ବର୍ଷା ଯୋଗୁଁ ବସି ପାରିନଥିଲା । ସେହିପରି ଗିଦିଘାଟୀ ନିକଟ ହେଁସଡା ଗ୍ରାମ ଦେଇ ଅତିକ୍ରମ କରିଥିବା ୧୧ କେଭି ବିଦ୍ୟୁତ ତାର ଉପରେ ଏକ ବୃହତ ଅଶ୍ୱତ୍ଥ ଗଛ ଭାଙ୍ଗି ପଡ଼ିବାରୁ ତାର ଛିଡି ପଡ଼ିଥିଲା । ଫଳରେ ଦିନତମାମ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ବହଳଦା ବଜାର ମଧ୍ୟରେ ଥିବା ବସତିର ଘର ଗୁଡିକରେ ବର୍ଷା ଜଳ ପଶିଯିବା ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଡ୍ରେନ୍ ସଫେଇ ହୋଇ ନଥିବାରୁ ରାସ୍ତା ଉପରେ ପାଣି ବୋହିଥିଲା । ଡ୍ରେନ୍ ଗୁଡିକ ରାସ୍ତାରୁ ଉଚ୍ଚରେ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରକୁ ପାଣି ପଶିଯାଇଥିଲା । ଯାହାକୁ ନେଇ ବହଳଦା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଲୋକେ ପହଞ୍ଚି ଅଭିଯୋଗ କରିଥିଲେ । ଲଗାଣ ବର୍ଷା ଫଳରେ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇଯାଇଛି ।

## ଶିମିଳିପାଳରେ ମଧ୍ୟ ଭାରୀବର୍ଷା

ଲଘୁଚାପ ପ୍ରଭାବରେ ଶିମିଳିପାଳ ଅଭୟାରଣ୍ୟରେ ବୁଧବାରଠାରୁ ଲଗାଣ ବର୍ଷା ଲାଗିରହିଛି; ଯାହାକୁ ନେଇ ଜଳଉତ୍ସଗୁଡ଼ିକର ଜଳସ୍ତରରେ ବୃଦ୍ଧି ପାଇଛି । ଅଭୟାରଣ୍ୟରେ ଗୁରୁବାର ସୁଦ୍ଧା ବରେହିପାଣିରେ ସର୍ବାଧିକ ୧୧୬ ମିମିରୁ ଊର୍ଦ୍ଧ୍ୱ ଏବଂ ଠାକୁରମୁଣ୍ଡାରେ ସର୍ବନିମ୍ନ ୬.୩୫ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି । ରିପୋର୍ଟ ଅନୁସାରେ, ରାମତୀର୍ଥରେ ୯୭.୭୯ମିମି, ନଓଣାରେ ୫୮.୨ମିମି, ଚହଲାରେ ୯୭.୮ମିମି, କେନ୍ଦୁମୁଣ୍ଡିରେ ୭୬.୨ମିମି, ସାତକୋଶିଆରେ ୨୭.୯୪ମିମି, ଢୁକୁରାରେ ୫୪.୬୧ମିମି, ପିଠାବଟାରେ ୨୬.୭୬ମିମି, ବଡଗାଁଓରେ ୫୮.୬୭୪ମିମି, ବାରିପଦାରେ ୫୭.୪୦୪ମିମି, କୁଳିପାଳରେ ୪୯.୨୭୬ମିମି, ଡୋଭେରେ ୫୫.୨ମିମି, ଉପର ବାରାହାକାମୁଡ଼ାରେ ୨୮.୬ମିମି, ଜେନାବିଲରେ ୩୮.୦୧ମିମି, ଭଞ୍ଜବସାରେ ୪୭.୪୯୮ମିମି, ପୋଡାଡିହାରେ ୧୩.୭୧୬ମିମି ଓ କବାଟଘାଇରେ ୧୧୪.୩ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି । ଶିମିଳିପାଳରେ ବୃଷ୍ଟିପାତ ଯୋଗୁଁ ଜଙ୍ଗଲରେ ଥିବା ଜଳାଶୟ ଓ ଖଇରୀ, ବୁଢାବଳଙ୍ଗ, ୱେଷ୍ଟ ଦେଓ, ସାଳନ୍ଦୀ, ସଞ୍ଜ, ଠକଠକି, ଖଡ଼ଖାଇ, ପଲପଲା, ଗଙ୍ଗାହାର ଆଦି ନଦୀରେ ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି । ପ୍ରତିବର୍ଷ ରଜ ସଂକ୍ରାନ୍ତି ପରେ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ପ୍ରବେଶ ବନ୍ଦ ରହୁଥିବା ବେଳେ ଏଥର ବ୍ୟତିକ୍ରମ ଦେଖାଯାଇଛି । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗନାନୀଙ୍କ କହିବାନୁଯାୟୀ ପରିସ୍ଥିତିକୁ ବିଚାରକୁ ନେଇ ବନ୍ଦ ନିଷ୍ପତ୍ତି ନିଆଯିବ ।

## ରଗ୍‌ବୀ ପ୍ରିମିୟର ଲିଗ୍ ଅଫିସିଆଲ୍ ଭାବେ ଦିବ୍ୟରଞ୍ଜନ ମନୋନୀତ



**ବାରିପଦା, ୧୯ ।୬(ସମିସ):** ଗତ ୧୫ ତାରିଖରୁ ମୁମ୍ବଇର ଅନ୍ଧେରୀ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ରଗବୀ ପ୍ରିମିୟର ଲିଗ୍ ପ୍ରଥମ ସଂସ୍କରଣ ଆରମ୍ଭ ହୋଇଛି । ଯେଉଁଥିରେ କି ଏକମାତ୍ର ଓଡ଼ିଆ ଭାବେ ମୟୂରଭଞ୍ଜ ଜିଲ୍ଲାର ଦିବ୍ୟରଞ୍ଜନ ଦାସ ମ୍ୟାଚ୍ ଅଫିସିଆଲ୍ ପଦରେ ସ୍ଥାନ ପାଇଛନ୍ତି । ଦିବ୍ୟରଞ୍ଜନଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତର କିରିକିଚିପାଳ ଗ୍ରାମରେ । ବର୍ତ୍ତମାନ ସେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ଗତ ୨୦୧୭ ମସିହାରେ ପ୍ରଥମ ଥର ପାଇଁ ରଗବୀ ଜାତୀୟ ରେଫରୀ ଭାବେ ମନୋନୀତ ହୋଇ ଜାତୀୟ ସ୍କୁଲ କ୍ରୀଡା ସଫଳତା ହାସଲ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ୪୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଦୁଇଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମ୍ୟାଚ୍ ଅଫିସିଆଲ୍ ଭାବେ କାର୍ଯ୍ୟ କରି ଅନେକ ସଫଳତା ସାଉଁଟିଛନ୍ତି । ଲେବଲ-୨ ମ୍ୟାଚ୍ ଅଫିସିଆଲ୍ ଭାବେ ଓଡ଼ିଶାର ଏକମାତ୍ର ଓଡ଼ିଆ ଭାବେ ଜାତୀୟସ୍ତର ରେଫରୀ ପ୍ୟାନେଲରେ ସ୍ଥାନ ପାଇଛନ୍ତି । ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ନାମରେ ଏକ ଅନୁଷ୍ଠାନ ଖୋଲି ୩୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ୪ ଜଣ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଛି । ସୂଚନା ଅନୁଯାୟୀ ରଗବୀ ପ୍ରିମିୟର ଲିଗ୍ ପ୍ରଥମ ସଂସ୍କରଣ ଜୁନ ୧୫ରୁ ଆରମ୍ଭ ହୋଇ ଜୁନ ୨୯ରେ ଶେଷ ହେବ । ଏଥିରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶାରୁ କଳିଙ୍ଗ ବ୍ଲାକ ଟାଇଗର ନାମରେ ଏକ ଦଳ ଥିବା ବେଳେ ୪ ଜଣ ଓଡ଼ିଆ ଖେଳାଳୀ ଖେଳିବାକୁ ସୁଯୋଗ ପାଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଓଡ଼ିଶା ରଗବୀ ଫୁଟବଲ୍ ସଂଘର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶିକ୍ଷାବିତ ବିପ୍ଳବ ଭଞ୍ଜନ ବୁଗୁଡେଇ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇଛନ୍ତି ।

## ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା: କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ



**ବାରିପଦା, ୧୯ ।୬(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ରଜାବସା ଅଞ୍ଚଳର ଜଣେ ମହିଳାଙ୍କୁ ଗତ ୧୬ ତାରିଖ ରାତିରେ ୪ ଜଣ ଯୁବକ ବଳପୂର୍ବକ ଉଠାଇ ନେଇ ଏକ ବନ୍ଦଘରେ ରାତିତମାମ ଗଣଦୁଷ୍କର୍ମ କରିଥିଲେ । ଏ ନେଇ ପୀଡିତାଙ୍କ ସ୍ୱାମୀ ୪ଜଣ ଯୁବକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ପୁଲିସ ସମସ୍ତ ୪ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା । ତେବେ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗରିଫ କରାଯାଇପାରିନାହିଁ । ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବିଶେଷ କରି ଦୁଷ୍କର୍ମ ମାମଲା ଦିନକୁ ଦିନ ବଢ଼ିଚାଲିଥିଲା ବେଳେ କଂଗ୍ରେସ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଲଢେଇ ଜାରି ରଖିଛି । ଏହି କ୍ରମରେ ଗୁରୁବାର ବାରିପଦାର ଏହି ଗଣଦୁଷ୍କର୍ମ ମାମଲାକୁ ନେଇ କଂଗ୍ରେସ କମିଟିର ଏକ ଟିମ ପୂର୍ବତନ ଉପସଭାପତି ଅରବିନ୍ଦ ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜ ଏସପିଙ୍କୁ ଭେଟି ଘଟଣାର ବିଧିବଦ୍ଧ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ପ୍ରତିନିଧି ଦଳରେ କଂଗ୍ରେସ ଚାମ୍ବର୍ସ ଅଫ କମର୍ସର ରାଜ୍ୟ ସଭାପତି ଯୋଗେଶ ଅଗ୍ରୱାଲା, ମହିଳା କଂଗ୍ରେସର ଜିଲ୍ଲା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପଞ୍ଚାୟତ ପରିଷଦର ଚେୟାରମେନ ଶିବାନନ୍ଦ ଦାସ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ, କୃଷକ ସେଲ ଚେୟାରମ୍ୟାନ ଦୀପକ ଦାଶ, କୁନା ରାଉତ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର ପ୍ରମୁଖ ସାମିଲ ଥିଲେ ।

## ରଥଯାତ୍ରା ପାଇଁ ବାଙ୍ଗିରିପୋଷି-ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍

**ବାରିପଦା, ୧୯ ।୬(ସମିସ):** ରଥଯାତ୍ରା ନିମନ୍ତେ ବାଙ୍ଗିରିପୋଷି-ପୁରୀକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଶୁଭାରମ୍ଭ ହେବାକୁ ଯାଉଛି । ଏ ନେଇ ଦକ୍ଷିଣ ପୂର୍ବ ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ଭକ୍ତଙ୍କ ଦର୍ଶନ ପାଇଁ ରଥଯାତ୍ରାରେ ପୁରୀକୁ ସ୍ୱତନ୍ତ୍ର ମେମୁ ଟ୍ରେନ ଗଡ଼ିବ । ଟ୍ରେନଟି ଜୁନ୍ ୨୬ରୁ ଜୁଲାଇ ୬ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ । ସକାଳ ୮ଟା ୩୫ମିନିଟରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ପୁରୀ ଅଭିମୁଖେ ଯାତ୍ରା କରି ପୁରୀରେ ସନ୍ଧ୍ୟାରେ ପହଞ୍ଚିବ । ପୁଣି ସନ୍ଧ୍ୟା ୬.୧୫ରେ ଟ୍ରେନଟି ବାହାରି ବାଙ୍ଗିରିପୋଷିରେ ତା ପରଦିନ ସକାଳ ୬ଟାରେ ପହଞ୍ଚିବ । ଦୁଇଟି ଟ୍ରେନ (ନଂ୦୮୩୮୧ ଓ ୦୮୩୮୨) ଭାବେ ଏହା ଚଳାଚଳ କରିବ । ଉକ୍ତ ରେଳରୁଟର ଭାୟା ବାରିପଦା,



ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଜଙ୍କସନ, ପିପିଲି ହୋଇ ପୁରୀ ରେଳ ଷ୍ଟେସନ ଷ୍ଟେସନରେ ପହଞ୍ଚିବ । ବାଙ୍ଗିରିପୋଷି ଷ୍ଟେସନରୁ ଛାଡ଼ିବା ପରେ ଜିଲ୍ଲାର ସମସ୍ତ ସ୍ଥାନୀୟ ରେଳ ଷ୍ଟେସନରେ ରହିବ ବୋଲି ଉଲ୍ଲେଖ ରହିଛି ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ରକ୍ତ ଶିକୁଳି ସଚେତନତା ଦିବସ



**ବାରିପଦା, ୧୯ ।୬(ସମିସ):** ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବିଶ୍ୱ ରକ୍ତ ଶିକୁଳି ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଆଶା କର୍ମୀ ଯୋଗଦେଇଥିଲେ । ମୁଖ୍ୟ ଚିକିତ୍ସାଧିକାରୀ ଡା. ଆଚାର୍ଯ୍ୟ ରକ୍ତ ଶିକୁଳି ରୋଗର କାରଣ ଏବଂ ରୋଗୀଙ୍କଠାରେ ଦେଖାଯାଉଥିବା ଲକ୍ଷଣ ଓ ତା'ର ଭୟାବହତା ଉପରେ ବୁଝାଇଥିଲେ । ପୁରୁଷ ଓ ମହିଳା ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ । ଏହା ଏକ ଦୁରାରୋଗ୍ୟ ବ୍ୟାଧି । ଏଥିପାଇଁ ଆଜୀବନ ଚିକିତ୍ସା ଆବଶ୍ୟକ ହୋଇଥାଏ ବୋଲି କହିଥିଲେ । ଏହି ରୋଗର ଲକ୍ଷଣ ଯଥା ରକ୍ତ ହୀନତା, ଆଣ୍ଠୁଗଣ୍ଠି ବ୍ୟଥା, ଥକାପଣ ଓ ଶରୀରରେ ବାରମ୍ବାର ଘା' ଏବଂ ସଂକ୍ରମଣ ଆଦି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ । ବିଶେଷ କରି ୦ରୁ ୪୦ ବର୍ଷର ସମସ୍ତ ବ୍ୟକ୍ତି ନିଶ୍ଚିତ ଭାବେ ସିକିଲ ସେଲ ରକ୍ତପରୀକ୍ଷା କରାଇ ନେବା ଉଚିତ । ବିବାହ ପୂର୍ବରୁ କିମ୍ବା ଗର୍ଭଧାରଣ ସମୟରେ ରକ୍ତ ପରୀକ୍ଷା କରାଇ ନେବା ସହିତ ଯଦି ଦମ୍ପତିଙ୍କ ରକ୍ତ ଶିକୁଳି ସମସ୍ୟା ଥାଏ, ତେବେ ଗର୍ଭସ୍ଥ ଶିଶୁ ମଧ୍ୟ ଏଥିରେ ପୀଡିତ ହେବା ସମ୍ଭାବନା ରହିଛି । ତେଣୁ ଗର୍ଭସ୍ଥ ଶିଶୁର ମଧ୍ୟ ପରୀକ୍ଷା କରାଇ ନେବା ଉଚିତ ବୋଲି ସେ କହିଥିଲେ । ଏହି ରୋଗ କେବଳ ବ୍ୟାପକ ସଚେତନତା ଦ୍ୱାରା ଏବଂ ଯାଞ୍ଚରେ ସୁଧାର ଆସିବ । ଏହି ଅବସରରେ ଡା. ସୌମ୍ୟରଞ୍ଜନ ନାୟକ ରକ୍ତ ଶିକୁଳି ରୋଗର ଚିକିତ୍ସା ଓ ନିରାକରଣ ଉପରେ ବୁଝାଇଥିଲେ । ଡା ରଞ୍ଜନ ଭଣ୍ଡାରୀ ଗର୍ଭାବସ୍ଥା ସମୟରେ ଜଣେ ରକ୍ତ ଶିକୁଳି ରୋଗୀ କିପରି ଚିକିତ୍ସା କରିପାରିବ ସେ ନେଇ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଘାସିରାମ ମୁର୍ମୁ, ଡା ଶାନ୍ତନୁ ଦାସ, ଡା ସୁନନ୍ଦା ମିଶ୍ର, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାର ବିକାଶ ରଞ୍ଜନ ମହାନ୍ତି, ଡା ଜ୍ଞାନେନ୍ଦ୍ର ମହାନ୍ତି, ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଭାରତୀ ଆରୁଖ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟକୁ 'ପିଏମଶ୍ରୀ' ଯୋଜନାରେ ସାମିଲ ଦାବି

**ଶରତ, ୧୯ ।୬(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟକୁ 'ପିଏମଶ୍ରୀ' ଯୋଜନାରେ ସାମିଲ କରିବାକୁ ଶରତ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ସୂଚନା ଥାଉ କି, ପିଏମଶ୍ରୀ କେନ୍ଦ୍ର ସରକାରଙ୍କ ଏକ ଯୋଜନା । ଏହି ଯୋଜନାରେ ଦେଶର ପ୍ରାୟ ୧୪ ହଜାର ୫୦୦ ବିଦ୍ୟାଳୟକୁ ସଶକ୍ତକରଣ କରାଯାଇ କେନ୍ଦ୍ରୀୟ ଅନୁଦାନରେ ଭିତ୍ତିଭୂମିକୁ ସୁଦୃଢ କରାଯିବ । ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନ (ଉଚ୍ଚ ବିଦ୍ୟାଳୟ)କୁ ମଧ୍ୟ ଏହି ଯୋଜନାରେ ସାମିଲ କରିବା ନିମନ୍ତେ ୨୦୨୪ରେ ରାଜ୍ୟ



ସରକାର ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାର ପ୍ରତି ବ୍ଲକରୁ ୨ଟି ଲେଖାଏଁ ଉଚ୍ଚ ବିଦ୍ୟାଳୟକୁ ବିଚାରକୁ ନିଆଯାଇ ଏହି ଯୋଜନାରେ ସାମିଲ କରାଯାଉଛି । ତେବେ କପ୍ତିପଦା ବ୍ଲକର ରାଣୀପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରିବାକୁ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି । ରାଣୀପୋଖରୀ ସ୍କୁଲ ପିଏମଶ୍ରୀ ଯୋଜନାରେ ସାମିଲ ହେଲେ ଶରତ ଅଞ୍ଚଳର ଛାତ୍ରଛାତ୍ରୀ ଉନ୍ନତ ମାନରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇପାରିବେ । ବର୍ତ୍ତମାନ ଏହି ବିଦ୍ୟାଳୟରେ ୨୭୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ । ଚଳିତ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ବିଦ୍ୟାଳୟରେ ୧୬ ଜଣ ଶିକ୍ଷକ ଥିବାବେଳେ ୮ ଜଣ ନନଟିଚିଂ ଷ୍ଟାଫ ଅଛନ୍ତି । ପିଏମଶ୍ରୀ ଯୋଜନାରେ ଏହି ବିଦ୍ୟାଳୟ ସାମିଲ ହେବା ନିମନ୍ତେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି । ପିଏମଶ୍ରୀ ଯୋଜନା ଜାତୀୟ ନୂଆ ଶିକ୍ଷା ନୀତି-୨୦୨୦କୁ କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ଏବଂ ପିଲାମାନେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ସୁଯୋଗ ପାଇପାରିବେ ।

# ବାରିପଦା ପୌର ପରିଷଦର ବିକାଶ ପାଇଁ ୧୨୦ କୋଟି ମଞ୍ଜୁର

**ବାରିପଦା, ୧୯।୬(ସମିସ)**



ବାରିପଦା ପୌର ପରିଷଦ ଅଞ୍ଚଳରେ ବିଭିନ୍ନ ଯୋଜନା ପାଇଁ ୧୧୯ କୋଟି ୫୦ ଲକ୍ଷ ୨୯ ହଜାର ୩୮୨ ଟଙ୍କା ମଞ୍ଜୁର ହୋଇଛି । ବାରିପଦା ସହରରେ ବନ୍ୟାଜଳ ନିଷ୍କାସନ ନିମନ୍ତେ ସରକାରଙ୍କଠାରୁ ୧୦ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ୨୩ କୋଟି ୪୨ଲକ୍ଷ ୨୬ହଜାର ୭୪୧ଟଙ୍କା ଅଟକଳରେ ୧୦ଟି ପ୍ରକଳ୍ପ ହାତକୁ ନିଆଯାଇଛି । ସହରରେ ଥିବା ବାରୁଣୀ, ଦାରୋଗାଡାହି ଓ ବେଲଗଡ଼ିଆ ଶ୍ମଶାନର ପୁନରୁଦ୍ଧାର ନିମନ୍ତେ ୨କୋଟି ୩ଲକ୍ଷ ୩୨ହଜାର ଟଙ୍କା ପ୍ରାପ୍ତ ହୋଇ ପ୍ରକଳ୍ପର ଅଗ୍ରଗତି କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ମାର୍କେଟ କମ୍ପ୍ଲେକ୍ସ ବାବଦରେ ସରକାରଙ୍କଠାରୁ ୧୦କୋଟି ଟଙ୍କା ହସ୍ତଗତ ହୋଇ ଥିବା ବେଳେ ୨୩କୋଟି ୨୪ଲକ୍ଷ ୧ହଜାର ୭୪୧ଟଙ୍କା ଅଟକଳରେ ଷ୍ଟେସନ ବଜାର ହାଟର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇଛି । ସେହିପରି ଜୁବୁଲି ପାର୍କର ନବୀକରଣ ପାଇଁ ସରକାରଙ୍କ ଠାରୁ ୭କୋଟି ୩୭ଲକ୍ଷ ଟଙ୍କା ମିଳିଥିବା ବେଳେ ୨୬କୋଟି ୫୯ଲକ୍ଷ ୯୮ହଜାର ୯ଶହ ଟଙ୍କା ବ୍ୟୟ ଅଟକଳରେ ଉକ୍ତ କାର୍ଯ୍ୟ ହାତକୁ ନିଆଯାଇଛି । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଜନଶୁଣାଣି ସମୟରେ ହସ୍ତଗତ ହୋଇଥିବା ଦରଖାସ୍ତ ମଧ୍ୟରୁ ୨୦୧ଟି ପ୍ରକଳ୍ପ ମଧ୍ୟରୁ ୭୨ଟି ବାବଦରେ ସରକାରଙ୍କ ଉନ୍ନତି ଯୋଜନାରେ ୧୬ କୋଟି ୭୦ଲକ୍ଷ ୭୦ହଜାର ଟଙ୍କା ହସ୍ତଗତ ହୋଇ ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇଛି । ଏହାଛଡା ବାରିପଦା ସହରର ପାଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତି ପାଇଁ ସରକାରଙ୍କ ଗ୍ରାମୀଣ ସହରୀ ରୂପାନ୍ତରିତ ନୀତି ଯୋଜନାରେ ୭ କୋଟି ୫୦ଲକ୍ଷ ଟଙ୍କାର ଅନୁଦାନପ୍ରାପ୍ତ ହୋଇଛି । ଏହି ସମସ୍ତ କାର୍ଯ୍ୟ ବ୍ୟତୀତ ଅନ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟସ୍ତରରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି । ଏଥିସହିତ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାଧନମନ୍ତ୍ରୀ ଆବାସ ଯୋଜନାରେ ୪୨୮ ହିତାଧିକାରୀ ଗୃହ ନିର୍ମାଣ ଶେଷ କରିଥିବା ବେଳେ ୯୩ ଜଣଙ୍କ ଗୃହ ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ଡିପିଆର ମଞ୍ଜୁର ହୋଇଛି । ସେହିପରି ମଧୁବାବୁ ପେନସନ ଯୋଜନାରେ ୨୦୧ ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୪ଜଣ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଇଛି । ଜାତୀୟ ପରିବାର କଲ୍ୟାଣ ଯୋଜନା (ଏନଏଫବିଏସ)ରେ ୭ଜଣ ଅତି ଗରିବ ହିତାଧିକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହାଛଡା ୧୨ ଜଣ ନୂତନ ହିତାଧିକାରୀଙ୍କୁ ପଡ଼ିପତ୍ର (ରାସନ କାର୍ଡ) ପ୍ରଦାନ କରାଯାଇ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ଆଗାମୀ ଦିନରେ ବାରିପଦା ପୌର ପରିଷଦକୁ ରାଜ୍ୟର ଅନ୍ୟତମ ସହର ଭାବେ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ କହିଛନ୍ତି ।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ଝାଡ଼ଖଣ୍ଡମୁହାଁ ଲଘୁଚାପ

■ **ଭୁବନେଶ୍ୱର, ୧୯।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଝାଡଖଣ୍ଡ ମୁହାଁ ହେବା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ଏହି ସ୍ଥିତି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ୨୩-୨୪ ବେଳରକୁ ଆଉ ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ପୁଣି ବର୍ଷା ନେଇ ପାଗ ଅନୁକୂଳ ହେବ। ପରବର୍ତ୍ତୀ ସମୟରେ ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ଆସନ୍ତା ୨ ସପ୍ତାହ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଚଳିତ ଜୁନ୍ ମାସରେ ମୌସୁମୀ ପ୍ରଭାବରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭୩ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଗତ ଜୁନ୍ ମାସ ଆରମ୍ଭରୁ ଏଯାବତ ବର୍ଷାର୍ ପରିମାଣ ଦୁଇଟି ଜିଲ୍ଲା ସୁନ୍ଦରଗଡ଼ ଓ ଦେବଗଡ଼ରେ ମାତ୍ରାଧିକଠୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ୫ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ମାତ୍ରାଧିକ ବର୍ଷା ରେକର୍ଡ ହୋଇଛି। ଏହାସହିତ ୧୫ଟି ଜିଲ୍ଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୭ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ନୁଆପଡା, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିରେ ନିଅଣ୍ଟିଆ ଓ ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି।

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ଏଟିଏମ୍, ଡେବିଟ୍ କାର୍ଡ ଚାର୍ଜ ହେବ ମହଙ୍ଗା

### ଜୁଲାଇ ପହିଲାରୁ ବଦଳିବ ବ୍ୟାଙ୍କିଙ୍ଗ୍ ନିୟମ

### ଆଇଏମ୍‌ପିଏସ୍ କାରବାର ପାଇଁ ନୂଆ ଚାର୍ଜ

■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଜୁଲାଇ ପହିଲାଠାରୁ ଦେଶର ଘରୋଇ ବ୍ୟାଙ୍କଗୁଡ଼ିକରେ କିଛି ନିୟମ ବଦଳିବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ କିଛି କାରବାର ଉପରେ ଲାଗୁ ହେଉଥିବା ଏହାର ସେବା ଚାର୍ଜରେ ପରିବର୍ତ୍ତନ କରିଛି। ସେହି ସମୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟ ଏହାର କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ନିୟମ ବଦଳାଇବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ଏହାର ଏଟିଏମ୍ ଏବଂ ତୁରନ୍ତ ଦେୟ ସେବା (ଆଇଏମ୍‌ପିଏସ୍) କାରବାର ଉପରେ ଲାଗୁ ହେଉଥିବା ଚାର୍ଜରେ ପରିବର୍ତ୍ତନ କରିଛି। ଯଦି ଆପଣ ଗୋଟିଏ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ଏକ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରୁଥାନ୍ତି, ତେବେ କିଛି କାରବାର ପରେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡିବ। ଏଟିଏମ୍ କାରବାର ଉପରେ ନୂତନ ଚାର୍ଜ ପୂର୍ବକ ମେଟ୍ରୋ ସହରଗୁଡ଼ିକରେ ପ୍ରତି ମାସରେ ୩ କାରବାର ମାଗଣା ହେବ। ଅଣ-ମେଟ୍ରୋ (ଛୋଟ) ସହରଗୁଡ଼ିକରେ ପ୍ରତି ମାସରେ ୫ କାରବାର ମାଗଣା ହେବ। ଏହାପରେ ଯଦି ଆପଣ ଟଙ୍କା ଉଠାନ୍ତି (ଆର୍ଥିକ କାରବାର), ତେବେ ଆପଣଙ୍କୁ ପ୍ରତି କାରବାର ପାଇଁ ୨୩ ଟଙ୍କା ଦେବାକୁ ପଡିବ, ପୂର୍ବରୁ ଏହା ▶ପୃଷ୍ଠା-୭

### ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ରିପୋର୍ଟ ୨୦୨୩-୨୪

# ଦେଶରେ ଓଡ଼ିଶାକୁ ୫ମ ସ୍ଥାନ

■ **ଭୁବନେଶ୍ୱର, ୧୯।୬ (ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ପ୍ରକାଶ ପାଇଛି। ତହିଁରେ ଓଡ଼ିଶା ପଞ୍ଚମ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନରେ ଚଣ୍ଡିଗଡ଼ ଥିବାବେଳେ ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୨-୨୩ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ସମୁଦାୟ ହଜାରେ ପଏଣ୍ଟ ମଧ୍ୟରୁ ୨୦୨୨-୨୩ରେ ୫୮୪.୫ ସ୍କୋର ଥିବାବାଳେ ୫୯୫.୬କୁ ବୃଦ୍ଧି ପାଇବା ସହ ପ୍ରଚେଷ୍ଟା-୩ ଗ୍ରେଡ୍‌ରେ ନିଜର ସ୍ଥାନ ବଜାୟ ରଖିଛି।

ବିଦ୍ୟାଳୟ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ପୂର୍ବପରି ସର୍ବାଗ୍ରେ ରହିଛି। ୨୦୨୨-୨୩ରେ ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ଥିବା ଏହି ଜିଲ୍ଲା ଏକମାତ୍ର ଜିଲ୍ଲାଭାବେ ୨୦୨୩-୨୪ରେ ଉତ୍ତମ-୩ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ୨୦୨୨-୨୩ରେ ମାତ୍ର ୧୨ଟି ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ସ୍ଥାନ ପାଇଥିବାବେଳେ ୨୦୨୩-୨୪ରେ ୨୪ ଜିଲ୍ଲା ଏହି ବର୍ଗରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ଜିଲ୍ଲାଗୁଡ଼ିକ ମଧ୍ୟ ଦୁଇଗୁଣା ଭଲ ପ୍ରଦର୍ଶନ କରିଛନ୍ତି। ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ପ୍ରଚେଷ୍ଟା-୨ରେ ରହିଥିବାବେଳେ ଅବଶିଷ୍ଟ ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ରହିଛନ୍ତି। ପୂର୍ବବର୍ଷ ପରି ସର୍ବନିମ୍ନ ପ୍ରଦର୍ଶନ ସହ ରାୟଗଡ଼ା ଜିଲ୍ଲା ଶେଷ ସ୍ଥାନରେ ରହିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ବ୍ୟାପିଲା ଡାଇରିଆ

## ୧୩ ଦିନ ଧରି କଲବଲ ଅଧା ଓଡ଼ିଶା

■ **ଭୁବନେଶ୍ୱର, ୧୯।୬ (ସମିସ):** ଜୁନ୍ ପ୍ରଥମ ସପ୍ତାହରୁ ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଡ଼ାଇରିଆ ଉପକୂଳ ଡ଼େଇଁ ଏବେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛି। ପୂର୍ବରୁ ବରଗଡ଼ରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି; ମାତ୍ର ବଲାଙ୍ଗୀରରେ ଆଜି ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କୁହାଯାଉଛି। ଏମିତିକି ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଜଳୀୟ ଅଂଶର ପରିମାଣ ସଂପୂର୍ଣ୍ଣ କମି ଯାଇଥିବା କୁହାଯାଉଛି। ଦୀର୍ଘ ୧୩ ଦିନ ଧରି ଅଧା ଓଡ଼ିଶା ଝାଡ଼ାବାନ୍ତିରେ କଲବଲ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରୁନି। ଗୋଟିଏ ପରେ ଗୋଟେ ଜିଲ୍ଲାରେ ଆକ୍ରାନ୍ତ ବଢ଼ିବାରେ ଲାଗିଛନ୍ତି। ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଉଛି।

ନିଜ ଜିଲ୍ଲା ବଲାଙ୍ଗୀରରେ ସ୍ଥିତି ଅଣାୟତ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏହାପ୍ରତି ନିଘା ନାହିଁ। କେନ୍ଦ୍ରୀୟ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ କେବଳ ଯାଜପୁର, ଭଦ୍ରକ ଆଦି ଜିଲ୍ଲାରେ ଡାଇରିଆ ରୋକିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜିଲ୍ଲା ପ୍ରତି ସେମିତି କେହି ବିଶେଷ ଦୃଷ୍ଟି ଦେଉନାହାନ୍ତି। ଏମିତିକି କେନ୍ଦ୍ରୀୟ ଟିମ୍ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟରୁ ଡାଇରିଆ ▶ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଦ୍ୱିତୀୟ ମୃତ୍ୟୁ


■ **କେନ୍ଦ୍ରାପଡ଼ା, ୧୯।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ତଥାପି ପ୍ରଶାସନର ନିଦ ଭାଙ୍ଗୁନି। ଏବେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଡାଇରିଆରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତାଙ୍କ ଲଗାତର ଝାଡ଼ାବାନ୍ତି ହେବାରୁ ସେ ଡାଇରିଆର ଶିକାର ହୋଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତାଙ୍କୁ ଡାଇରିଆ ହେବା ପରେ ତାଙ୍କ ବଡ଼ପୁଅ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମଞ୍ଜୁଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚକ୍ରୋଡା ଗ୍ରାମରେ ପହଞ୍ଚି ଗାଁକୁ ସାନିଟାଇଜ କରିଛନ୍ତି। ଏହାକୁ ନେଇ ଏ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଭୟ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମବାସୀଙ୍କୁ ସଚେତନ କରିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚିଦାନନ୍ଦ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଏ ଘଟଣା ଘଟିବା ପରେ ଗାଁରେ ସ୍ୱାସ୍ଥ୍ୟ ସେବା ଦଳ ପହଞ୍ଚି ଗାଁକୁ ସାନିଟାଇଜ କରିଛି। ଲୋକଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଇଛ। ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସଜନୀ ମଲ୍ଲିକ ନାମ୍ନୀ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିଲା।



## ହାଇକୋର୍ଟଙ୍କ ଉଦ୍‌ବେଗ

### ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ପାଇଁ ନିର୍ଦ୍ଦେଶ

■ **କଟକ, ୧୯।୬ (ସମିସ):** କିଛି ଦିନ ହେବ ଝାଡ଼ାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ(ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡ଼ାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ୍ୟ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ୍ୟ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ▶ପୃଷ୍ଠା-୭



## ଆଗକୁ ରଥଯାତ୍ରା

## ବଢ଼ିଲା ଝାଡ଼ାବାନ୍ତି ଭୟ

### ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ଖାଦ୍ୟ

■ **ପୁରୀ, ୧୯।୬ (ସମିସ):** ରାଜ୍ୟରେ ଡାଇରିଆ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି ଝାଡ଼ାବାନ୍ତି। ଏଥିରେ କିପରି ବ୍ରେକ୍ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆକ୍ତାମାକ୍ତା ହୋଇପଡ଼ିଲେଣି। ଏଭଳି ସ୍ଥିତିରେ ଆଗକୁ ଆସୁଛି ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହେବ ପୁରୀରେ। ଏହା ପୂର୍ବରୁ ରାଜ୍ୟରେ ଯଦି ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥାଏ ପୁରୀ ପାଇଁ ବଡ଼ ବିପଦ ସାଜିବା ନେଇ ଆଶଙ୍କା କଲେଣି ଶ୍ରୀକ୍ଷେତ୍ରବାସୀ। ରଥଯାତ୍ରା ପାଇଁ ଏବେ ଡାଇରିଆ ଟେନ୍‌ସନ ବଢ଼ାଇ ଦେଲାଣି। ଏମିତି ବି ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପରସା ଯାଉଥିବାର ଅଭିଯୋଗ ହୋଇଆସୁଛି। ତା' ସାଙ୍ଗକୁ ବର୍ଷା ମଧ୍ୟ ଆସିଲାଣି। ତେଣୁ ରଥଯାତ୍ରାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଗଲାଣି।

ରଥଯାତ୍ରାକୁ ଆଉ ମାତ୍ର ୭ ଦିନ ରହିଲା। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ଲାଗି ଦେଶ ବିଦେଶରୁ ଭକ୍ତଙ୍କ ସମାଗମ ହେବ ପୁରୀରେ। ପ୍ରାୟ ୧୨ରୁ ୧୫ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଶ୍ରୀକ୍ଷେତ୍ରରେ। ହଇଜା ବ୍ୟାପିଥିବା ଅଞ୍ଚଳରୁ ବି ଭକ୍ତ ଆସିପାରନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ସମ୍ଭାବ୍ୟ ବିପଦ ଘନଉଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରଥଯାତ୍ରା ସମୟରେ ପୁରୀର ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଖାଦ୍ୟ, ପାନୀୟ ଆଦି ବଣ୍ଟନ କରିଥା'ନ୍ତି। ଲୋକେ ସେଠାରୁ ଖାଦ୍ୟ ଗ୍ରହଣ ▶ପୃଷ୍ଠା-୭



## ମନ୍ତ୍ରୀଙ୍କୁ ଡାଇରିଆ ଡର

## ଜିଲ୍ଲାପାଳଙ୍କ ହାତକୁ ଟେକିଦେଲେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

### ଡାଇରିଆ ପାଇଁ ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ଯାଏଁ ଛୁଟି

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ ସ୍କୁଲ୍ ବନ୍ଦ

■ **ଭୁବନେଶ୍ୱର, ୧୯।୬ (ସମିସ):** ଖରାଛୁଟି ପରେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ରାଜ୍ୟରେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜିର ଆଶଙ୍କା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମର ସମସ୍ତ ବିଦ୍ୟାଳୟକୁ ଶୁକ୍ରବାର ପାଇଁ ଛୁଟି ଘୋଷଣା କରାଯାଇଛି। ଶନିବାର ଏହି ଦୁଇ ସ୍ଥାନରେ ପାଠପଢ଼ା ଆରମ୍ଭ ହେବ। ସେହିପରି ଡାଇରିଆ ପ୍ରବଣ ଯାଜପୁର ଓ ଭଦ୍ରକ୍ ଜିଲ୍ଲାରେ ମଧ୍ୟ ବିଦ୍ୟାଳୟ ଖୋଲିବ ନାହିଁ। ଯାଜପୁରରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁରୂପ ଭାବେ ଭଦ୍ରକ ଜିଲ୍ଲାରେ ▶ପୃଷ୍ଠା-୭




## ଘରେ ପଶି ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

■ **କେନ୍ଦ୍ରାପଡ଼ା/ଡେରାବିଶ, ୧୯।୬ (ସମିସ):** ଗତ ୪ ଦିନ ମଧ୍ୟରେ ଚାରିଟି ଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋପାଳପୁର ଗଣଦୁଷ୍କର୍ମ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ରେ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସାରା ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ଏକାକୀ ଥିବାବେଳେ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସେ ମୁଣ୍ଡାଳ ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ମଧ୍ୟରାତ୍ରିରେ ଜଣେ ଯୁବକ ଘର ଭିତରକୁ ▶ପୃଷ୍ଠା-୭



## ମାମୁ ଘର ଗାଁ ପୋଖରୀରେ ବୁଡ଼ିଗଲେ ୨ ଭଉଣୀ

■ **ଭଦ୍ରକ/ବାସୁଦେବପୁର, ୧୯।୬ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗାଁରେ ନିଜ ମାମୁ ଘରକୁ ବୁଲି ଆସିଥିବା ୨ଶିଶୁ କନ୍ୟା ପୋଖରୀର ପଡି ମୃତ୍ୟୁବରଣ କରିଛନ୍ତି। ମୃତା ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ କରଣପଲ୍ଲୀ ପଞ୍ଚାୟତ ନାଳିଛକର ରତନ ମଣ୍ଡଳ ନିଜ ପତ୍ନୀ ସହିତ ୪ ବର୍ଷର କନ୍ୟା ନନ୍ଦିନୀ ଓ ୩ ବର୍ଷର କନ୍ୟା ଚାନ୍ଦିନୀକୁ ନେଇ ଶଶୁର ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ନିଜ ଶାଳକକୁ ଧରି କଟକ ମେଡିକାଲ ଯାଇଥିଲେ। ଦୁଇ ଭଉଣୀ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ମାଆ ସେମାନଙ୍କୁ ▶ପୃଷ୍ଠା-୭



ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ବ୍ୟୋମସଙ୍କଟ

ଭାରତର ପ୍ରମୁଖ ବ୍ୟୋମଯାନ ବା ଉଡ଼ାଜାହାଜ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅହମ୍ମଦାବାଦ୍‌ରେ ଡ୍ରିମଲାଇନ୍‌ର ଏଆଇ୧୭୧ ବୋଇଂ ବିମାନର ମର୍ମନ୍ତୁଦ ଦୁର୍ଘଟଣା ପଛର ଅସଲ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଆନ୍ତର୍ଜାତିକ ବିମାନ ସେବା ବୈଷୟିକ ତ୍ରୁଟି କାରଣରୁ ବାତିଲ୍ ହୋଇଚାଲିଛି। ଗତ ସାତ ଦିନ ମଧ୍ୟରେ ୮୬ଟି ବିମାନ ଉଡ଼ାଣ ଶେଷମୁହୂର୍ତ୍ତରେ ବାତିଲ୍ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବିମାନ ସେବାର ଭାବମୂର୍ତ୍ତି ଓ ଯାତ୍ରୀମାନଙ୍କର ଭରସା କ୍ଷୁଣ୍ଣ ହେଉଛି। ବିମାନଯାତ୍ରୀ ମଧ୍ୟ ଏୟାର ଇଣ୍ଡିଆର ଯାତ୍ରୀ ସୁବିଧା ସେବା(କଷ୍ଟମର କେୟାର)ର ମାନ ଦିନକୁ ଦିନ ନିମ୍ନମୁଖୀ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପୃଷ୍ଠଭୂମିରେ ଭାରତର ଏହି ସର୍ବବୃହତ୍ ବିମାନସେବା ସଂସ୍ଥା ତା'ର ଆନ୍ତର୍ଜାତିକ ଉଡ଼ାଣରେ ୧୫% ହ୍ରାସ କରିବାକୁ ଘୋଷଣା କରିଛି। ଏହାପଛର ଆଭ୍ୟନ୍ତରୀଣ କାରଣ ଜଣାପଡ଼ିନାହିଁ; କିନ୍ତୁ ଡ୍ରିମ୍‌ଲାଇନର ଦୁର୍ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଇତିମଧ୍ୟରେ ଏୟାର ଇଣ୍ଡିଆ ମାଲିକାନାରେ ଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ୨୬ଟିର ସୁରକ୍ଷା ଯାଞ୍ଚ ସରିଥିବା ବେଳେ ବୋଇଂ ୭୭୭ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା କମ୍ପାନୀ ସୂଚନା ଦେଇଛି।

ପରିଚାଳନାରେ ଅପାରଗତା କାରଣରୁ ବଢ଼ିଚାଲିଥିବା କ୍ଷତି ପରିମାଣ ୭୦ ହଜାର କୋଟି ଟଙ୍କା ଟପିବା ପରେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ୨୦୨୨, ଜାନୁଆରୀ ୨୭ରେ ଏହାର ମାଲିକାନା ପୁନର୍ବାର ଟାଟା ହାତକୁ ଗଲା। ସେବା ଓ ଉତ୍ପାଦ ଗୁଣବତ୍ତାରେ ସାଲିସ୍ କରୁନଥିବା ଏବଂ ଗ୍ରାହକ ଭରସାଯୋଗ୍ୟ ସଂସ୍ଥା ଭାବରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଟାଟା ଗ୍ରୁପ୍ ଅଧୀନକୁ ଯିବା ପରେ ଏୟାର ଇଣ୍ଡିଆର ଦୁରବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଆଶାନୁରୂପ ପାଖାପାଖି ଗତ ତିନିବର୍ଷ ଭିତରେ ଏୟାର ଇଣ୍ଡିଆର ରାଜସ୍ୱରେ ୨୫% ବୃଦ୍ଧି ଘଟିଥିବା ବେଳେ କ୍ଷତି ପରିମାଣ ୫୦% ଯାଏଁ ହ୍ରାସ ପାଇଛି। ବଜାର ଅଂଶରେ ମଧ୍ୟ ୯.୭%କୁ ବୃଦ୍ଧି ଘଟିଛି। କିନ୍ତୁ ବ୍ୟବସାୟିକ ଲାଭ-କ୍ଷତିରୁ ଊର୍ଦ୍ଧ୍ୱରେ ତର୍ଜମା କଲେ ସମ୍ପ୍ରତି ଏୟାର ଇଣ୍ଡିଆର ଯାତ୍ରୀ ସେବା ମାନରେ ଯେଉଁଳି ଅବକ୍ଷୟ ପରିଲକ୍ଷିତ ହେଉଛି ଏବଂ ଅଭିଯୋଗମାନ ଆସୁଛି ତାହା ସାମଗ୍ରିକ ଭାବେ ଟାଟାର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଏପରିକି ଟାଟା ହାତକୁ ଯିବା ପରେ ଯାତ୍ରୀ ଅଭିଯୋଗମାନ ବଢ଼ିବାରେ ଲାଗିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ଭଙ୍ଗା ଚୌକିରେ ବସି ଯାତ୍ରା କରିବା ଭଳି ଘଟଣାରୁ ଆରମ୍ଭ କରି, ବାତାନୁକୂଳିତ ବ୍ୟବସ୍ଥା କାମ ନ କରିବା, ଟିଭି ନ ଚାଲିବା ଏବଂ ଯାତ୍ରୀମାନଙ୍କ ପ୍ରତି ପରିଚାରିକାମାନେ ସେତେଟା ଦୃଷ୍ଟି ନ ଦେବା ଆଦି ଅତିନିମ୍ନସ୍ତରର ଅଭିଯୋଗମାନ ଏକ ଆନ୍ତର୍ଜାତିକ ସଂସ୍ଥାର ଭାବମୂର୍ତ୍ତି ସହିତ ଯୋଡ଼ି ହୋଇଯିବା ଶୁଭଙ୍କର ନୁହେଁ। ଏହାଛଡ଼ା ୨୦୨୪ରେ ବୈଷୟିକ ତ୍ରୁଟି(ହାଇଡ୍ରୋଲିକ୍ ଫେଲ୍ୟୁର) ପାଇଁ ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍‌କୋ ବିମାନ ଅଧାଆକାଶରୁ ଫେରିବା, ଟଏଲେଟ୍ ଜାମ କାରଣରୁ ଚିକାଗୋରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ପୁଣି ଲେଉଟିବା, ଗତ ଜାନୁଆରୀ ୫ ତାରିଖରେ ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବିମାନର ଇଞ୍ଜିନ କାମ ନ କରିବାରୁ ମଧ୍ୟାକାଶରୁ ବାହୁଡ଼ାଇ ଆଣିବା, ସମୟାନୁବର୍ତ୍ତିତାରେ କ୍ରମାଗତ ଅବହେଳା ଭଳି ଘଟଣାରେ ଟାଟାର ପରିଚାଳନା ଦକ୍ଷତାର ସୁନାମ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ପରିସ୍ଥିତି ଏପରି ହୋଇଛି ଯେ ଟାଟା କମ୍ପାନୀ ଯାହା କିଛି ସୁନାମ ଅର୍ଜନ କରିଥିଲା, କେବଳ ଏୟାର ଇଣ୍ଡିଆ ତାହାକୁ ବୁଡ଼ାଇ ଦେବା ପାଇଁ ଯଥେଷ୍ଟ ବୋଲି ମତ ପ୍ରକାଶ ପାଇଛି। ଏପରିକି ଏବେ ଏହାର ଘରୋଇକରଣ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସେଥିରେ ଡ୍ରିମ୍‌ଲାଇନର ଦୁର୍ଘଟଣା ଭଳି ଅପବାଦ ଯୋଡ଼ି ହୋଇଯାଇଛି। ବିମାନ ଉଡ଼ାଣ ବାତିଲ୍ ହେଲେ କେବଳ ଟାଟା କିମ୍ବା ଏୟାର ଇଣ୍ଡିଆର ଅର୍ଥନୈତିକ କ୍ଷତି ହେଉନାହିଁ, ଏହାର ପ୍ରତିକୂଳ ପ୍ରଭାବ ଯାତ୍ରୀଙ୍କ ବ୍ୟବସାୟ, ଲାଭ-କ୍ଷତି, ସମୟ ଉପରେ ମଧ୍ୟ ପଡୁଛି। ସର୍ବୋପରି ଦେଶର ଅର୍ଥନୀତି ଓ ବାଣିଜ୍ୟିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହେଉଛି।

ଏୟାର ଇଣ୍ଡିଆର ପରିଚାଳନା ଆଗରେ ଏବେ ବହିଃସମସ୍ୟା ତୁଳନାରେ ଆଭ୍ୟନ୍ତରୀଣ ଆହ୍ୱାନ ଅଧିକ। ସଂସ୍ଥା ଅଧୀନରେ ଥିବା ଅଧିକାଂଶ ବିମାନ ପୁରୁଣା ହୋଇଯାଇଥିବା ବେଳେ ପାଇଲଟ୍, କ୍ୟାବିନ୍ କ୍ରୁ, ବୈଷୟିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଧୁନିକ ଓ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ତାଲିମ୍ ଦିଆଯାଉନାହିଁ। ଏହାଛଡ଼ା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇ ଉଦ୍ୟୋଗ ହାତକୁ ପରିଚାଳନା ଆସିଥିବାରୁ ଅଦରକାରୀ ଓ ଅନୁପଯୋଗୀ କର୍ମଚାରୀଙ୍କୁ ହଠାତ୍ ଛଟେଇ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିବା ଏୟାର ଇଣ୍ଡିଆ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଥରେ ଗ୍ରାହକ ଭରସା ତୁଟିଲେ ତାହା ଫେରିପାଇବା ଏତେ ସହଜ ନୁହେଁ। ବିଶେଷକରି ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦିଆଯିବାର ଯେଉଁ ଉତ୍ତରଦାୟିତ୍ୱ ରହିଛି, ସେଥିପ୍ରତି ଟାଟା ଏୟାର ଇଣ୍ଡିଆ କାହିଁକି ଅଗ୍ରାଧିକାର ଦେଉ ନାହିଁ, ତାହା ବୁଝାପଡୁନାହିଁ।

ଏୟାର ଇଣ୍ଡିଆ କେବଳ ଏକ ଗମନାଗମନ କିମ୍ବା ପରିବହନକାରୀ ସଂସ୍ଥା ନୁହେଁ। ଏହି ବ୍ୟବସାୟିକ ଲକ୍ଷ୍ୟରୁ ଊର୍ଦ୍ଧ୍ୱରେ ଏଥିସହିତ ଯୋଡ଼ି ହୋଇଯାଇଛି ଭାରତୀୟତାର ଗର୍ବ ଓ ପ୍ରତୀକ। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଭରସା ଫେରିପାଇବା ସହିତ ଟାଟାର ସୁନାମକୁ ଏଥିସହିତ ସବୁଦିନ ପାଇଁ ଯୋଡ଼ି ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ବିମାନ ସେବାରେ ସାମୟିକ ବାତିଲ୍ ନିଷ୍ପତ୍ତି ଯଦି ହୋଇଥାଏ, ତେବେ ତାହା ସ୍ୱାଗତଯୋଗ୍ୟ। କାରଣ ଯାତ୍ରା ବିଳମ୍ବ କିମ୍ବା ବାତିଲ୍ ହେଉ ପଛକେ ସୁରକ୍ଷିତ ଯାତ୍ରା ସମସ୍ତଙ୍କ କାମ୍ୟ। ଏବେ ମଧ୍ୟ ଭାରତୀୟ ଅର୍ନ୍ତଜାତୀୟ ଉଡ଼ାଣ ପଥର ଏକଚାଟିଆ ମାଲିକାନା ଏୟାର ଇଣ୍ଡିଆ ହାତରେ ରହିଛି। କେବଳ ପରିଚାଳନାରେ ସୁଧାର, ଶୃଙ୍ଖଳା ଓ ସେବା ପ୍ରତି ଅଙ୍ଗୀକାରବଦ୍ଧତା ବଜାୟ ରହିଲେ ଏହି ସଂସ୍ଥା ସଙ୍କଟରୁ ମୁକୁଳି ବିଶ୍ୱ-ବ୍ୟୋମସେବାରେ ସିଂହଭାଗ ଦଖଲ କରିବାରେ ବିଶେଷ କଷ୍ଟ ହେବ ନାହିଁ। ●

## ମାନବର ସେବା ଓ ଅଙ୍ଗୀକାରବଦ୍ଧତା

ମନୋରଞ୍ଜନ ମହାନ୍ତି

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, 'ଆମେ ଗୋଟେ ମର୍ଯ୍ୟାଦାଜନକ ଇଂଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାସ୍ କଲାପରେ ବଡ଼ ସରକାରୀ ଇଂଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତା'କୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।' ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରିଛନ୍ତି ବା କରୁଛନ୍ତି, ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଏବଂ ଦେହାନ୍ତ ହେବାର କିଛିବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, 'ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କେଲରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚିରହି ବିଜ୍ଞାନରେ ଗବେଷଣା ଜାରି ରଖିଲେ ଏବଂ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନ୍‌ଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଏଡ୍ଡି ଷ୍ଟର୍ଣ୍ଣ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ। ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ୍ ଇଓର୍ ଲାଇଫ୍'। ଏଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କ୍‌ରେ ସେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ଚିହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ୍ ପିଟର୍ସ୍ ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ସଂଗ୍ରହାଳୟରେ ସୁରକ୍ଷିତ ହୋଇ ରହିଛି। ତାଙ୍କର ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍‌ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ୍‌ର୍ ରୁଇଜ୍ କହନ୍ତି, 'ଯେତେବେଳେ ମୁଁ ମାଡ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।'

ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍ ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଏକ ସାକ୍ଷାତକାରରେ କହିଥିଲେ, 'ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।' ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲା ବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍. ଆର୍.ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିଶ୍ରୁତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଂକ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସଂପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା।' ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, '୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।'

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଏବଂ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୂପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ; ଏହା ସତ୍ୟ। ●

(ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଔଷଧ ମୁକ୍ତ ଜୀବନ ସମ୍ଭବ

ରାକେଶ ପଣ୍ଡା

ଆଜିର ସମୟରେ ପ୍ରଦୂଷିତ ପରିବେଶ, ଦୂଷିତ ବାୟୁ, ଦୂଷିତ ଜଳ ଓ ରାସାୟନିକ ପଦାର୍ଥ ଉପଯୋଗରେ ଉତ୍ପନ୍ନ ହେଉଥିବା ଶସ୍ୟ ଏବଂ ଖାଦ୍ୟ ପଦାର୍ଥ ଗ୍ରହଣ କରି ପ୍ରାୟ ପ୍ରତିଟି ମଣିଷ ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାଛଡ଼ା ଆଧୁନିକ ଜୀବନଶୈଳୀର ଅଭ୍ୟାସ, ଚାପଗ୍ରସ୍ତ ଦାୟିତ୍ୱବୋଧତା ଓ ଆଳସ୍ୟ ଯୋଗୁଁ ମଣିଷ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ। ପୁଣି ସେଥିରୁ ମୁକୁଳିବା ପାଇଁ ପ୍ରଥମ ସାହାରା ହେଉଛି ଔଷଧ। ଏପରିକି ଔଷଧ ବର୍ତ୍ତମାନ ମଣିଷ ପାଇଁ ଏକ ଅଭ୍ୟାସଗତ ଓ ସ୍ୱାଭାବିକ ଖାଦ୍ୟରେ ପରିଣତ ହୋଇଯାଇଛି। ଏପରିକି, ତାହା ଗୋଟିଏ ପରିବାରର ମାସିକ ଖର୍ଚ୍ଚ ସାରଣୀର ଏକ ଅଂଶ ପାଲଟିଛି।

ଔଷଧ ସେବନର ଅନେକ ଖରାପ ଓ ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ। ଫଳରେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ, ତାହା ଶରୀରରେ ଏକ ନୂଆ ରୋଗ ସୃଷ୍ଟି କରିଥାଏ। ଅତୀତରେ ସାଧାରଣତଃ ଲୋକମାନେ ଏଲୋପାଥି ଔଷଧ କ'ଣ ଜାଣୁନଥିଲେ। ସେତେବେଳର ପାଣି, ପବନ, ପରିବେଶ ଓ ଖାଦ୍ୟପଦାର୍ଥ ଶୁଦ୍ଧ ଥିଲା ଏବଂ ସେମାନେ ଆସନ୍ତା କାଲି କଥା ଚିନ୍ତା କରୁ ନ ଥିଲେ। ଫଳସ୍ୱରୂପ ମାନସିକ ସ୍ତରରେ ଚିନ୍ତାମୁକ୍ତ ଥିଲେ। ଅପରପକ୍ଷରେ, ଅଧିକ ଶାରୀରିକ ପରିଶ୍ରମ କରିବା ସହ ସାଧାରଣ ଦେହ ଖରାପ ହେଲେ ଦେଶୀ ପଦ୍ଧତିରେ ପ୍ରସ୍ତୁତ ହୋଇଥିବା ପ୍ରାକୃତିକ ଜଡ଼ିବୁଟି ଆଦି ବ୍ୟବହାର କରି ରୋଗମୁକ୍ତ ହେଉଥିଲେ।



କିଛିଦିନ ତଳେ ଏକ ଅଞ୍ଚଳରେ ଉଲ୍ଲେଖନୀୟ ଦୃଶ୍ୟ ଦେଖିବାର ସୁଯୋଗ ମିଳିଲା। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ରାଜପ୍ରାସାଦ ପରି ଘର ପଛ ଭାଗରେ ରହିଛି ଏକ ଭଲ ବଗିଚା ଏବଂ ଆଟୁ ଥିବା ଛଣ ଘରଟିଏ। ସେ ଘରେ ଥିଲା, ଶିଳ, ଶିଳପୁଆ, ଚକି, ଢିଙ୍କି, ବଡ଼ ହେମଦସ୍ତା, ଧାନଉଁସା କଡ଼େଇ ଏବଂ ଅତୀତରେ ବ୍ୟବହୃତ ହେଉଥିବା କିଛି ଉପକରଣ। ପଚାରି ଜାଣିଲି ସେ ପରିବାର ଲୋକେ ଏବେ ମଧ୍ୟ ଶିଳରେ ମସଲା ଓ ବିରି ବାଟୁଛନ୍ତି ଏବଂ ଚକି ଓ ଢିଙ୍କିକୁ ଧାନ, ଚାଉଳ ଓ ଗହମ ଆଦିର ବିଭିନ୍ନ ଖାଦ୍ୟପଦାର୍ଥ ତିଆରି ପାଇଁ ବ୍ୟବହାର କରୁଛନ୍ତି। ଘର ଖାଇବା ପାଇଁ ନିଜେ ଧାନ ଉଁସାଇ ଚାଉଳ ଉତ୍ପନ୍ନ କରୁଛନ୍ତି। ଛୋଟ ବାଡ଼ିରେ ନିଜେ ଖାଇବା ମୁତାବକ ଜୈବିକ ଖତ ବ୍ୟବହାର କରି ବିଭିନ୍ନ ପରିବା ଓ ଫସଲ ଉତ୍ପାଦନ କରୁଛନ୍ତି। ଗାଧୋଇବା, ହାତରେ ପୋଷାକ ସଫା କରିବା ଓ ଗଛରେ ପାଣି ଦେବା ନିମନ୍ତେ ହାତ ନଳକୂପ ବ୍ୟବହୃତ ହେଉଛି। ଅଧିକାଂଶ ସମୟରେ ଚୁଲିରେ ରୋଷେଇ ମଧ୍ୟ ହେଉଛି।

ପରିବାରର ମୁରବିଙ୍କ ଦର୍ଶନ ହେଲା ବିଦ୍ୟୁତ ଚାଳିତ ଯନ୍ତ୍ରରେ ନିଜର କାର୍ଯ୍ୟ କଲେ, ମଣିଷ ଅଳସୁଆ ଓ କୋଡ଼ିଆ ହେଇଯିବ। ବିଭିନ୍ନ ପ୍ରକାରର ରୋଗ ଧୀରେଧୀରେ ମାଡ଼ି ବସିବ। ଯଦି ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ନିଜେ ସମ୍ପାଦନ କରିବ ଏବଂ ସେଥିନିମନ୍ତେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବୈଦ୍ୟୁତିକ ଉପକରଣ ବ୍ୟବହାର ନ'କରି ପାରମ୍ପରିକ ଶୈଳୀକୁ ଆପଣେଇବ ତେବେ ଟଙ୍କା ଖର୍ଚ୍ଚ କରି ପ୍ରଭାତରେ ପ୍ରତ୍ୟହ କରୁଥିବା ଆଧୁନିକ ବ୍ୟାୟାମ କରିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ।

ପରିବାରର ପ୍ରତି ସଦସ୍ୟ ପ୍ରତ୍ୟହ ରାତ୍ରିରେ ଶୀଘ୍ର ଶୋଉଛନ୍ତି, ସକାଳେ ଶୀଘ୍ର ଶଯ୍ୟାତ୍ୟାଗ କରୁଛନ୍ତି। ପୁରୁଣା ଢଙ୍ଗରେ ଘର କାର୍ଯ୍ୟ କରୁଛନ୍ତି ଏବଂ ତା'ସହ ସନ୍ତୁଳିତ ଖାଦ୍ୟ ଖାଉଛନ୍ତି। ତେଣୁ ନିରାମୟ ଜୀବନଯାପନ କରିବା ସହିତ ଏଲୋପାଥି ଔଷଧରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି।

ଆଜିର ଏହି ଆଧୁନିକ ଓ ପ୍ରଦୂଷିତ ପରିବେଶ ମଧ୍ୟରେ ଆମେମାନେ ସ୍ୱାସ୍ଥ୍ୟକୁ ସବୁଠାରୁ ବଡ଼ ସମ୍ପଦ ଭାବରେ ମନେ କରି ନିଜର ଜୀବନଶୈଳୀକୁ ପ୍ରାକୃତିକ, ସାଧାରଣ ଓ ନିର୍ଦ୍ଧାରିତ ଢଙ୍ଗରେ ନିର୍ବାହ କରିବା ଉଚିତ। ଆଳସ୍ୟ ତ୍ୟାଗ କରି ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା, ପ୍ରଭାତରେ ସୂର୍ଯ୍ୟଙ୍କର କଅଁଳ କିରଣରେ କିଛି ସମୟ ବିତାଇବା, ବାହାରର ଦୂଷିତ ଓ ପରିତ୍ୟକ୍ତ କ୍ୟାଲୋରି ଯୁକ୍ତ ଖାଦ୍ୟ ପଦାର୍ଥକୁ ତ୍ୟାଗ କରି ଘରେ ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଗ୍ରହଣ, ଯୋଗ, ବ୍ୟାୟମ ଆଦି ପ୍ରତ୍ୟହ କରିବା, ସକାଳୁ କିଛି ସମୟ ଶାରୀରିକ ଶ୍ରମରେ ନିୟୋଜିତ ରଖିବା, ପୁରାତନ ଘରୋଇ ଯନ୍ତ୍ର ଯଥା ଶିଳ, ଶିଳପୁଆ, ଚକି, ଢିଙ୍କିରେ ଘରର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ, ଅଧିକ ସଞ୍ଚୟ କରିବାର ମାନସିକ ଚାପରୁ ନିବୃତ୍ତ ରହି ବର୍ତ୍ତମାନଙ୍କୁ ଅନୁସରଣ କରି କାର୍ଯ୍ୟ କରିବା, ବନ୍ଧୁ ଓ ପଡ଼ୋଶୀଙ୍କର ଧନ, ସମ୍ପତ୍ତି ଓ ରୋଜଗାରରେ ଅତ୍ୟଧିକ ପ୍ରେରିତ ନ'ହୋଇ ନିଜର ଇଚ୍ଛା, ଅଭିଳାଷକୁ ସୀମିତ ରଖିବା, ରାତ୍ର ସମୟରେ ଭୋଜନ କମ୍ ଗ୍ରହଣ କରିବା ଏବଂ ପର୍ଯ୍ୟାପ୍ତ ସମୟ ୭-୮ ଘଣ୍ଟା ଶୋଇବା ଆଦି ପ୍ରାକୃତିକ ଢଙ୍ଗରେ ନିଜର ଜୀବନ ନିର୍ବାହ କରିବା ଉଚିତ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କୁ ପ୍ରାୟତଃ ଡାକ୍ତର ଓ ଡାକ୍ତରଖାନାକୁ ଯିବାକୁ ପଡ଼ିବ ନାହିଁ ଏବଂ ଏଲୋପାଥି ଔଷଧ ମଧ୍ୟ ନିରନ୍ତର ଗ୍ରହଣ କରିବାକୁ ହେବ ନାହିଁ। ●

ବଦାଲୋ(କଟକ)ମୋ: ୯୩୩୭୮୯୭୬୫୦

## ନେତ୍ରଜ୍ୟୋତି ବରଦାୟିନୀ

ଓଜସ୍ୱିନୀ

ବିଶ୍ୱାସ ଓ ବିଜ୍ଞାନ

ପ୍ରାରବ୍ଧ ବା ପୂର୍ବଜନ୍ମ କୃତକର୍ମ ଯୋଗୁଁ କେତେକ ହତଭାବା ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବା ବେଳେ ଆଉ କେତେଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହିତ ନେତ୍ରଜ୍ୟୋତି କ୍ଷୀଣ ହୋଇଯାଏ ବା ଦୃଷ୍ଟିଶକ୍ତି ହରାଇ ଥା'ନ୍ତି। ଆଉ କେତେଜଣଙ୍କ କ୍ଷେତ୍ରରେ ଚକ୍ଷୁରେ କେତେକ ସମସ୍ୟା ଯୋଗୁଁ ମଧ୍ୟ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ଅଧୁନା ଆଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଦୃଷ୍ଟିଶକ୍ତି ସମ୍ପର୍କିତ ଅନେକ ସମସ୍ୟାର ନିଦାନ ହୋଇପାରୁଛି। କିନ୍ତୁ ଶତ ପ୍ରତିଶତ ଦୃଷ୍ଟିଶକ୍ତି ଫେରାଇବାରେ ଏ ପର୍ଯ୍ୟନ୍ତ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିନାହାନ୍ତି। ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରାଇବାରେ ଅସମର୍ଥ ବିଜ୍ଞାନଠାରୁ ବିଜୟ ହାସଲ କରିଛି ଭଗବତ୍ ବିଶ୍ୱାସ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଦୃଷ୍ଟିହୀନ ବ୍ୟକ୍ତିମାନେ ବିଶ୍ୱାସ ବଳରେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇବାର କୃପା ଲାଭ କରିଛନ୍ତି।

ଉତ୍ତର ପ୍ରଦେଶର ଗୋଣ୍ଡ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର୍ ଦୂର ମୁକୁନ୍ଦପୁରରେ ମା' ବାରାହୀଙ୍କ ମନ୍ଦିର ଅଛି। ୫୧ ଶକ୍ତିପୀଠ ମଧ୍ୟରେ ୩୪ ତମ ଶକ୍ତପୀଠ ହେଉଛନ୍ତି ମା' ବାରାହୀ। ପୌରାଣିକ ଆଖ୍ୟାନ ଅନୁଯାୟୀ ଏଠାରେ ମାତା ସତୀଙ୍କର ମାଡ଼ି ପତିତ ହୋଇଥିଲା। ଏଠାରେ ମା' ଜ୍ୟୋତିର୍ପିଣ୍ଡ ଭାବେ ପୂଜା ପାଉଛନ୍ତି। ମାନ୍ୟତା ରହିଛି ଯେ ମା' ବାରାହୀଙ୍କ ଏହି ଶକ୍ତିପୀଠରେ ଭକ୍ତମାନେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ମନ୍ଦିର ପରିସରକୁ ଆଚ୍ଛାଦିତ କରି ରଖିଥିବା ୧୮୦୦ ବର୍ଷ ପୁରୁଣା ଏକ ବିରାଟ ବରଗଛର କ୍ଷୀର ଏବଂ ମା'ଙ୍କ ପାଦୁକା ନୀରକୁ ମା' ବାରାହୀଙ୍କୁ ସ୍ମରଣ କରି ଆଖିରେ ପକାଇବା ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ବାରାହୀଙ୍କ ଆଳତି ଏବଂ ମନ୍ଦିରରେ ପ୍ରଜ୍ୱଳନ ହେଉଥିବା ଦୀପର କଳାକୁ ଆଣି ଅଞ୍ଜନ ଭଳି ଆଖିରେ ଲଗାଇବା ଦ୍ୱାରା ଦୃଷ୍ଟିଶକ୍ତି ଫେରି ଆସିଥାଏ। ତେଣୁ ବିଶେଷ ଭାବେ ନବରାତ୍ରି ସମୟରେ ମା' ବାରାହୀଙ୍କ ପୀଠରେ ଭକ୍ତମାନଙ୍କ ସମାଗମ ଅଧିକ ପରିଲକ୍ଷିତ ହୁଏ। ମା' ବାରାହୀଙ୍କ ଏହି ମନ୍ଦିର ଉତ୍ତରୀ ଭବାନୀ ମନ୍ଦିର ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

ବରାହ ପୁରାଣ କଥା ଅନୁଯାୟୀ, ହିରଣ୍ୟକଶିପୁର ଭାଇ ହିରଣାକ୍ଷଠାରୁ ବସୁଧାଙ୍କୁ ଉଦ୍ଧାର କରିବାକୁ ଶ୍ରୀବିଷ୍ଣୁ ବରାହ ଅବତାର ଧାରଣ କରିଥିଲେ। ଶ୍ରୀବିଷ୍ଣୁ ପାତାଳ ଲୋକକୁ ଯାଇ ହିରଣାକ୍ଷକୁ ସଂହାର କରିବା ପାଇଁ ମା' ବାରାହୀଙ୍କୁ ଆରାଧନା କଲେ। ଶ୍ରୀବିଷ୍ଣୁଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ମା' ବାରାହୀ ମୁକୁନ୍ଦପୁରର ସୁଖନୋଇ ନଦୀ ତଟରେ ଆବିର୍ଭୂତା ହେଲେ। ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ମଧ୍ୟ ଦେଇ ଶ୍ରୀବିଷ୍ଣୁ ପାତାଳପୁରକୁ ଗମନ କରି ହିରଣାକ୍ଷକୁ ସଂହାର କରିଥିଲେ। ଆଜି ମଧ୍ୟ ଉକ୍ତ ସୁଡ଼ଙ୍ଗ ମନ୍ଦିର ଭିତରେ ଅଛି। ତେଣୁ ଭଗବତ୍ ବିଶ୍ୱାସ ରହିଛି ଯେ, ଏଠାରେ ମା' ବାରାହୀ ଭକ୍ତମାନଙ୍କ ସମସ୍ତ ମନସ୍କାମନା ଅବିଳମ୍ବେ ପୂରଣ କରିଥା'ନ୍ତି।

କିମ୍ବଦନ୍ତୀରୁ ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ମନ୍ଦିର ଭିତରେ ଯେଉଁ ସୁଡ଼ଙ୍ଗ ଅଛି, ମାତା ସତୀଙ୍କ ଦୁଇଟି ଦାନ୍ତ ଦ୍ୱାରା ନିର୍ମିତ। ଏଠାରେ ମାତା ସତୀଙ୍କ ଦୁଇଟି ଦାନ୍ତ ପତିତ ହୋଇଥିଲା, ଯାହାକି ପାତାଳଲୋକ ପର୍ଯ୍ୟନ୍ତ ଗର୍ତ୍ତ ହୋଇଯାଇଥିଲା। ଲୋକକଥା ଅନୁସାରେ କୌତୁହଳବଶତଃ ଜଣେ ବ୍ୟକ୍ତି ଏହି ଗର୍ତ୍ତର ଗଭୀରତା ମାପିବା ପାଇଁ ଆସିଥିଲେ। କିନ୍ତୁ ଦେବୀଙ୍କ ପ୍ରକୋପରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଲେ। ପ୍ରାୟ ୪୦୦୦ ମିଟର ପର୍ଯ୍ୟନ୍ତ ଲମ୍ବ ଦଉଡିରେ ପଥର ବାନ୍ଧି ଏହି ଗର୍ତ୍ତ ଭିତରକୁ ଛଡ଼ାଯାଇଥିଲା। କିନ୍ତୁ ଗର୍ତ୍ତର ସଠିକ୍ ଗଭୀରତା ଜଣା ପଡ଼ି ନଥିଲା। ତେଣୁ ଆଜିପର୍ଯ୍ୟନ୍ତ ଏହି ଗର୍ତ୍ତର ସଠିକ୍ ଗଭୀରତା କେହି ଆକଳନ କରିପାରି ନାହାନ୍ତି।

ଈଶ୍ୱରୀୟ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବା ମନୁଷ୍ୟ ପାଇଁ ଏ ସଂସାରରେ ସବୁକିଛି ସମ୍ଭବ। ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ମା' ବାରାହୀଙ୍କ କୃପାରୁ ନେତ୍ରଜ୍ୟୋତି ଫେରି ପାଇଥିବା ଭକ୍ତମାନଙ୍କ ନିଜସ୍ୱ ଦିବ୍ୟ ଅନୁଭୂତି ଓ ଆନନ୍ଦାଶ୍ରୁ। ଏଭଳି ଦୈବୀକୃପା ପାଖରେ ସବୁବେଳେ ଚିକିତ୍ସା ବିଜ୍ଞାନ ହାର୍ ମାନିଛି ଏବଂ ମାନୁଥିବ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

■ ଶ୍ରୀମନ୍ଦିରରେ ପାଟବୋଲା ସେବା ମାମଲା

## ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୯ ।୬(ସମିସ): ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଲା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଙ୍ଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୨୫, ଜୁନ ୧୨ର ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସେହିଭଳି ଏବେ ଚାଲିଥିବା ଉକ୍ତ ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଙ୍ଗରେ ବିଚାର କରିବାକୁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବାଦ ଦେଲେ ସେବା ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ୨୦୨୫, ଜୁନ ୧୨ରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଲା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ମାନେ ପାଟରାବିଶୋୟୀ ସେବକ ଓ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ସେମାନଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଲା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଲା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

## ନବ ଦାସଙ୍କ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ଉ

ଝାରସୁଗୁଡ଼ା/ସମ୍ବଲପୁର,୧୯ ।୬(ସମିସ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ଚଢ଼ଉ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସ୍ୱର୍ଗତ ନବ ଦାସଙ୍କ ବାସଭବନରେ ଗୁରୁବାର ଭୋରୁ ଆୟକର ବିଭାଗ ଚଢ଼ଉ କରିଛି। ସେହିପରି ସମ୍ବଲପୁରରେ ଥିବା ତାଙ୍କ ପୁରୁଣା ବାସଭବନ, ଭିଏସଏସ ମାର୍ଗସ୍ଥିତ ହୋଟେଲ ଏବଂ ଭାଲୁପାଲିସ୍ଥିତ ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି।

ଏହି ଚଢ଼ଉରେ ଆୟକର ବିଭାଗ ସହିତ କିଛି ସିଆର୍‌ପିଏଫ୍ ଯବାନ ମଧ୍ୟ ସାମିଲ ରହିଥିଲେ। ଆୟକର ବିଭାଗ ଚଢ଼ଉ ବେଳେ ଆଉ କୌଣସି ଲୋକଙ୍କୁ ଭିତରକୁ ଛଡା ଯାଇ ନଥିଲା। କେବଳ ଆୟକର ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ଯିବାଆସିବା କରିଥିଲେ। ମଝିରେ ଆୟକର ବିଭାଗର ୨ ଅଧିକାରୀ ବାହାରକୁ କିଛି ସମୟ ପାଇଁ ଯାଇ ପୁଣି ଫେରି ଆସିଥିଲେ। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଘରେ ନଥିବା ବେଳେ ଚଢ଼ଉ ହୋଇଛି। ବର୍ତ୍ତମାନ ଦୀପାଳି ଦାସ ଭୁବନେଶ୍ୱରରେ ଥିବା ବେଳେ ବିଶାଳ ଦାସ ଦିଲ୍ଲୀରେ ଥିବା ସୂଚନା ମିଳିଛି।

## ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

### ଭୁବନେଶ୍ୱରରେ ବିରାଟ ଜନସମାବେଶ ପାଇଁ କଂଗ୍ରେସର ଯୋଜନା

ଭୁବନେଶ୍ୱର,୧୯।୬(ସମିସ): ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଜୁଲାଇ ୭ରୁ ୧୦ ତାରିଖ ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସି ଏକ ବିରାଟ ଜନସଭାକୁ ସମ୍ବୋଧିତ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ସୂଚନା ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଜୁଲାଇରୁ ଏଟିଏମ୍...

ପାଇଁ ୨.୫୦ ଟଙ୍କା,୧୦୦୦ ଟଙ୍କାରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୫ଟଙ୍କା,୧ ଲକ୍ଷ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୧୫ ଟଙ୍କା ଚାର୍ଜ ଦେବାକୁ ହେବ। ତେବେ ଏହି ସମସ୍ତ ଶୁଳ୍କ ଟିକସ ବିନା, ଅର୍ଥାତ୍, ଏଥିରେ ଟିକସ ପୃଥକ ଭାବରେ ଯୋଡାଯିବ। ପ୍ରତି ମାସରେ ତିନିଥର ମାଗଣା ନଗଦ ଉଠାଣ ପରେ, ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯଦି ଗୋଟିଏ ମାସରେ ୧ ଲକ୍ଷରୁ ଅଧିକ ଟଙ୍କା ଉଠାଇଥାନ୍ତି, ତେବେ ଆପଣଙ୍କୁ ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ଟଙ୍କା କିମ୍ବା ୧୫୦ ଟଙ୍କା (ଯେଉଁଟି ଅଧିକ ହେବ) ଶୁଳ୍କ ଦେବାକୁ ପଡିବ। ଡେବିଟ୍ କାର୍ଡରେ ଶୁଳ୍କ ବାବଦ ଏକ ସାଧାରଣ ଡେବିଟ୍ କାର୍ଡ ପାଇଁ ବାର୍ଷିକ ଶୁଳ୍କ ୩୦୦ ଟଙ୍କା ରଖାଯାଇଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ପାଇଁ, ଏହି ବାର୍ଷିକ ଶୁଳ୍କ ୧୫୦ ଟଙ୍କା। ଯଦି କାର୍ଡ ହଜିଯାଏ କିମ୍ବା ନଷ୍ଟହୁଏ, ତେବେ ନୂତନ କାର୍ଡ ପାଇବା ପାଇଁ ୩୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ।

ଆଇସିଆଇସିଆଇ ବ୍ୟାଙ୍କରେ ନଗଦ ଜମା, ଚେକ୍ ଜମା, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ପେ ଅର୍ଡର କଲେ ପ୍ରତି ୧୦୦୦ ଟଙ୍କା ପାଇଁ ୨ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏଥିରେ, ଗୋଟିଏ କାରବାରରେ ସର୍ବନିମ୍ନ ୫୦ ଟଙ୍କା ଏବଂ ସର୍ବାଧିକ ୧୫ ହଜାର ଟଙ୍କା ଶୁଳ୍କ ଲାଗିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଡ୍ରିମ୍ ୧୧, ଏମ୍‌ପିଏଲ୍ ଭଳି ଗେମିଂ ଆପ୍ ପାଇଁ ପ୍ରତି ମାସରେ ୧୦,୦୦୦ରୁ ଅଧିକ ଖର୍ଚ୍ଚ କଲେ ୧% ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ପ୍ରତି ମାସରେ ୪,୯୯୯ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହି କାରବାର ପାଇଁ ପୁରସ୍କାର ପଏଣ୍ଟ ଦିଆଯିବ ନାହିଁ। ସେହିପରି, ଯଦି ଗ୍ରାହକ ପେଟିଏମ୍,ମୋବିକ୍ୱିକ୍, ଫ୍ରିଚାର୍ଜ,ଓଲା ମନି ଭଳି ତୃତୀୟ ପକ୍ଷ ୱାଲେଟରେ ମାସକୁ ୧୦ ହଜାର ଟଙ୍କାରୁ ଅଧିକ ରଖନ୍ତି, ତେବେ ସେଥିରେ ମଧ୍ୟ ୧% ଶୁଳ୍କ ଲାଗୁ ହେବ, ଯାହାର ସର୍ବାଧିକ ସୀମା ମଧ୍ୟ ପ୍ରତି ମାସରେ ୪,୯୯୯ ଟଙ୍କା ହେବ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ...

ରାଜ୍ୟ ସରକାରଙ୍କର ନିଦ ଭାଙ୍ଗୁନାହିଁ। କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ଅପମିଶ୍ରିତ ଜଳ ଉତ୍ତୋଳନ ସ୍ଥାନ ଚିହ୍ନଟ କରାଯାଇଛି। ପାନୀୟ ଜଳ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି। ମାତ୍ର ଅନ୍ୟ ଜିଲ୍ଲାଗୁଡ଼ିକରେ ବିହିତ ପଦକ୍ଷେପ ନ ନେବାରୁ ଅବସ୍ଥା ଧୀରେ ଧୀରେ ସଂଗୀନ ହେବାରେ ଲାଗିଛି। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାବାଡ଼ି କର୍ମୀ ଓ ଆଶା ଦିଦିମାନେ ତୃଣମୂଳସ୍ତରରେ ସଚେତନ କରୁଥିବା କଥା ସରକାର କହୁଥିଲେ ହେଁ ଏହାର ପ୍ରଭାବ ଲୋକେ ଅନୁଭବ କରୁନାହାନ୍ତି।

### ହାଇକୋର୍ଟଙ୍କ ଉଦ୍‌ବେଗ...

ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ,ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସହରରେ ମୋଟ ୩ହଜାର ନଳକୂପରୁ ୨ ହଜାରଟି ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢ଼ଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ କରାଯାଇଛି।

### ଆଗକୁ ରଥଯାତ୍ରା...

କରି ଖାଇବା ପରେ ପ୍ଲେଟ୍ ଏଣେତେଣେ ପକାଇଥା'ନ୍ତି। ସେହିପରି ବହୁ ଲୋକ ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଶୁଅନ୍ତି। ଏଠିସେଠି ଝାଡ଼ା, ପରିସ୍ରା ମଧ୍ୟ କରିଥା'ନ୍ତି। ଏଥିପାଇଁ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ପ୍ରଭୃତି ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡ଼େ। ସେହିପରି ବିଭିନ୍ନ ସାହିଗଳିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ପ୍ରଶାସନ ଏ ସବୁ ପ୍ରତି ସଜାଗ ଏବଂ ସତର୍କ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥାକୁ ସୁଧାରିପାରି ନଥାଏ। ଏହି ସମୟରେ ଝାଡ଼ାବାନ୍ତି ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।

ସେହିପରି ଆଉ ଏକ ସବୁଠୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ଖାଦ୍ୟ ପସରା ମେଲାଇଥା'ନ୍ତି। କିଏ ଡ୍ରେନ୍ ଉପରେ ତ ଆଉ କେହି ନାଳ କଡ଼ରେ ଠେଲା ଲଗାଇ ଯାତ୍ରୀଙ୍କୁ ଖାଦ୍ୟ ଦିଅନ୍ତି। ଅଧିକାଂଶ ଉଠାଦୋକାନୀ ବ୍ୟବହାର କରୁଥିବା ପାଣିର ଶୁଦ୍ଧତାକୁ ନେଇ ବି ଅନେକ ସମୟରେ ପ୍ରଶ୍ନ ଉଠିଛି। ରାସ୍ତାକାଢ଼ ଟ୍ୟାପ୍ ପାଣି ବ୍ୟବହାର କରି ସେମାନେ ଖାଦ୍ୟ ପ୍ରସ୍ତୁତ କରିଥା'ନ୍ତି। ତେବେ ଅନେକ ସମୟରେ ଟ୍ୟାପ୍ ପାଣି ପ୍ରଦୂଷିତ ହେବାର ନଜିର ରହିଛି। ବିଗତ ବର୍ଷରେ ମାଟିତଳେ ପାଇପ୍ ଫାଟି ଯାଇଥିବାବେଳେ ସେହି ପାଇପରୁ ଜଳ ବ୍ୟବହାର କରି ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏପରିକି ଏଥିରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ସେହିପରି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାର ଆଉ ଏକ କାରଣ ହେଉଛି କିଛି ହୋଟେଲ ଏବଂ ରେସ୍ତୋରାଁରେ ବାସିଖାଦ୍ୟ ଦିଆଯାଏ। ପରୋକ୍ଷରେ ଏହା ଝାଡ଼ାବାନ୍ତିର ମଧ୍ୟ କାରଣ ସାଜିଥାଏ। ତେଣୁ ସାମଗ୍ରିକ ଭାବେ ଦେଖିଲେ ରଥଯାତ୍ରା ସମୟ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ ତେବେ ପୁରୀରେ ଯେ ଝାଡ଼ାବାନ୍ତି ନ ବ୍ୟାପିବ ତାହାକୁ ଏଡ଼ାଇ ଦେଇହେବ ନାହିଁ।

### ମନ୍ତ୍ରୀଙ୍କୁ ଡାଇରିଆ...

୨୧ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟର ୧୧ ଜିଲ୍ଲାକୁ ଡାଇରିଆ ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଡାଇରିଆ ଡରରେ ବିଭାଗୀୟ ମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତିରୁ ଏକପ୍ରକାର ଓହରିଯାଇ ଜିଲ୍ଲାପାଳଙ୍କ ହାତକୁ ଏହି ଦାୟିତ୍ୱ ଟେକି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଡାଇରିଆରେ ଅଧିକ ପ୍ରଭାବିତ ଯାଜପୁର ସମେତ ଭଦ୍ରକ ଓ କଟକ ଜିଲ୍ଲାରେ ସ୍ଥିତି ଦେଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେବେ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରିବେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କଟକ ଜିଲ୍ଲାପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଅର୍ଥାତ୍ କଟକ ମହାନଗର ନିଗମ ବ୍ୟତୀତ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ।

ବିଦ୍ୟାଳୟ ଖୋଲିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫାସୁତୁରା, ପାଣି ଟାଙ୍କି, ରାସ୍ତାଘାଟ ଓ ଡ୍ରେନେଜ୍ ପରିଷ୍କାର ପରିଚ୍ଛନ୍ନ କରାଯିବ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଚାଉଳ ଓ ଆନୁସଙ୍ଗିକ ରୋଷେଇ ସାମଗ୍ରୀ ଯାଞ୍ଚ କରିବା, ସୁରକ୍ଷିତ ପିଇବା ପାଣି ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆଜି ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ସଫାସୁତୁରା କରିବା ସହ ପାଠପଢ଼ା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିଛନ୍ତି।

### ଘରେ ପଶି ଯୋଗ...

ପଶି ଥିଲେ। କବାଟ ଭାଙ୍ଗିବା ଶବ୍ଦରେ ଶିକ୍ଷୟିତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଜଣେ ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧି, ହାତରେ ଧାରୁଆ ଅସ୍ତ୍ର ଧରି ଘରେ ପଶିଥିବା ଦେଖି ସେ ପାଟି କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କୁ କାବୁ କରି ନେଇଥିଲା ଓ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ପାଟି ଖୋଲିଲେ ଜୀବନରେ ମାରିଦେବା ପାଇଁ ଯୁବକ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲା। ପୀଡ଼ିତା ବଳପ୍ରୟୋଗ କରି ସମ୍ପୃକ୍ତ ଯୁବକଙ୍କ କବ୍‌ଜାରୁ ମୁକୁଳିବାକୁ ଉଦ୍ୟମ କରିଥିଲେ ହେଁ ସକ୍ଷମ ହୋଇ ନ ଥିଲେ। ଦୁଷ୍କର୍ମ ପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ଯୁବକ ଧମକ ଦେଇ ଚାଲି ଯାଇଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାର ତଦନ୍ତ କରିବା ସହ ମୁଣ୍ଡାଳ ଗାଁର ବାପି ମଲିକ(୨୨) ନାମକ ଜଣେ ଯୁବକକୁ ଅଟକ ରଖିଛନ୍ତି। ଡ଼ାକ୍ତରଖାନାରେ ଚିକିତ୍ସାଧୀନ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ମାମୁ ଘର ଗାଁ...

ଖୋଜାଖୋଜି କରିଥିଲେ। ତେବେ ବହୁ ସମୟ ପରେ ପୋଖରି ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଲୋକସେବକ ମଣ୍ଡଳର...

କୋଷାଧ୍ୟକ୍ଷ, ସମ୍ପାଦକ ଭାବେ କାମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଏବେ ନିକଟରେ ସେ ପୁନର୍ବାର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜିମ୍‌ସାର ପ୍ରତିଷ୍ଠାରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଲବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମଣ୍ଡଳ ସଦସ୍ୟା ନିମିଶା ଅମିନ୍, ଅନୀତା ଗୋଏଲ, ନୈନା ବେନ୍ ଭେକାରିଆ, ମଣ୍ଡଳ ସଭାପତିଙ୍କ ପରାମର୍ଶଦାତା ରାମନାଥ ଝା, 'ସମାଜ' ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।


**AFFIDAVIT**

By virtue of an affidavit executed by before the court of Executive Magistrate Athgarh on Dt. 18.06.2025, I Rita Naik D/o Nodha Naik of Vill-Dhurukudia Po-Megha Ps-Athgarh Dist-Cuttack declared that my actual name is Rita Naik but it was wrongly recorded as Soma Naik in my Aadhar Card. In School certificate and birth certificate my name recorded as Rita Naik. Hence I will be known as Rita Naik in all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & KJ Palace, Samantarapur, Bhubaneswar.

Contact **GADHWAL GROUP** Mob.: 9437015112

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, on dated 16.04.2025, I, Khirода Prasad Rout, S/o Basanta Rout, and son-in-law of Mrs. Draupadi Swain, resident of Bhubaneswar, Khordha, do hereby declare that the name of my Mother-in-law Mrs. Draupadi Swain has been incorrectly recorded as Doupadi Swain in her Aadhaar Card due to a typographical error. The correct name is Draupadi Swain. It is hereby clarified that Doupadi Swain and Draupadi Swain refer to one and the same person. This public notice is issued for the information of all concerned and for necessary correction in official records.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit No. 52, dtd. 18.06.2025 in the court of the Executive Magistrate, Nandapur, Dist-Koraput, I, Jogeswari Burudi have changed my name from Jogeswai Burudi to Jogeswari Burudi. Henceforth I shall be known as Jogeswari Burudi for all purposes.

Sd/- Jogeswari Burudi

**AFFIDAVIT**

I, Savita Agrawal, aged about 51 years, W/o- Kamal Kishor Agrawal, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1202, dtd. 19/06/2025 that now onwards I shall be known as **SABITA AGRAWAL** for all future purposes.

**AFFIDAVIT**

I, Swetarani Rath, aged about 39 years, W/o- Satyajit Joshi, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1201, dtd. 19/06/2025 that now onwards I shall be known as **SWETA JOSHI** for all future purposes.

**BANAPHOOL ENGLISH MEDIUM SCHOOL**

At- Dandusmunda, Telkoi, Keonjhar

(Candidate are DeLed or CT can apply)

**WANTED TEACHERS**

P- 1 (TGT) -Odia, Computer ( M /F)

P - 1 (+2 or +3) - Math ( F) for kg class

Contact - 9658043303, 9337954800

Email- jkodisha@gmail.com

**AFFIDAVIT**

I, Bikram Kumar Tayal, aged about 28 years, S/O- Shreeram Tayal, resident of Dhobapada, Khariar, Po- Khariar, Ps- Khariar, Dist- Nuapada, Pin- 766107, Odisha declare by this affidavit No. 1203, dtd. 19/06/2025, that now onwards I shall be known as **BIKRAM TAYAL** for all future purposes

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025, I, **Bajarang Lal Goel**, formerly known as Bajarang Lal Agrawal, S/o- Late Ramchandra Goel, permanent resident of At-Gargiguda, Ward No.2, Po/Ps-Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Bajarang Lal Agrawal To Bajarang Lal Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Bajarang Lal Goel** (new name).

**Bajarang Lal Goel**

**OFFICE OF THE PRINCIPAL**

**SIDDHARTHA DEGREE COLLEGE, BINKA,**

**DIST- SUBARNAPUR**

No. 383/ Dt. 18.6.25

**WALK-IN-INTERVIEW**

Walk-in-interview for engagement of Guest Faculties in Botany, Chemistry and Political Science and for one PET will be held on dt. 30.06.2025 at 11.00 A.M. Interested candidates having 55% marks at PG level for Lecturer and B.P.Ed for PET may attend the same with all relevant document with Rs. 200/- by cash.

Sd/-Principal-Cum-Secretary
PRINCIPAL
Siddhartha Degree CollegeBinka

**AFFIDAVIT**

I, Rashmita Rout, W/o- Sambit Mohapatra, resident of Kheras, Brahmansailo, Kheras, Dist- Cuttack, PIN-754018, Odisha declared by this affidavit CF No. 65, dtd-18/06/2025 that now onwards I shall be known as **RASMITA ROUT** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 10/02/2025, I **Gagan Chandra Singh**, F/O- Sai Prasad Singh, resident of Village-Pubakhanda, Po/Ps- Niali, Dist- Cuttack, Odisha have changed my minor son Name and date of birth from **SAID PRASAD SINGH to SAI PRASAD SINGH**, and DOB- **18/11/2015 to 18/11/2012**. Henceforth, my minor son name shall be known as **SAI PRASAD SINGH** and his actual DOB is **18/11/2012** for all future purposes.

**Gagan Chandra Singh**

**SAMAGRA SHIKSHA, BARGARH**

NOTICE INVITING TENDER (NIT) for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III"

No. 2279 Dated 19.06.25

Sealed tenders are invited from the reputed & credible Printers / firms / agencies for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III" in two bid systems (Technical & Financial Bid) as detailed below.

The detailed BID document is available in the website http://bargarh.odisha.gov.in & http://osepa.odisha.gov.in. Interested and eligible printer / agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site.

Last date & time for submission of bid is up to 1.30 PM Dt. 30.06.2025.

Opening time & Date is 4.00 PM Dt. 30.06.2025. The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-Cum-Chairman
District Project Coordinator
SS, BARGARH

**AFFIDAVIT**

By virtue of an affidavit sworn before the Executive Magistrate, Bissamcuttack, Dist-Rayagada, Odisha, Vide Affidavit Sl.No. 1605/2025, Dated.13/06/2025, that Sri SARANGADHARA PALAKA of Village-LAKHABHATA, Po-DUKUM, P.S.- BISSAMCUTTACK, Dist.- RAYAGADA Changed the name of his minor son as SHUBHAM PALAKA, date of birth is 18.04.2020 instead of SUVAMO PALAKA, date of birth 14.05.2020 which is wrongly recorded in Aadhaar Card. Hence forth the minor son shall be known as SHUBHAM PALAKA, date of birth is 18.04.2020 as per birth record for all purposes.

Sd/- Deponent

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025, I, **Kanta Devi Goel**, formerly known as Kanta Devi Agrawal, W/o- Bajarang Lal Goel, permanent resident of At-Gargiguda, Ward No.2, Po/Ps-Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Kanta Devi Agrawal To Kanta Devi Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kanta Devi Goel** (new name).

**Kanta Devi Goel**

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର C-558

**OFFICE OF THE MUNICIPAL COUNCIL: JEYPORE**

Phone No.: 06854-231098, email: mbjeypore@gmail.com

Letter No. 2591 / Date 18.06.2025

**Quotation call notice**

Sealed Quotations are inviting for Supply of user fee Books, Jeypore Municipality. The quotation will be received on or before 25.06.2025 1.00 PM and it will be opened on same day at 4.00 PM in presence of the agency or his authorized representatives if any. If the date of opening falls on holidays. Then the next working date will be treated as date of opening at the same time. The authority reserves the rights to reject any or all tender without assigning any reason thereof. The quotational should submit the PAN card & GST Registration certificate along with the quotation.

| Sl. NO. | Description | Unit | Quantity | Rate in Rs. |
|---|---|---|---|---|
| 1 | Supply of user fee Books | | | |

Executive Officer
Jeypore Municipality

OIPR-13079/11/0046/2526

**AFFIDAVIT**

By virtue of an affidavit sworn before **Executive Magistrate Bhubaneswar**, dated **18.06.2025** I, **Debendra Mahapatra** of **Village – Sarangadharpur, P.O. – Raj-Ranpur, P.S.- Ranpur, Dist – Nayagarh, Pin code-752026, Odisha** currently residing at **HIG-10, 7 Acre Area, OSHB, Phase-1, Chandrasekharpur, P.O./P.S.- Chandrasekharpur, Bhubaneswar-751016, Odisha** declare that I have changed the name of my minor daughter from **Snegha Mahapatra** to **Snegdha Mahapatra**. Henceforth, she shall be known as **Snegdha Mahapatra** for all purposes.

**(Debendra Mahapatra)**

**LOST**

I, **Sri Prakash Chandra Mahapatra**, aged about 60 years, Son of Late Rajkishore Mahapatra, resident of Village: Subudhipada, P.O.: Mangalpur, P.S.: Pipili, Dist.: Puri, Odisha, at present residing at Plot No.: 831/2918, Kharavel Vihar, Sishupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, do hereby solemnly affirm that, I have purchased a piece of Land from Ex-Service Mens' Multi-Purpose Co-operative Society Ltd. Bhubaneswar, Dist.: Khordha a Registered Society bearing Regd. No.: 141, dtd. 04.01.1992 under Orissa Co-operative Societies Act, 1962 (Act 2, 1963) rep. by its Secretary Sri Debadas Manasingh vide Doc. No.: 2197, dtd. 29th April, 1997. That, while I was coming from my village to present residential address by my bike on 16.06.2025 on the way the said original Regd. Sale Deed and other relevant documents has been lost/misplaced and inspite of my best efforts I could not trace it out. If anyone found the above Sale Deed and other documents please contact on my **Mob No.: 9393488195**

**OFFICE OF THE NOTIFIED AREA COUNCIL, KOTPAD**

Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058

Phone No:- 06860-295543, E.mail.I.D.:- kotpadnac@gmail.com

Letter No. 1177/NAC Date 18.06.2025

**QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN GANDHICHHAKA, KOTPAD**

Kotpad NAC invites tender for selection of Advertising Agency for Advertisement Space Rights on LED based Display Board at Traffic Square in Gandhi Chhak, Kotpad.

1. The detailed tender document can be down loaded from www.kotpadnac.in or can be availed from office and the Bid Document Cost of Rs. 2,000/- (Rupees Two thousand) only can be paid in shape of Bank Draft drawn in favour of Executive Officer, NAC Kotpad.
2. Bids should be submitted through Registered / Speed post addressed to the Executive Officer, NAC Kotpad.
3. Published Date and time 20.06.2025
4. Bid Document submission Start Date 21.06.2025
5. Bid Submission End Date and time 03.07.2025 at 5.00 PM
6. Bid Opening Date and time 04.07.2025 at 11.00 AM in the office of the undersigned.

Executive Officer
NAC Kotpad

OIPR-13182/11/0031/2526 C-553

ଲଗାଣ ବର୍ଷା

# ଧୋଇଗଲା ଅସ୍ଥାୟୀ ପୋଲ, ଭସାଇନେଲା ସେଣ୍ଟ୍ରିଂ ସାମଗ୍ରୀ

ତୁରୁମୁଙ୍ଗା, ୧୯।୬(ସମିସ)

ଲଗାଣ ବର୍ଷାରେ ବେହାଲ କେନ୍ଦୁଝର ଜିଲ୍ଲା। ସାହାରପଡ଼ା ବ୍ଲକ ଅଞ୍ଚଳରେ ବିପର୍ଯ୍ୟସ୍ତ ପରିସ୍ଥିତି ଦେଖାଦେଇଛି। ନଦୀର ଅସ୍ଥାୟୀ ପୋଲ ଉପରେ ପାଣି ବହୁଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଲଘୁଚାପଜନିତ ୩ ଦିନ ଧରି ବର୍ଷା ଫଳରେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଅସ୍ଥାୟୀ ପୋଲ ଭାସି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉପର ମୁଣ୍ଡ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ତେଲ ନଦୀର ଜଳସ୍ରୋତ ଧୀରେ ଧୀରେ ବୃଦ୍ଧି ପାଇ ଗୁରୁବାର ସକାଳୁ କୁମୁଳାବାହାଳି ନିକଟରେ ୨ ଫୁଟର ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ସାହାରପଡା ବ୍ଲକ ଦାମାହୁଦାଠାରୁ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡାକୁ ଗାଡ଼ି ମୋଟର ଚଳାଚଳ ବ୍ୟାହତ ହୋଇଛି। ସେହିପରି ସରସ୍ୱତୀ ପଡା ନାଳର ଅସ୍ଥାୟୀ ପୋଲ ଧୋଇ ହୋଇଯାଇଛି। ନାଳ ଉପରେ ପୋଲ କାର୍ଯ୍ୟ ଚାଲିଥିବା ବେଳେ ଅସ୍ଥାୟୀ ପୋଲ ଦେଇ ଗାଡ଼ି ମୋଟର ଯା'ଆସ କରୁଥିଲା। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାସିଯିବାରୁ ଖଜୁରୀଡିହାରୁ ସରସ୍ୱତୀ ପଡ଼ାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଏଥିସହ ବୈତରଣୀ ନଦୀରେ ବନ୍ୟାଜଳ ଆସିଥିବାରୁ ପାଟଣା ନିକଟ ବୈତରଣୀ ନଦୀ ଉପରେ ଚାଲିଥିବା ପୋଲ କାମର ସେଣ୍ଟ୍ରିଙ୍ଗ ସାମଗ୍ରୀ ଭାସି ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସାହାରପଡ଼ା ବ୍ଲକ ଅଞ୍ଚଳରେ ୩୫.୦୪ ମିଲିମିଟର, ପାଟଣା ବ୍ଲକ ଅଞ୍ଚଳରେ ୪୬ ମିଲିମିଟର ବର୍ଷା ହେବା ସହ ଚମ୍ପୁଆ ବ୍ଲକ ଅଞ୍ଚଳରେ ୬୧.୦୨ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଫଳରେ ବୈତରଣୀ ନଦୀର ଜଳସ୍ରୋତ ମଧ୍ୟ ବୃଦ୍ଧି ପାଉଛି। ଆଗକୁ ଏଭଳି ବର୍ଷା ଲାଗି ରହିଲେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରାଯାଉଛି।





# ଭୁଶୁଡ଼ିଗଲା ଘର କାନ୍ଥ



**ତେଲକୋଇ, ୧୯।୬(ସମିସ):** ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି ଘରର କାନ୍ଥ। ତେଲକୋଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତର ବେଣାମୁଣ୍ଡା ଗାଁ ମାଟିଆମୁଣ୍ଡା ସାହିରେ ୪ ଦିନଧରି ବର୍ଷା ଫଳରେ ବିପର୍ଯ୍ୟୟ ପରିସ୍ଥିତି ଦେଖାଦେଇଛି। ବିଭିନ୍ନ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇବା ସହ କଚ୍ଚା ଘରଗୁଡ଼ିକର କାନ୍ଥ ଦୁର୍ବଳ ହୋଇପଡ଼ିଛି। ବୁଧବାର ବିଳମ୍ବିତ ରାତିରେ ବେଣାମୁଣ୍ଡା ମାଟିଆମୁଣ୍ଡା ସାହିର ସ୍ୱର୍ଗତ ସଦାନନ୍ଦ ପିଙ୍ଗୁଆଙ୍କ ଝିଅ ରୀନା ରାତିରେ ଖାଇପିଇ ଶୋଇଥିବା ବେଳେ ହଠାତ୍ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଶବ୍ଦ ଶୁଣି ରୀନା ଉଠି ପଡ଼ିଥିଲେ। ହେଲେ ଭାଗ୍ୟବଶତଃ ତାଙ୍କ ଉପରେ କାନ୍ଥ ନପଡ଼ି ବାହାର ପଟକୁ ପଡ଼ିଥିଲା। ଅଳ୍ପକେ ବର୍ତ୍ତିଯାଇଥିଲେ ରୀନା ପିଙ୍ଗୁଆ। ତେବେ ଘରେ ଥିବା ଧାନ ସବୁ ବର୍ଷା ପାଣିରେ ଭିଜି ନଷ୍ଟ ହୋଇଯାଇଛି। ରୀନାଙ୍କ ବାପା ମା'ଙ୍କ ବହୁ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଏକମାତ୍ର ଭାଇ ଭୁବନେଶ୍ୱରରେ ରହୁଛନ୍ତି। ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବାରୁ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଭିନ୍ନ ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ



**ତୁରୁମୁଙ୍ଗା/ଚମ୍ପୁଆ/ରାମଚନ୍ଦ୍ରପୁର, ୧୯।୬ (ସମିସ):** ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଗୁରୁବାର ପାଟଣା ବ୍ଲକ୍‌ର ଦୁଇଟି ପଞ୍ଚାୟତରେ ଗଡ଼ିଛି। ଚାକୁଣ୍ଡାପାଳ ପଞ୍ଚାୟତରେ ସରପଞ୍ଚ ରକ୍ଷାମଣି ନାଏକ, ଜିପିଡିଓ ରଶ୍ମିରେଖା ମହାନ୍ତି, ପିଇଓ ଶୋଭାଶ୍ରୀ ସେଠୀ, ଏଡିଓ ଶାନ୍ତନୁ ପରିଡା, କନିଷ୍ଠ ଯନ୍ତ୍ରୀ ମୋନାଲିସା ଚକ୍ର, ଏପିଓ ଦୀପକ ବେହେରା, ବିଏସଏସ ଓ ଅଭୟ ଚରଣ ଦେହୁରୀ, ବିପିସି ସୁରେନ୍ଦ୍ର ଖଣ୍ଡାଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଇସି ମେମ୍ବରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାଗତ କରିଥିଲେ। ସେହିପରି କଣ୍ଟିଆପଡା ପଞ୍ଚାୟତରେ ବିକାଶ ବାହନ ରଥକୁ ସରପଞ୍ଚ ଲିନା ନାଏକ ସ୍ୱାଗତ କରିଥଲେ। ବିଡିଓଙ୍କ ସହ ଜିପିଡିଓ ରଶ୍ମିରେଖା ମହାନ୍ତି, ଏପିଓ ଦୀପକ ବେହେରା, କିନିଷ୍ଠ ଯନ୍ତ୍ରୀ ମୋନାଲିସା ଚକ୍ର, ଏଡିଓ ସରୋଜ ସାହୁ, ବିଏସଏସ ଓ ଅଭୟ ଦେହୁରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ପ୍ରମୁଖ ବିକାଶ ବାହାନକୁ ସ୍ୱାଗତ କରିଥିଲେ। ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ, ରାସନ୍ କାର୍ଡ ଓ ଜବକାର୍ଡ ଆଦି ବଣ୍ଟନ କରାଯାଇଛି। ବନ ବିଭାଗ ପକ୍ଷରୁ ବନରକ୍ଷୀ ତପସ୍ୱିନୀ ନାଏକ ଚାକୁଣ୍ଡାପାଳ ପଞ୍ଚାୟତରେ ଉପସ୍ଥିତ ଲୋକଙ୍କୁ ଚାରା ବଣ୍ଟନ କରିଥିଲେ।

ସେହିପରି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ଉଚ୍ଚବାଲି ଓ ଜ୍ୟୋତିପୁର ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ କରାଯାଇଛି। ଉଚ୍ଚବାଲି ସରପଞ୍ଚ ରଣଜିତ ନାଏକ, ଏବିଡିଓ ଛୁନୁ ହାଁସଦା, ପିଇଓ ସ୍ୱାଗତିକା ପୃଷ୍ଟି, ଏଡିଓ ନିର୍ମଳ ମହାନ୍ତଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଏମ୍‌ବିକେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଇସି ମେମ୍ବରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାଗତ କରିଥିଲେ। ସେହିପରି ଜ୍ୟୋତିପୁର ପଞ୍ଚାୟତରେ ସରପଞ୍ଚ ସ୍ନେହଲତା ନାଏକ ବିକାଶ ରଥକୁ ସ୍ୱାଗତ କରିଥଲେ। ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବିଡ଼ିଓ ସ୍ମୃତିରଞ୍ଜନ ସାହୁ, ଏବିଡିଓ ଛୁନୁ ହାଁସଦା, ପିଇଓ ଅନୀଲ ମହାନ୍ତ, ଆରଆଇ ରତିରମଣ ମହାନ୍ତ ସମେତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ପ୍ରମୁଖ ବିକାଶ ବାହନକୁ ସ୍ୱାଗତ କରିଥିଲେ।

ଅନ୍ୟପକ୍ଷରେ, ଗୁରୁବାର ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତରେ ପିଇଓ ଜୀବନ ବୈଦାଙ୍କ ସଂଯୋଜନାରେ ସରପଞ୍ଚ ପ୍ରଦିପ ସାହୁ, ସମିତିସଭ୍ୟ ମନ୍ମଥ କୁମାର ସାହୁ, ଏଡିଇଓ ରାଜିବ ଲୋଚନ ସାହୁ, ସ୍ମୃତିରଂଜନ ସାମନ୍ତରାୟ, ସ୍ୱାସ୍ଥ୍ୟକର୍ମୀ, ମିଶନ ଶକ୍ତିର ମହିଳା ସମେତ ସମସ୍ତ ଅଙ୍ଗନବାଡି କର୍ମୀ ସହ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ଅନ୍ତ୍ୟୋଦୟଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ସହ ଭତ୍ତା, ସାସ୍ଥ୍ୟ ବିଭାଗ ପକ୍ଷରୁ ବୟାବନ୍ଦନା ସ୍ୱାସ୍ଥ୍ୟକାର୍ଡ, ରାସନ୍ କାର୍ଡ ବଣ୍ଟନ କରାଯାଇଛି। ସେହିପରି ଅଳତି ପଞ୍ଚାୟତର ପିଇଓ ଅଜୟ ନାୟକଙ୍କ ସଂଯୋଜନାରେ ସରପଞ୍ଚ ପ୍ରିୟବ୍ରତ ବରାଳ, ଏଡିଡିଓ ଅନୀଲ ସ୍ୱାଇଁ ସମେତ ଅନେକ ସରକାରୀ ପଦାଧିକାରୀଙ୍କ ଉପସ୍ଥିତିରେ ଆବାସ ଯୋଜନାର ନୂତନ ରାସନକାର୍ଡ, ଜବକାର୍ଡ ବଣ୍ଟନ କରାଯାଇଛି। ସେହିପରୀ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତରେ ମଧ୍ୟ ବିକାଶ ରଥ ପରିକ୍ରମା କରିଛି। ପିଇଓ ରଶ୍ମିରଂଜନ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରପଞ୍ଚ ସୁଧାରାଣୀ ଧୀର, ଏଡିଇଓ ଜଗବନ୍ଧୁ ଜେନା ସମେତ ସ୍ଥାନୀୟ ସ୍ୱାସ୍ଥ୍ୟ, କୃଷି ବିଭାଗ ସମେତ ଅଙ୍ଗନବାଡି ଏବଂ ମିଶନଶକ୍ତିର ମହିଳା ଯୋଗ ଦେଇଥିଲେ। ପରେ ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିକାଶ ଗାଥାକୁ କଳାକାରମାନେ ପରିପ୍ରକାଶ କରିଥିଲେ।

● ବାଲିଆସାହିରେ ପଚା ପାଣିର ଦୁର୍ଗନ୍ଧ; ଜନଜୀବନ ଅସ୍ତବ୍ୟସ୍ତ

# ଥମୁନି ଡାଇରିଆ ସ୍ଥିତି; ଆନନ୍ଦପୁର ଡାକ୍ତରଖାନାକୁ ରୋଗୀଙ୍କ ସୁଅ



**ଆନନ୍ଦପୁର, ୧୯।୬ (ସମିସ):** ଆନନ୍ଦପୁର ଉପଖଣ୍ଡରେ ଡାଇରିଆ ସଂକ୍ରମଣ ଥମୁନି। ଧୀରେ ଧୀରେ ଏହା ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତି ସୃଷ୍ଟି କରିଛି। ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ତତ୍ପରତା ପ୍ରକାଶ ନପାଇବା ଚିନ୍ତାର କାରଣ ହୋଇଛି। ଆଜି ଦୁଇ ଜଣ ପୁରୁଷ, ଦୁଇ ଜଣ ମହିଳା ଓ ଜଣେ ଶିଶୁ ରୋଗୀ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଅପରପକ୍ଷରେ, ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଡାଇରିଆ ସ୍ଥିତି ଏବେ ସାରା ରାଜ୍ୟର ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ହାଟଡିହି ବ୍ଲକ ଶଙ୍ଖୋ ଗ୍ରାମ ବାଲିଆସାହି ନିମ ଗଡ଼ିଆର ପାଣି ଡାଇରିଆ ବ୍ୟାପିବାର କାରଣ ହୋଇଛି। ପୋଖରୀରେ ପାଞ୍ଚ ବର୍ଷ ହେବ ପଙ୍କ ଉଦ୍ଧାର କିମ୍ବା ଆବର୍ଜନା ସଫେଇ କରାଯାଇ ନଥିବାରୁ ଏହାର ପାଣି ଜୀବାଣୁ ସୃଷ୍ଟି କରିବାର ମୁଖ୍ୟ ଉତ୍ସ ହୋଇଛି। ଗଡ଼ିଆରେ ଖରାଦିନର ଥିବା ପାଣି ସହିତ ନଗଦ ଆଷାଢ ବର୍ଷା ପାଣି ମିଶି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଯାହାଦ୍ୱାରା ଗଡିଆ ଚତୁପାର୍ଶ୍ୱରେ ବାସ କରୁଥିବା ଅଞ୍ଚଳବାସୀଙ୍କର ଦୈନନ୍ଦିନ ଚଳଣି ଅତି ମାତ୍ରାରେ ପ୍ରଭାବିତ ହୋଇଛି। ଏପରିକି ଅନ୍ୟ ଗ୍ରାମର କିମ୍ବା ବନ୍ଧୁବାନ୍ଧବମାନେ ମଧ୍ୟ ଏସବୁ କାରଣରୁ ବାଲିଆସାହିକୁ ଆସିବାକୁ ଘୃଣା କଲେଣି। ଏହାର ତୁରନ୍ତ ପ୍ରତିକାର ସ୍ୱରୂପ ବ୍ଲିଚିଙ୍ଗ କିମ୍ବା ଅନ୍ୟ କୌଣସି ବିଶୋଧକ ପକାଇବାରେ ସରକାରଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସଚେତନ ମହଲରେ ଦାବି ହେଉଛି।

# ହଇଜା ନିୟନ୍ତ୍ରଣ ଲାଗି ସଚେତନତା

**ବେଲବାହାଳି,୧୯।୬(ସମିସ):** ଆନନ୍ଦପୁର ପଞ୍ଚାୟତସମିତି ପକ୍ଷରୁ ବିଭିନ୍ନ ଢାବା, ହୋଟେଲ, ମିଠା ଦୋକାନ, ଫାଷ୍ଟଫୁଡ ଆଦି ଜଳଖିଆ ଦୋକାନକୁ ୭ ଦିନ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିକଟସ୍ଥ ଯାଜପୁର ଜିଲ୍ଲା ଏବଂ ଘସିପୁରା ବ୍ଲକ ବାଟୋ ପଞ୍ଚାୟତରେ ଡ଼ାଇରିଆ, ହଇଜା ରୋଗରେ ଦୁଇ ଜଣଙ୍କ ଜୀବନ ଗଲା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ବେଲବାହାଳି ପଞ୍ଚାୟତ ପକ୍ଷରୁ ସରପଞ୍ଚ ଦୀପ୍ତି ସାହୁଙ୍କ ନେତୃତ୍ୱରେ ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ଫାଷ୍ଟଫୁଡ, ମିଠା ଓ ଜଳଖିଆ ଏବଂ ଗୁପଚୁପ ଦୋକାନକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବଜାର କମିଟିର ସଭାପତି ତାପସ ଜେନା, ସାଂସଦ ପ୍ରତିନିଧି ଅନାଦି ସାହୁ, ପୂର୍ବତନ ଜିଲ୍ଲା ପରିଷଦ ପ୍ରଭାକର ସାହୁ, ବୀରକିଶୋର ସାହୁ, ବିଶ୍ୱମ୍ବର ଦାସ, ଭାଗୀରଥି ସାହୁ, ରବି ସାହୁ, ରାଜ ସାହୁ, କୁନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ

# ଅବସରପ୍ରାପ୍ତ ଶିକ୍ଷାଧିକାରୀଙ୍କ ଘରୁ ଲୁଟ୍

**ତୁରୁମୁଙ୍ଗା/ଚମ୍ପୁଆ, ୧୯।୬(ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ବରପଦା ଗ୍ରାମର ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଝାଡ଼େଶ୍ୱର ମହାନ୍ତଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ନଗଦ ୫୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା, ଦାମୀ ଶାଢ଼ି ସହ ଇନଭଟର ଚୋରି ହେଇଛି। ଦୁର୍ବୃତ୍ତମାନେ ଘରେ ନଥିବାର ସୁଯୋଗ ନେଇ ଏହି ଲୁଟ୍‌ତରାଜ କରିଛନ୍ତି। ଏନେଇ ବାରିଆ ଥାନାରେ ଶ୍ରୀ ମହାନ୍ତ ଅଭିଯୋଗ କରିବା ପରେ ବାରିଆ ପୁଲିସ ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ଏକ ବରଦେଖା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ଗ୍ରୀଲର ଚାବି ଭାଙ୍ଗି ଘର ଭିତରେ ପଶି ୪ଟି ରୁମର ଚାବି ସହ ପଲଙ୍କ ବକ୍ସକୁ ଭାଙ୍ଗି ଲୁଟ କରିଛନ୍ତି। ବାରିଆ ଥାନା ଏସ୍‌ଆଇ ଅନୁସୟା ସେଠୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଜାରି ରଖିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପୂର୍ବାଭ୍ୟାସ



**ହାଟଡ଼ିହୀ,୧୯।୬(ସମିସ):** ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ହୋଇଯାଇଛି। କାର୍ଯ୍ୟକ୍ରମଟି କନିଷ୍ଠଯନ୍ତ୍ରୀ କ୍ଷେତ୍ରମୋହନ ମାରାଣ୍ଡିଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ଏଥିରେ ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, କନିଷ୍ଠ ପ୍ରକଳ୍ପ ଯନ୍ତ୍ରୀ ଶାଶ୍ୱତ ରଞ୍ଜନ ଦାସ, ଜିପିଇଓ ଶରତଚନ୍ଦ୍ର ବେଜ, ଜିପିଡ଼ିଓ ଦିବ୍ୟଜ୍ୟୋତି ଦାସ, ପିଇଓ ତୁଳାରାମ ମାରାଣ୍ଡି, ଏଡିଇଓ ଶର୍ମିଷ୍ଠା ମଲ୍ଲିକ, ସରପଞ୍ଚ ଅନୁରାଧା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏନଡିଆରଏଫ ଇନ୍ସପେକ୍ଟର ଆର.ଏସ୍ ରଣାଙ୍କ ତତ୍ତ୍ୱାବଧାନରେ ଏନଡିଆରଏଫ ହାବିଲଦାର ଯୁଗଳ କିଶୋର ବେହେରା ଅଭ୍ୟାସ ପ୍ରଦର୍ଶନ ଦେଖାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନଏମ, ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀଙ୍କ ସମେତ ପଞ୍ଚାୟତରୁ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ହାବଳେଶ୍ୱର ପଞ୍ଚାୟତର କନିଷ୍ଠଯନ୍ତ୍ରୀ କନିଷ୍ଠଯନ୍ତ୍ରୀ ଧୀରେନ୍ଦ୍ର ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଏଥିରେ ଏପିଡି ଡିଏସ୍ ଶୁଭଦର୍ଶୀ ଯୋଶୀ, ସରପଞ୍ଚ ରମାକାନ୍ତ ନାୟକଙ୍କ ସମେତ ପିଇଓ ଉମାକାନ୍ତ ସା, ଏଡିଇଓ, ଏଏନଏମ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଆଇତିପୁର ପଞ୍ଚାୟତ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ବିଜୟ ମଲ୍ଲିକ ଏହାର ପରିଚାଳନା ଦାୟିତ୍ୱ ତୁଲାଥିବା ବେଳେ ଏଥିରେ ପିଇଓ ମହେଶ୍ୱର ସାହୁ, ଏଡିଇଓ ଦୁଃଖୀରାମ ସୋରେନ, ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଜେନାଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନଏମ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦପୁରଅଗ୍ନିଶମବାହିନୀ ଓ ଏନଡିଆରଏଫ ଟିମ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା।

# ପାଟଣା ପଞ୍ଚାୟତସମିତିର ନିର୍ଦ୍ୱନ୍ଦ୍ୱ ଅଧ୍ୟକ୍ଷା ନିର୍ବାଚିତ ହେଲେ ବୀଣାପାଣି



**ତୁରୁମୁଙ୍ଗା, ୧୯।୬(ସମିସ):** ପାଟଣା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ବୁଧବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ଲକସଭା ଗୃହରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ ଏକମାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପାଟଣା ବ୍ଲକର ୨୦ଟି ପଞ୍ଚାୟତସମିତି ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୪ ଜଣ ସପକ୍ଷରେ ରହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ସମର୍ଥିତ ୬ ଜଣ ସମିତିସଭ୍ୟ ଅନୁପସ୍ଥିତ ଥିଲେ। କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ତଥା ସାହାରପଡା ବିଡିଓ ରଣଜିତ ମହାନ୍ତ ବୀଣାପାଣିଙ୍କୁ ଅଧ୍ୟକ୍ଷା ଭାବେ ବିଜୟୀ ଘୋଷଣା କରିଥିଲେ। ଏହି ଉପନିର୍ବାଚନରେ ଜିପିଡିଓ ରଶ୍ମିରେଖା ମହାନ୍ତି ସହଯୋଗ କରିଥିଲେ। ଶ୍ରୀମତୀ ନାୟକ ବିଧିବଦ୍ଧ ଭାବରେ ବିଜେପି ସାମିଲ ହୋଇଛନ୍ତି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ବିଜେପି କୃଷକ ମୋର୍ଚ୍ଚା ସଭାପତି ରାଧାକାନ୍ତ ମହାନ୍ତଙ୍କ ସମେତ ବିଜେପି କର୍ମୀ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ଗତ ଏପ୍ରିଲ୍ ୪ରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇ ବ୍ଲକ ସଭାଗୃହରେ ମତଦାନ ହୋଇଥିବା ବେଳେ ପାଟଣା ବିଧାୟକଙ୍କୁ ମିଶାଇ ମୋଟ୍ ୩୪ଜଣ ସଭ୍ୟସଭ୍ୟା ଅନାସ୍ଥା ସପକ୍ଷରେ ମତଦାନ କରିଥିବାରୁ ସୁକାନ୍ତି ଅଧ୍ୟକ୍ଷା ପଦ ହରାଇଥିଲେ। ଉପାଧ୍ୟକ୍ଷା ଶ୍ରୀମତୀ ନାଏକ ଭାରପ୍ରାପ୍ତ ଅଧ୍ୟକ୍ଷା ଦାୟିତ୍ୱ ତୁଲାଉଥିଲେ।

ଚମ୍ପୁଆ ରେଞ୍ଜରେ ହାତୀ ଉତ୍ପାତ

# ୪ ଘର ଭାଙ୍ଗିବା ସହ ଖିନ୍‌ଭିନ୍ କଲେ ବିବାହ ସାମଗ୍ରୀ

**ତୁରୁମୁଙ୍ଗା, ୧୯।୬(ସମିସ):** ରାତି ପାହିଲେ ଝିଅ ବାହାଘର। ବନ୍ଧୁବାନ୍ଧବଙ୍କ ଭିଡ଼ ହୋଇଥାନ୍ତା। ଏହା ପୂର୍ବରୁ ସବୁକିଛି ଖିନ୍‌ଭିନ କରି ଦେଇଛନ୍ତି ହାତୀପଲ। ଧାର ଉଧାର କରି ଆଣିଥିବା ରାସନ ସାମଗ୍ରୀକୁ ଖାଇ ନଷ୍ଟ କରିବା ସହ ଟେଣ୍ଟକୁ ଭାଙ୍ଗି ଦେଇଛନ୍ତି ହାତୀପଲ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍ ପଦ୍ମପୁର ଗ୍ରାମରେ ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଗ୍ରାମର ଦ୍ୱିତୀକୃଷ୍ଣ ନାଏକଙ୍କ ଝିଅ ବବିତାଙ୍କ ବିବାହ ହୋଇଥାନ୍ତା। ଏଥିପାଇଁ ଦ୍ୱିତୀକୃଷ୍ଣ ବିବାହ ସାମଗ୍ରୀ ଆଣିବା ସହ ଭୋଜି ପାଇଁ ରାସନ ସାମଗ୍ରୀ ମଧ୍ୟ ଆଣିଥିଲେ। ହେଲେ ରାତିରେ ହଠାତ ଏକ ୨୭ ଟିକିଆ ହାତୀପଲ ଗାଁ ଭିତରକୁ ପଶି ଗ୍ରାମରେ ୪ଟି ଘର ଭାଙ୍ଗିଦେବା ସହ ଘରର ଝରକାକୁ ଭାଙ୍ଗି ଚାଉଳ, ଡାଲି, ଚିନି, ଆଳୁ ପିଆଜ, ମୁଢ଼ି ବସ୍ତାକୁ ଟେକି ନେଇ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଦିନମଜୁରିଆ ଭାବେ କାମ କରି ଝିଅ ବାହାଘର କରୁଥିବା ଦ୍ୱିତିକୃଷ୍ଣ ଏବଂ ତାଙ୍କ ପରିବାର କିପରି ଶୁକ୍ରବାର ବାହାଘର କରି ବନ୍ଧୁବାନ୍ଧବ, ବରଯାତ୍ରୀଙ୍କୁ ଭୋଜି ଦେବେ ସେ ଚିନ୍ତାରେ ପଡ଼ିଛନ୍ତି। ବନ ବିଭାଗ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ବଜାର ଅଞ୍ଚଳ ଅସୁରକ୍ଷିତ; ସିସି କ୍ୟାମେରା ଲଗାଇବାକୁ ଦାବି




**ବେଲବାହାଳି,୧୯।୬(ସମିସ):** ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ବେଲବାହାଳି ବଜାର ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ଲଗାଇବାକୁ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। କେନ୍ଦୁଝର ଜିଲ୍ଲାର ବେଲବାହାଳି ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ବେଶ୍ ଜଣାଶୁଣା। ଏହି ଅଞ୍ଚଳରେ ପ୍ରତ୍ୟେକ ଦିନ ବ୍ୟବସାୟିକ କ୍ଷେତ୍ରରେ ଜିନିଷ ଆମଦାନୀ ଓ ରପ୍ତାନି ହୋଇଥାଏ। ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବ୍ୟବସାୟ ଏଠାରେ ହୋଇଥାଏ। ଏହି ବଜାର ଅଞ୍ଚଳ ଉପରେ ପ୍ରତ୍ୟେକ ଦିନ ପାଖାପାଖି ୫ ପଞ୍ଚାୟତର ୧୦ ହଜାର ଜନସାଧାରଣଙ୍କ ସମାଗମ ହୋଇଥାଏ। ବେଲବାହାଳି ବଜାର ଅଞ୍ଚଳ ଦେଇ ୨୦ନଂ ଜାତୀୟ ରାଜପଥକୁ ପ୍ରତିଦିନ ଶହ ଶହ ଗାଡ଼ିଠାରୁ ଆରମ୍ଭ କରି ଅନେକ ଯାତ୍ରୀବାହୀ ଏବଂ ସ୍କୁଲ ବସ, ଜରୁରିକାଳୀନ ଗାଡ଼ି ସହିତ ବଡ଼ ବଡ଼ ଯାନବାହନ ମଧ୍ୟ ଚଳାଚଳ କରିଥାନ୍ତି। ପ୍ରତ୍ୟେକ ଦିନ ଭୋର ପ୍ରାୟ ସାଢେ ୩ଟାରୁ ରାତ୍ର ୧୧ଟା ଯାଏ ଏହି ବଜାରରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଅନ୍ୟପଟେ ବଜାର ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ଥାଇ ମଧ୍ୟ କିଛି ସ୍ଥାନରେ ଲାଇଟ ଅଚଳ ହୋଇପଡ଼ିବାରୁ ରାତିରେ ବଜାର ଅନ୍ଧାରମୟ ଦିଶୁଛି। ଫଳରେ ବ୍ୟବସାୟକୁ ନେଇ ସଦାସର୍ବଦା ଚଳଚଞ୍ଚଳ ରହୁଛି। ଅନେକ ସମୟରେ ବାଇକ, ମୋବାଇଲ, ଟଙ୍କା, ସୁନା ଅଳଙ୍କାର ଆଦି ଚୋରି ହୋଇଥିବା ଚିତ୍ର ସାମନାକୁ ଆସୁଛି। ସେହିପରି ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡା ଗ୍ରାମରେ ବିଭିନ୍ନ ସମୟରେ ଗାଡି ଚୋରି ଡକାୟତି ଭଳି ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ କ୍ୟାମେରା ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ବେଲବାହାଳି ବଜାର କମିଟିର ସଭାପତି ତାପସ ଜେନା, ସମ୍ପାଦକ ମୋହନ ଚରଣ ସାହୁ, ସଞ୍ଜୟ ଦାସ, ମାନସ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ରଞ୍ଜନ ସାହୁ, ଭୀମସେନ ସାହୁ, ବାପୁନ ସାହୁ, ସନ୍ତୋଷ ସାହୁ, ହେମନ୍ତ ମାଝୀ, ତ୍ରିଲୋଚନ ସାହୁଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓରାଳି-ଶାଳଣିଆଁ ରାସ୍ତା ବିପର୍ଯ୍ୟସ୍ତ; ଗମନାଗମନରେ ବାଧା

ହାଟଡ଼ିହୀ,୧୯।୬(ସମିସ)





ଓରାଳି-ଶାଳଣିଆଁ ରାସ୍ତାଟି କଳିଗାଁ, ଅଁରା, ଶାଳଣିଆଁ, ହାବଳେଶ୍ୱର, ଗେଡ଼ମା, ଆଇତିପୁର, ଡଅଁର, ସଡ଼ଙ୍ଗ ଆଦି ପଞ୍ଚାୟତର ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଉପରେ ପ୍ରାୟ ୫୦ ଗାଁର ଲୋକେ ଗମନାଗମନ କରିଥା'ନ୍ତି। ଗମନାଗମନର ସୁବିଧା ନେଇ ୨୦୧୯ରେ ଉକ୍ତ ରାସ୍ତାର ମରାମତି କରାଯାଇଥିଲା। କିଛିଦିନ ଅନ୍ତରରେ ତାହାର ମରାମତି କାର୍ଯ୍ୟ ମଧ୍ୟ ହୋଇଥିଲା। କିଛିମାସ ହେବ ରୀତିମତ ଭାବେ ଏହି ରାସ୍ତାଦେଇ ପ୍ରତିଦିନ ଅନେକ ଭାରୀଯାନ ଏବଂ ଟ୍ରାକ୍ଟର ବେପରୁଆ ଭାବେ ଗମନାଗମନ ହେତୁ ଏବେ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ତ୍ତମାନ ଏହି ରାସ୍ତାଦେଇ ବାଇକ ଆରୋହୀଙ୍କ ସହ ୪ଚକିଆ ଯାନବାହନ ଯା'ଆସ କରିପାରୁ ନାହାନ୍ତି। ଏପରିକି ରୋଗୀ ନେଇ ଆମ୍ବୁଲାନ୍ସ ଗଲାବେଳେ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ପାଇଁ ବେଳେ ବେଳେ ଅଟକି ଯାଉଛି। ବର୍ଷା ହେଲେ ଖାଲରେ ପାଣି ଜମି ଗାଡ଼ି ଚାଳକଙ୍କୁ ଭ୍ରମିତ କରୁଛି। ଏହି ରାସ୍ତାର କଳିଗାଁ ଛକଠାରୁ ଶାଳକଣିଆଁ ଛକ ଯାଏଁ ବିରାଟ ଗର୍ତ୍ତ ହୋଇଥିବାରୁ ଗତକାଲିଠାରୁ ଲଘୁଚାପଜନିତ ବର୍ଷା ଯୋଗୁଁ ମୁଖ୍ୟମନ୍ତ୍ରୀ ବସ୍ ଚାଳକ ଭ୍ରମିତ ହୋଇ ଅନେକ ସମୟ ଧରି ଅଁରା ଛକରେ ବସ୍ ଅଟକାଇ ରଖିଥିଲେ। ଚାଲିଚାଲି ଯାଇ ବାଡ଼ି ଦ୍ୱାରା ଗର୍ତ୍ତର ଗଭୀରତା ମାପିବା ପରେ ଗାଡ଼ି ନେଇ ଯାଇଥିଲେ। ଏହିସବୁ ଗର୍ତ୍ତ ପାଇଁ ଜରୁରିକାଳୀନ ଗାଡ଼ିଗୁଡ଼ିକ ମଧ୍ୟ ରୋଗୀ ନେଇ ଯା'ଆସ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଯାନବାହନଗୁଡ଼ିକ ମଧ୍ୟ ଖରାପ ହୋଇ ରାସ୍ତା ମଝିରେ ପଡି ରହୁଛି। ଏହି ରାସ୍ତାଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ଜନସାଧାରଣଙ୍କ ଗମନାଗମନକୁ ଆଖି ଆଗରେ ରଖି ଏହି ରାସ୍ତାର ପୁନଃ ମରାମତି ପୂର୍ବରୁ ଅସ୍ଥାୟୀ ଭାବେ ମରାମତି କରିଦେଲେ ଏବେ ଲୋକେ ସୁରୁଖୁରୁରେ ଗମନାଗମନ କରିପାରନ୍ତେ ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

## ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

ବାରିପଦା, ୧୯ ।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଭୋଳାଗଡ଼ିଆ ଗ୍ରାମର ଯୁବ କବି ଫାଗୁ ବାସ୍କେଙ୍କୁ ସାନ୍ତାଳୀ ଭାଷା ବର୍ଗରେ ତାଙ୍କ ସନ୍ତାଳୀ କବିତା ସଂଗ୍ରହ 'ଆଳା ସାଅଁ ଇଞ୍ଜ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ



ପୁରସ୍କାର-୨୦୨୫ ପାଇଁ ଚୟନ କରାଯାଇଛି । ଫାଗୁ ବାସ୍କେ ସମରାୟ ବାସ୍କେ ଓ ସାକ୍ରା ବାସ୍କେଙ୍କ ଜ୍ୟେଷ୍ଠ ପୁତ୍ର । ସାତ ଭାଇ-ଭଉଣୀ ମଧ୍ୟରୁ ସେ ବଡ଼ । ସେ ଏବେ ବାଙ୍ଗରିପୋଷି ବ୍ଲକର ବ୍ରାହ୍ମଣଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁମ୍ଭୀରମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ସହଯୋଗୀ ଶିକ୍ଷକଭାବେ କାର୍ଯ୍ୟରତ । ଶ୍ରୀ ବାସ୍କେ ସାନ୍ତାଳୀ ସାହିତ୍ୟରେ ରୁଚି ରଖିବା ସହ ସନ୍ତାଳୀ ଭାଷାର ଡିଜିଟାଲ ଉନ୍ନତି ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ସେ ସନ୍ତାଳୀ ଉଇକିପିଡିଆର ସଂସ୍ଥାପକ ସଦସ୍ୟ ଓ ସନ୍ତାଳୀ ଇ-ମ୍ୟାଗାଜିନ୍ 'ବିରମାଳି'ର ସହ-ସଂସ୍ଥାପକ ଏବଂ ସମ୍ପାଦକ । ସାନ୍ତାଳୀ ଭାଷା ସାହିତ୍ୟକୁ ଡିଜିଟାଲକରଣ କରୁଥିବା ରାମଜିତ ଟୁଡୁ ଏବଂ ଆର୍ ଅଶ୍ୱିନୀ ବଞ୍ଜନ ମୁର୍ମୁଙ୍କ ପ୍ରମୁଖ ସହଯୋଗୀ । ଫାଗୁ ବାସ୍କେଙ୍କ ସମଗ୍ର ଜିଲ୍ଲା ଏବଂ ଓଡ଼ିଶାର ସାନ୍ତାଳ ସମ୍ପ୍ରଦାୟ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

### ହଇଜା ସ୍ଥିତି ସମୀକ୍ଷା ପାଇଁ ଜିଲ୍ଲାପାଳଙ୍କ ଭର୍ଚୁଆଲ ବୈଠକ

# ସ୍ୱାସ୍ଥ୍ୟ, ପାନୀୟଜଳ ବିଭାଗ ସଜାଗ ପାଇଁ ନିର୍ଦ୍ଦେଶ



ବେତନଟୀ, ୧୯।୬(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯେଭଳି ଭାବରେ ହଇଜା ନିଜର କାୟା ବିସ୍ତରା କରିବା ଆରମ୍ଭ କରିଛି ସେନେଇ ଜିଲ୍ଲାକୁ ଆଲର୍ଟ ରହିବାକୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳ ବୁଧବାର ସନ୍ଧ୍ୟାରେ ଏକ ଭର୍ଚୁଆଲ ବୈଠକ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପୂର୍ବକ ହଇଜା ସ୍ଥିତି ବାବଦରେ ସମୀକ୍ଷା କରିଛନ୍ତି । ବିଶେଷକରି ସ୍ୱାସ୍ଥ୍ୟ ଓ ପାନୀୟଜଳ ବିଭାଗ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାର, ବିଇଓ ବିପ୍ଳବ କରଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ବିଶେଷକରି ଦୂଷିତଜଳଠାରୁ ଦୂରେଇ ରହିବାକୁ ଲୋକଙ୍କୁ ସଚେତନ କରାଇବା ସହିତ ଆବଶ୍ୟକସ୍ଥଳେ ଫୁଟାପାଣି ପିଇବା ବାବଦରେ ପରାମର୍ଶ ଦେବାକୁ କହିଥିଲେ । ଆସନ୍ତା ୨୦ରୁ ସ୍କୁଲ ଖୋଲିବାକୁ ଥିବାରୁ ଛାତ୍ରାବାସଗୁଡିକର ପରିମଳ ବ୍ୟବସ୍ଥା ସାଙ୍ଗକୁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ହେମକାନ୍ତ ସଏ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଫାଷ୍ଟଫୁଡ ଏବଂ ଜଳଖିଆ ଦୋକାନୀ ଯେଭଳି ବାସିଖାଦ୍ୟ କିମ୍ବା ସଂକ୍ରମିତ ଖାଦ୍ୟ ରଖିବେନାହି ସେନେଇ ମଧ୍ୟ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ଏବଂ କ୍ଲୋରିନ ବଟିକା ଯୋଗାଇବା ଉପରେ ଆଲୋଚନା କରିଥିଲେ । ମୋଟାମୋଟି ଉପରେ ହଇଜାସ୍ଥିତି ଉପରେ ସବୁବେଳେ ଆଲର୍ଟ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଭଏସ୍ ଅଫ ମିଡିଆର ପ୍ରଥମ ସାଙ୍ଗଠନିକ ବୈଠକ



ବେତନଟୀ, ୧୯।୬(ସମିସ): ଭଏସ ଅଫ ମିଡ଼ିଆ ଓଡ଼ିଶା, ସାମ୍ବାଦିକ ଶାଖାର ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅହମ୍ମଦାବାଦର ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ଶାଖାର ସଭାପତି ସାମ୍ବାଦିକ ରାଜେଶ କୁମାର ଖଣ୍ଡେଲୱାଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଭଏସ ଅଫ ମିଡ଼ିଆ ରାଜ୍ୟ ଶାଖା ସଭାପତି ପ୍ରଭାତ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ସଞ୍ଜୀବ ସାଏ, ଟି ବାଲାଜୀ ପାତ୍ର, କୋଷାଧ୍ୟକ୍ଷ ସରୋଜ କୁମାର ମୁଦୁଲି ମଞ୍ଚାସିନ ରହି ମାର୍ଗଦର୍ଶନ କରିଥିଲେ । ବେତନଟୀ, ବଡ଼ସାହି, ମୋରଡା ଅଞ୍ଚଳରୁ ୨୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ ବିଭିନ୍ନ ସ୍ଥାନରେ ସାମ୍ବାଦିକଙ୍କୁ ଖବର ଲେଖାକୁ ନେଇ ବିରୋଧ ଓ ଆକ୍ରମଣ ହେଉଥିବାରୁ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ମୁଖ୍ୟମତିଥି ମତ ରଖିଥିଲେ । ଏଥିସହ ଭୋଏସ ଅଫ ମିଡ଼ିଆର ଭାରତ ଶାଖା ପକ୍ଷରୁ ପ୍ରତ୍ୟେକ ସାମ୍ବାଦିକଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଦେବା ସହିତ ଦୁଃସ୍ଥ ସାମ୍ବାଦିକଙ୍କୁ ବାସଗୃହ ଯୋଗାଇବା ଉପରେ ଆଲୋକପାତ କରିଥିଲେ । ବୈଠକରେ ସାମ୍ବାଦିକ ଧରଣୀଧର ମହାନ୍ତି, ଭବାନୀ ଶଙ୍କର ପରିଡ଼ା, ସତୀଶ କୁମାର ସାହୁ, ଉଦିତ କୁମାର ପରିଡ଼ା, ହରିଶ ଚନ୍ଦ୍ର ସାମଲ, ଚିନ୍ମୟ କୁମାର ମିଶ୍ର, ନିରଞ୍ଜନ ମହାନ୍ତ, ଲାଲମୋହନ ନାଏକ, ଦୀପକ ମହାନ୍ତ, ଅଜିତ ମହାରଣା, ମନୋଜ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତକ ଥିଲେ ।

### ● ଗୁଜୁରାଟରୁ ଗାଁରେ ପହଞ୍ଚିଲା ଦାଦନଙ୍କ ମୃତଦେହ

## କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସରୁ ଓହ୍ଲାଇ ଦେଲେନି ଶବ



ବେତନଟୀ, ୧୯ ।୬(ସମିସ): ଗୁଜୁରାଟର ମୋରବି ଥାନା ଅଧୀନ ରୁଚିମଣ୍ଡଳ ଏରିଆ ଏକ ମାର୍ବଲ କମ୍ପାନୀରେ ଦାଦନଭାବେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତଦେହ ଏକ ଜଳାଶୟରୁ ଉଦ୍ଧାର ହୋଇଥିଲା । ବୁଧବାର ସକାଳେ ମୃତଦେହ ପୈତୃକ ଗାଁ ବେତନଟୀ ଥାନା ଖଡିଶୋଳ ପଞ୍ଚାୟତ କରଞ୍ଜିଆ ଗ୍ରାମରେ ପହଞ୍ଚିଥିଲା; ହେଲେ କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ମୃତକ ଜଣକ ହେଉଛନ୍ତି ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଜଗନ୍ନାଥ ବେହେରା (୩୨) । ସେ ଫେବୃଆରୀରେ ଗୁଜୁରାଟ ଦାଦନ ଖଟିବାକୁ ଯାଇଥିବା ବେଳେ ୩ଦିନ ପୂର୍ବରୁ ତାଙ୍କର ମୃତଦେହ ସେଠାକାର ଏକ ଜଳାଶୟରୁ ମିଳିଥିଲା । ପରେ ପୁଲିସ ବ୍ୟବଚ୍ଛେଦ କରାଇଥିଲା । ବୁଧବାର ମୃତଦେହ ଗୁଜୁରାଟରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସଯୋଗେ କରଞ୍ଜିଆରେ ପହଞ୍ଚିଠଲା । ଶବ ପହଞ୍ଚିବା କ୍ଷଣି ଲୋକେ ଉତ୍ତ୍ୟକ୍ତ ହୋଇ ଆମ୍ବୁଲାନ୍ସକୁ ଅଟକ ରଖିବା ସହିତ ମୃତଦେହ ଓହ୍ଲାଇ ଦେଇ ନ ଥିଲେ । ଫଳରେ ଉତ୍ତେଜନା କ୍ରମଶଃ ବଢ଼ିଚାଲିଥିଲା । ପରେ କରଞ୍ଜିଆ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିବାର ସମ୍ଭାବନା ଏବଂ ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସଡକପଥରେ ବାରିପଦା ଗସ୍ତକୁ ଦୃଷ୍ଟିରେ ରଖି ସଙ୍ଗେସଙ୍ଗେ ବାରିପଦା ତହସିଲଦାର ସପନ କୁମାର ସାହୁ, ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ ପ୍ରମୁଖ ଗାଁରେ ପହଞ୍ଚି ବୁଝାସୁଝା କରିଥିଲେ । ଗୁଜରାଟ ଯାଇଥିବା ମଧ୍ୟସ୍ଥି ବେତନଟୀ ଉପକଣ୍ଠ ରେଣୁଗାଁ ଗ୍ରାମର ହରିନାରାୟଣ ମହାନ୍ତଙ୍କ ପୁଅ ଅନିଲ ମହାନ୍ତ ୧ ଲକ୍ଷ ଟଙ୍କା ଏହିପରି ୧ ଲକ୍ଷ ୭୦ହଜାର ଟଙ୍କାର ନଗଦ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିସହିତ ଆବଶ୍ୟକ କାଗଜପତ୍ର ଦାଖଲ କରିବାପରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମଧ୍ୟ ଯଥାସମ୍ଭବ ସହାୟତା ରାଶି ପ୍ରଦାନ କରାଯିବା ନେଇ ତହସିଲଦାର ସପନ କୁମାର ସାହୁ ସୂଚନା ଦେଇଛନ୍ତି ।

### ● ମାଟି କାନ୍ଥ ଭିତରେ ଚାଲିବ ପିଏମଶ୍ରୀ ସ୍କୁଲରେ ଶିକ୍ଷାଦାନ

## ପିଲାଙ୍କ ସୁରକ୍ଷାକୁ ଦୃଷ୍ଟି ଦେଉନି ପ୍ରଶାସନ



ଜାଣିଶୁଣି ଉଦ୍‌ଘାଟନ କରାଇଲେ ବିଡ଼ିଓ; ତଦନ୍ତ ଦାବି

ମୋରଡ଼ା, ୧୯।୬(ସମିସ): ମୋରଡ଼ା ନିର୍ବାଚନ ମଣ୍ଡଳୀଟି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିଧାନସଭା କ୍ଷେତ୍ର । ଗତ ୧୩ ତାରିଖରେ ବ୍ଲକର ଗଡ଼ିଗାଁ ବିଦ୍ୟାଳୟକୁ ପିଏମଶ୍ରୀ ବିଦ୍ୟାଳୟଭାବେ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ, ଏହି ବିଦ୍ୟାଳୟଟି ପୂର୍ବ ସରକାରଙ୍କ ୫-ଟି ଯୋଜନାରେ ୪ଟି ନୂତନ ଶ୍ରେଣୀ ଗୃହ ନିର୍ମାଣ ସହିତ ପୁରୁଣା ଘର ମରାମତି, ସ୍କୁଲ ପରିସରରେ ଟାଇଲସ, ନୂତନ ଗେଟ ସହ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥିଲା । ବିଦ୍ୟାଳୟର ୬ଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ଗୃହଗୁଡିକ ଫଟା ମାଟିକାନ୍ଥ ବିଶିଷ୍ଟ ଥିବାବେଳେ ଆଜବେଷ୍ଟସରେ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରା ଦେଖିବା ଭଳି ଅବସ୍ଥା ହୋଇଛି । ତେବେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟି ନ ଦେଇ ସମସ୍ତ କୋଠରୀଗୁଡିକୁ ବାହାରୁ ରଙ୍ଗ ଦେବା ସହ ପୂର୍ବ ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକୁ ଲୁଚାଇ ପିଏମଶ୍ରୀ ଯୋଜନାରେ ଉଦଘାଟନ କରାଯାଇଛି । ଫଳରେ ବିଡ଼ିଓ ଅଣାକର ନାୟକଙ୍କ ପ୍ରତି ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଡ଼ିଓ କେଉଁ ଉଦ୍ଦେଶ୍ୟ ରଖି ଏପରି କାର୍ଯ୍ୟ କରିଛନ୍ତି ତାହା ତଦନ୍ତ ସାପେକ୍ଷ । ଏ ନେଇ ବିଡ଼ିଓ ଶ୍ରୀ ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ

ବାରିପଦା, ୧୯ ।୬(ସମିସ): ବାରିପଦା ମଧୁବନ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଆନୁକୂଲ୍ୟରେ ଏକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ



ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ବାରିପଦା ପୌର ପରିଷଦ, ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଓ ପରିଚାଳନା ସମିତି ମଧୁବନ ୱାର୍ଡ଼ ନଂ ୯ ଓ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳନା କରିଥିଲେ । ଆଶ୍ରୟସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ମୁଖ୍ୟବକ୍ତା ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜରୁରିକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ, ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଓଡ୍ରାଫର ଅରୁଣ କୁମାର ମହାନ୍ତ, ଅବସରପ୍ରାପ୍ତ ଅଧକ୍ଷ ଡ.କୁଞ୍ଜବନ ପୃଷ୍ଟି, କାଉନସିଲର ମୂର୍ଚ୍ଛନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସକାଳେ ଏକ ଉଦାହରଣ ବାର୍ତ୍ତା ଭାବେ ବାଲେଶ୍ୱର ଜିଲା ଚାନ୍ଦିପୁର ନିକଟରେ ଲଘୁଚାପ ସୃଷ୍ଟି ହୋଇ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ତା'ର ପ୍ରଭାବ ଜନିତ ବିପର୍ଯ୍ୟୟ ମୁକାବିଲା ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଲୋକଙ୍କୁ ବନ୍ୟାରୁ ନିଜକୁ ରକ୍ଷା, ସାପ କାମୁଡ଼ା ଓ ବଜ୍ରପାତ ସମୟରେ ସଚେତନ ରହିବା ସମ୍ପର୍କରେ ଓଡ୍ରାଫ ତରଫରୁ ତାଲିମ ଦିଆଯାଇଥିଲା ।

**ବେତନଟୀ:** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ବ୍ଲକସ୍ତରୀୟ ଏକ ଆଲୋଚନାଚ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଡିଓ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା ଏବଂ ବ୍ଲକ କର୍ମଚାରୀ ରଞ୍ଜନ କିଶୋର ବେହେରା ପ୍ରମୁଖୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ବନବିଭାଗ, ଅଗ୍ନିଶମ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମଧ୍ୟ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ହେବାକୁଥିବା ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟର ପୂର୍ବ ଏବଂ ପରବର୍ତ୍ତୀ ପ୍ରସ୍ତୁତି ତଥା ପଦକ୍ଷେପ ବାବଦରେ ଆଲୋଚନା କରାଯାଇଥିଲା । ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ସ୍ଥିତିରେ ନିଜକୁ ଶାରୀରିକ ଏବଂ ମାନସିକସ୍ତରରେ ପ୍ରସ୍ତୁତ ରଖିବା ସହିତ ସାମାନ୍ୟ ସତର୍କ ଏବଂ



ସଚେତନାତା ଦ୍ୱାରା ହାତପାଆନ୍ତାରେ ମିଳୁଥିବା ବିଭିନ୍ନ ସାଧାନ ସାମଗ୍ରୀ ଦ୍ୱାରା କିଭଳି ନିଜର ଏବଂ ଅନ୍ୟମାନଙ୍କ ଧନଜୀବନର ସୁରକ୍ଷା କରାଯାଇପାରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଗୁରୁବାର ପାଟଳୀପୁରା ପଞ୍ଚାୟତ ଅଧୀନ ବେଲାଣପୁରାସ୍ଥିତ ବହୁମୁଖୀ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଏକ ମକଡ୍ରିଲ କାର୍ଯ୍ୟକ୍ରମ ରହିଛି । ଫୋର୍ଡ ସମ୍ପାଦକ ସନ୍ତୋଷ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**କପ୍ତିପଦା:** କପ୍ତିପଦା ବ୍ଲକ ପେଡ଼ାଗଡ଼ି ପଞ୍ଚାୟତ କରପଦାଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ୧୯ ତାରିଖରେ ଏକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ପାଇଁ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ମନୋରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଭ୍ୟ ସିରୁ ସୋରେନ, ଅଗ୍ନିଶମ ବିଭାଗର ମୁଖ୍ୟ ଅଧିକାରୀ ନରେନ୍ଦ୍ର ରାଉତ, ପଞ୍ଚାୟତ ବିକାଶ ଅଧିକାରୀ ପ୍ରମୋଦ ରଞ୍ଜନ ନାଏକ, ଏବିଇଓ ଲକ୍ଷ୍ମୀଧର ସିଂ, ଘନଶ୍ୟାମ ସିଂ, କୃଷି ଓଭରସିଅର ସଞ୍ଜିବ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଜୀବନ ପଟ୍ଟନାୟକ, ପଞ୍ଚାୟତ ଅଧିକାରୀ ଦାସମତ ଟୁଡୁ ପ୍ରମୁଖ ଉପସ୍ଥିତ ରହି ବନ୍ୟା, ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ନିଜକୁ ପ୍ରସ୍ତୁତ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଅଗ୍ନିଶମ ବାହିନୀର ଅଧିକାରୀ ଶ୍ରୀ ରାଉତଙ୍କ ତତ୍ତ୍ୱାବଧାନରେ ଟିମ୍ ମେମ୍ବର ନବୀନ କୁମାର ପାତ୍ର, ରମଣୀ ରଞ୍ଜନ ଦାଶ ଓ ଅଜିତ କୁମାର ନାଏକ ଉଦ୍ଧାର କାର୍ଯ୍ୟରେ କୌଶଳ ଓ ନିରାପଦ ମୁକାବିଲାର ଅଭ୍ୟାସ ପ୍ରଦର୍ଶନ କରିଥିଲେ । ଆରମ୍ଭ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ଆଶିଷ କୁମାର ମଲ୍ଲିକ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସମ୍ପାଦକ ଅଜୟ କୁମାର ନାୟକଙ୍କ ପରିଚାଳନାରେ ବିଭିନ୍ନ ବିଭାଗର କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଏଏନଏମ, ଅଙ୍ଗନବାଡ଼ି କର୍ମୀ, ଏସଏଚଜିଇର ସଭ୍ୟା, ବ୍ୟାଙ୍କ ମିତ୍ର, ସିଆରପି, ଗ୍ରାମବାସୀ ତଥା ଯୁବଗୋଷ୍ଠୀ ଉପସ୍ଥିତ ଥିଲେ ।



## ଅବକାରୀ ବିଭାଗର ଚଢଉ; ୨ କୋର୍ଟଚାଲାଣ

ବେତନଟୀ, ୧୯ ।୬(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ବୁଧବାର ଦୁଇଟି ସ୍ଥାନରେ ଚଢଉକରି ଚୋରା ଦେଶୀମଦ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ମାଣତ୍ରୀ ଉପକଣ୍ଠ ଆଙ୍କପୁରା ଗ୍ରାମର ଲିଟୁ ସିଂ ଏବଂ ବେତନଟୀ ଉପକଣ୍ଠ ଶୁଖିଲାହାର ସାମିଲ ମହୁଲିଆ ଗ୍ରାମର ଠାକୁରଦାସ ମୁର୍ମୁ । ଉଭୟଙ୍କ ନିକଟରୁ ମୋଟ ୨୭ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି । ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ବିମାନ ଦୁର୍ଘଟଣାରେ ମୃତକଙ୍କ ସ୍ମୃତିସଭା

ବେତନଟୀ, ୧୯ ।୬(ସମିସ): ବେତନଟୀ କଲେଜ ଛାତ୍ରଛାତ୍ରୀ ସଂଗଠନ ପକ୍ଷରୁ ନିକଟରେ ଗୁଜୁରାଟର ଅହମ୍ମଦାବାଦଠାରେ ଘଟିଯାଇଥିବା ଛାତିଥରା ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ମହମବତୀ ଯାତ୍ରା ସାଙ୍ଗକୁ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ନୀରବପ୍ରାର୍ଥନା ପୂର୍ବକ ଦିବଂଗତ ଆତ୍ମାଙ୍କ ସଦଗତି କାମନା ପୂର୍ବକ ଶୋକବ୍ୟକ୍ତ କରାଯାଇଥିଲା । ଏହି ଅବସରରେ କଲେଜ ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୁମୁରି କାନ୍ଦୁଛି ଶୀର୍ଷା ଐତିହ୍ୟ ପୀଠ ମେରୁମଠ

# ସରକାରଙ୍କ ବିମୁଖତାରୁ ଲୋପ ପାଉଛି ଔଷଧୀୟ ଉଦ୍ୟାନ

ସାରସକଣା, ୧୯ ।୬(ଅକ୍ଷୟ ସାହୁ): ଭୁବନେଶ୍ୱରରୁ ୨୯୩ କିମି ଅଥବା ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରୁ ପ୍ରାୟ ୪୧ କିମି ଦୂରରେ ଜାତୀୟ ରାଜପଥ ୪୯ ଓ ୧୮ ନମ୍ବର ମିଶ୍ରଣ ସ୍ଥଳ ଝାରପୋଖରିଆରୁ ମାତ୍ର ୧୦କିମି ବ୍ୟବଧାନରେ ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ଗାଁରେ ଅବସ୍ଥିତ । ନଦୀର ଗୋଟିଏ ପଟେ ଓଡ଼ିଶା ରହିଥିବା ବେଳେ ଅନ୍ୟପଟେ ଝାଡଖଣ୍ଡ ସାଙ୍ଗକୁ ବଙ୍ଗୀୟ ଚାଷୀଙ୍କ ବିସ୍ତୀର୍ଣ୍ଣ ଅଞ୍ଚଳ ମଧ୍ୟ ରହିଛି । ସୁବର୍ଣ୍ଣରେଖା ନଈକୂଳ ୫୬ ଏକର ପରିମିତ ଘଞ୍ଚ ଔଷଧୀୟ ଗଛରେ ପରିପୂର୍ଣ୍ଣ ଭୂଖଣ୍ଡ ଉପରେ ମହିମା ଧର୍ମର ପ୍ରବର୍ତ୍ତକ ମହିମା ଗୋସାଇଁଙ୍କ ଉଦ୍ୟମ ଏବଂ ମୟୂରଭଞ୍ଜର ପୂର୍ବତନ ମହାରାଜା ଯଦୁନାଥ ଭଞ୍ଜ (୧୮୨୮-୧୮୬୩) ଙ୍କ ରାଜତ୍ୱ ସମୟରେ କଟକ ଜିଲ୍ଲା ବଳି ନିକଟ ମାଳବିହାରପୁରରୁ ଆସିଥିବା ଘାସିରାମ ବାବା ସିଦ୍ଧ ମହିମା ସାଧୁଙ୍କ ଦ୍ୱାରା ୧୮୩୧ ମସିହାରେ ପ୍ରତିଷ୍ଠା ହୋଇଥିଲା ମହିମା ଆଶ୍ରମ; ଯାହାକି ଶୀର୍ଷା ମେରୁମଠ ନାମରେ ଜିଲ୍ଲା, ଓଡ଼ିଶା ଏବଂ ଝାରଖଣ୍ଡ ଓ ପଶ୍ଚିମବଙ୍ଗ ପାଇଁ ଏକ ଖ୍ୟାତି ସମ୍ପନ୍ନ ସ୍ଥାନ । ଏହି ପୀଠ ଜିଲ୍ଲାରେ ମହିମା ଅଲେଖ ଧର୍ମର ଏହା ମୂଳ ପୀଠ । ତେବେ ସାଧୁଙ୍କ ତଥ୍ୟ ଅନୁସାରେ ମହିମା ଗୋସାଇଁଙ୍କ ଜ୍ଞାତସାରରେ ଶୀର୍ଷା ମେରୁମଠର ପ୍ରତିଷ୍ଠା ହୋଇଥିଲେ ହେଁ ମହିମା ସ୍ୱାମୀ ଏଠାକୁ କେବେ ଆସିନାହାଁନ୍ତି କି ଆସିବାର କୌଣସି ପ୍ରମାଣ ମଧ୍ୟ ଏ ଯାଏ ମିଳିନାହିଁ । ମଠ ପ୍ରତିଷ୍ଠା ହେବାର ଅର୍ଦ୍ଧଶତାବ୍ଦୀ ପରେ ଘାସିରାମ ବାବା ୧୮୮୧ରେ ମଠ ପରିସରରେ ପ୍ରତିଷ୍ଠା କରିବା ଅନ୍ତେ ୧୯୦୧ ମସିହାରେ ଉନ୍ନୀତ ନବକିଶୋର ବାବା ମଠର ମୁଖ୍ୟରୂପେ ଯୋଗଦେଲେ । ତାଙ୍କ ସମୟରେ ହିଁ ଶୀର୍ଷା ମେରୁ ମଠର ପ୍ରସିଦ୍ଧି ଓ ପ୍ରତିଷ୍ଠା ବୃଦ୍ଧି ପାଇବାରେ ଲାଗିଲା । ମାସେ ଧରି ଚାଲୁଥିବା ପାରମ୍ପରିକ ମେଳାକୁ ସେତେବେଳର ଓଡ଼ିଶା ପ୍ରସିଦ୍ଧ ଅନ୍ନପୂର୍ଣ୍ଣା ଥିଏଟର୍ସ ଓ ବେଣିରାମପୁର ଅପେରା ଦଳ ଆସି ଯାତ୍ରା ମଞ୍ଚସ୍ଥ କରିଥିବା ଆଜି ବି ସ୍ମୃତି ରହିଛି । ମୂଳ ମଠର କିଛି ଅଂଶ ଓ ଧୂନି ମନ୍ଦିର ସାଂଗକୁ ଯଜ୍ଞ କୁଣ୍ଡ ଆଦି ୧୯୪୫ ମସିହାରେ ଧ୍ୱଂସ ପାଇଯାଏ । ମାତ୍ର ବିସ୍ମୟର କଥା ଧୂନିର ଅଗ୍ନି କିନ୍ତୁ ନିର୍ବାପିତ ହୁଏ ନାହିଁ । ନବକିଶୋର ବାବାଙ୍କ ପ୍ରଚେଷ୍ଟାରୁ ୧୯୬୨ ମସିହାରେ ପ୍ରତିଷ୍ଠାତ ହୁଏ ଏକ ନୂତନ ଧୂନି ମନ୍ଦିର । ମଠରେ ମାସାଧିକ କାଳ ଧରି ଚାଲୁଥିବା ମକର ମେଳା ଆଜି ବି ସ୍ମୃତି ଉଜ୍ଜିବୀତ ରହିଛି । ମକର ସଂକ୍ରାନ୍ତି ଦିନ ଶ୍ରଦ୍ଧାଳୁ ମକର ଚାଉଳ ବଣ୍ଟନ ସହିତ ବିଶ୍ୱ କଲ୍ୟାଣ ନିମନ୍ତେ ଅଖଣ୍ଡ ଦୀପ ପ୍ରଜ୍ୱଳନ ଓ ନାମସଂକୀର୍ତ୍ତନ ମଧ୍ୟରେ ସୀମିତ ଏହି ଉତ୍ସବ । ମଠର ବୃହତକାୟ ଗୋଶାଳା ଆଜି କ୍ଷୁଦ୍ର ହୋଇଥିଲେ ବି ଗୋ ପାଳନ । ଅବଶ୍ୟ ଫାଲଗୁନ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ବିଶେଶତଃ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ବା ଗୁରୁ ପୂର୍ଣ୍ଣିମାରେ ଜନସମାଗମ ହେବାରୁ ଉତ୍ସବମୁଖର ହୋଇଉଠେ ମଠର ପରିବେଶ । ନବକିଶୋର ବାବାଙ୍କ ଆବା ୧୯୯୪ରେ ବ୍ରହ୍ମ ଲୀନ ହେବା ପରେ ତାଙ୍କ ସହିତ ୧୯୮୨ ମସିହାରେ ଯୋରନ୍ଦା ମଠରୁ ଆସି ଏଠାରେ ଅବସ୍ଥାନ କରୁଥିବା ସିଦ୍ଧ ମହିମା ସାଧୁ ବିମ୍ବାଧର ବାବା ୧୯୯୪ରୁ ମଠର ମଠାଧୀଶ ରୂପେ ଏଯାବତ କାର୍ଯ୍ୟ କରୁଛନ୍ତି । ତାଙ୍କ ସହିତ ମଠର ଗାରିମାକୁ ଆଗକୁ ଆଗେଇ ନେବାପାଇଁ ଆପ୍ରାଣ ଉଦ୍ୟମ କରୁଥିବା



ଯୁବ ସାଧୁ ସଞ୍ଜୟ ବାବା ନାମକ କନିଷ୍ଠ ସାଧୁ ମଧ୍ୟ ମଠରେ ଅଛନ୍ତି । କୌପିନଧାରୀ ସାଧୁ ସମାଜର ଓଡ଼ିଶା ଚର୍ଚ୍ଚିତ ଏହି ମଠର ୫୬ ଏକର ଜମିର ପ୍ରାୟ ୨୦ ଏକର ଜମିରେ ଔଷଧୀୟ ବୃକ୍ଷ ରୋପଣ ନିମନ୍ତେ ସରକାରଙ୍କୁ ହସ୍ତାନ୍ତର ହୋଇଯାଇଛି । ବାଙ୍ଗିରିପୋଷିର ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାଏକ ୨୦୦୧-୦୨ରେ ୧ ଲକ୍ଷ ୩୩ ହଜାର ଟଙ୍କାର ଅନୁମଦନ ବିଧାୟକ ପାଣ୍ଠିରୁ ମଠର ପୁନରୁଦ୍ଧାର ପାଇଁ ଯୋଗାଇ ଦେଇଥିଲେ । ନିକଟସ୍ଥ ଶିଳଫୋଡି ଗ୍ରାମର ସାଧୁ ଦାସ ନାମକ ଜନୈକ ଆଶ୍ରିତ ଭକ୍ତ ଦାନ କରିଥିବା ଅଳ୍ପ କିଛି ଚାଷ ଜମିରୁ ମଠକୁ ଏବେ ବି ଅମଳ ହୋଇ ଧାନ ଆସେ । ବିମ୍ବାଧର ବାବାଙ୍କ ପଦତ୍ତ ସୂଚନା ମୁତାବକ, ଅତୀତରେ ଏହି ସ୍ଥାନରେ ମେରୁ ନାମକ ଜଣେ ଋଷି ଥିଲେ ଏବଂ ତାଙ୍କର ସ୍ମୃତିରେ ମଠର ନାମକରଣ କରାଯାଇଛି । ତେବେ କିଛି ଶ୍ରଦ୍ଧାଳୁଙ୍କ ମତରେ ନଈକୂଳିଆ ପର୍ବତାକାର ଭୁଖଣ୍ଡ ମେରୁ ଅବା ଜପାମାଳାର ଗ୍ରନ୍ଥମାଳ (ମେରୁ) ଅର୍ଥରେ ମହିମା ଧର୍ମର ଏକ ପ୍ରମୁଖ କେନ୍ଦ୍ର ନାମିତ ରହିଛି । ମୟୂରଭଞ୍ଜ ଜିଲ୍ଲାର ଲୋକେ ନଈକୁ ଶ୍ରଦ୍ଧା ଓ ଆଗ୍ରହରେ ଗଙ୍ଗା ମା' ପରି ସୁବର୍ଣ୍ଣରେଖାକୁ ପୂଜା କରୁଛନ୍ତି । ମଠ ନିକଟସ୍ଥ ନଦୀ ଘାଟରେ ଥିବା ପୌରାଣିକ କିମ୍ବଦନ୍ତୀ ଭରା ଭୀମଆଣ୍ଠୁଆ ଗଣ୍ଡରେ ନୌକା ବିହାରର ଅନୁଭୂତି ଓ ଭାଷମାନ ଭେଳାଗୁଡିକରେ ଦୃଶ୍ୟ ଅବଲୋକନ ଭାରି ମନୋରମ । ସୂର୍ଯ୍ୟୋଦୟ ବେଳେ ଉଭୟ ଭାଗରେ ସୂର୍ଯ୍ୟଙ୍କ ସୁନେଲି ରଶ୍ମିର ପ୍ରକାଶରେ ଝଲସି ଉଠେ ମେରୁମଠ । ମଠ ପରିସରରେ ଥିବା ଔଷଧୀୟ ଉଦ୍ୟାନ ବା ହର୍ବାଲ ଗାଡେନ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଧ୍ୱଂସ ପାଇବାକୁ ଆଉ ବେଶୀ ଦିନ ନାହିଁ । ଏକଥା ସେ କହି ନ ପାରିଲେ ବି ଗୁମୁରିଗୁମୁରି କାନ୍ଦୁଛି । ରକ୍ଷଣା ବେକ୍ଷଣ ପ୍ରତି ସରକାର ବିମୁଖତା ଯୋଗୁଁ ଏହି ଉଦ୍ୟାନରେ ଥିବା ୫୦୦ ଜାତିର ଔଷଧୀୟ ବୃକ୍ଷ ମଧ୍ୟରୁ ୩୦୦ ଶହ ପ୍ରଜାତି ବୃକ୍ଷ ଆଉ ଦେଖିବାକୁ ନ ମିଳିବା ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି । ଅବଶିଷ୍ଟ ୨୦୦ ପ୍ରଜାତୀର ଔଷଧୀୟ ବୃକ୍ଷକୁ ରକ୍ଷା କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଲଗାତାର ଅବଗତ କରାଯାଇଥିଲେ ହେଁ କିଛି ସୁଫଳ ଏ ଯାଏଁ ମିଳିନାହିଁ । ମଠାଧୀଶ ବିମ୍ବାଧର ବାବାଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଅଢେଇ ଲକ୍ଷ ଟଙ୍କା ଅନୁଦାନରେ ନଦୀ ପଠାରେ ଏକ ଡଗୱାଲରୁ ଉଦ୍ୟାନକୁ ଜଳସେଚନ ନିମନ୍ତେ ମୋଟର ବସାଯାଇ ପାଇପଲାଇନ ବିଛାଯାଇଥିଲା । ତେବେ ଏହା ଗୋଟିଏ ଦିନ କାମ କରିବା ପରେ ଅଚଳ ହୋଇଯାଇଛି । ମଠର ଉନ୍ନତି କରଣ ହେବା ସହ ମାନ୍ୟତା ଘୋଷଣାରେ ସୀମିତ ହୋଇ ରହିଯାଇଛି । ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଶୁଭଦୃଷ୍ଟିରୁ ଏକ ବିଶାଳକାୟ ଉଦ୍ୟାନର ଶୁଭାରମ୍ଭ ହୋଇ ନିର୍ମାଣ ଦାୟିତ୍ୱ ନେଇଥିବା ବ୍ୟକ୍ତିଙ୍କ ପାଖରେ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । କିଛି ବ୍ୟବସାୟୀଙ୍କ ପାଇଁ କାର୍ଯ୍ୟ ମାଧ୍ୟମରେ ଏହା ବ୍ୟବସାୟିକସ୍ଥଳୀ ମଧ୍ୟ ପାଲଟିଛି । ଯୋଜନା ନାମରେ ବ୍ୟକ୍ତିଗତ ଉନ୍ନତି ହିଁ ଏବେ ମେରୁମଠର ଭବିଷ୍ୟତ ହୋଇଛି । ଯାହାବି ହେଉ କିଛି ବଦାନ୍ୟ ବ୍ୟକ୍ତିଙ୍କ ପ୍ରୟାସରେ ମନ୍ଦିର ଏକ ନୂତନ ରୂପେ ସୁସଜ୍ଜିତ ହୋଇଛି । ହେଲେ ଏହି ପୀଠର ନବନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କେବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦେଉଳଡିହାରେ ଚୁଡ଼ାମୁଢ଼ି ଖାଇଦେଲା ଦନ୍ତା

ତେଲକୋଇ, ୧୯।୬(ସମିସ): ତେଲକୋଇ ବ୍ଲକ ଦେଉଳଡିହା ଗ୍ରାମରେ ଏକ ଦନ୍ତାହାତୀ ଗାଁ ଭିତରେ ପଶି ଗାଡ଼ିରେ ଲଦା ହୋଇଥିବା ଚୁଡ଼ା ବସ୍ତା ଖାଇଦେଇଥିବା ଜଣାପଡିଛି। ଗ୍ରାମର ଦେବାନନ୍ଦ ସାହୁ ଏକ ପିକ୍‌ଅପ୍ ଗାଡ଼ିରେ ଗାଁ ଗାଁ ବୁଲାଇ ଚୁଡ଼ା ମୁଢ଼ି ବିକ୍ରି କରନ୍ତି। ରାତିରେ ଗାଡ଼ି ଭିତରେ ରଖାଯାଇଥିବା ବସ୍ତେ ଚୁଡ଼ା ଦନ୍ତା ଟେକି ନେଇ ଖାଇଦେଇଥିବା ଅଭିଯୋଗ ହୋଇଛି। ଗାଁ ଲୋକେ ହୋହାଲ୍ଲା କରିବାରୁ ଦନ୍ତାହାତୀଟି ବହୁ କଷ୍ଟରେ ଚାଲି ଯାଇଥିଲା। ଏଥିସହ ସ୍କୁଲ ପାଚେରି, ଘର ଓ ବାଡ଼ି ବଗିଚା ନଷ୍ଟ କରିଛି। ଏବେ ତେଲକୋଇ ରେଞ୍ଜରେ ମାତ୍ର ୪ଟି ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାତିରେ ବିଦ୍ୟୁତ କାଟ କରାଯାଉଥିବାରୁ ଅନ୍ଧାର ରାତିରେ ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁ ମଝିରେ ପଶି ଯାଉଛି। ଫଳରେ ଧନଜୀବନ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତିରେ ବିଦ୍ୟୁତ କାଟ ବନ୍ଦ କରା ନଗଲେ ବାଧ ହୋଇ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଦେଉଳଡିହା ପଞ୍ଚାୟତ ପୂର୍ବତନ ସରପଞ୍ଚ ଟଙ୍କଧର ପ୍ରଧାନ ଚେତାବନୀ ଦେଇଛନ୍ତି।

# ଖୋଲିଲା ଆନନ୍ଦପୁର ବ୍ୟାରେଜର ୮ ଫାଟକ

ଆନନ୍ଦପୁର, ୧୯।୬(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ତିନିଦିନ ଧରି ଝିପି ଝିପି ବର୍ଷା ଯୋଗୁଁ ଆନନ୍ଦପୁର ବ୍ୟରେଜ ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇଛି। ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ଗୁରୁବାର ବ୍ୟରେଜର ୮ଟି ଗେଟ ଖୋଲି ଦିଆଯାଇଛି। ଫଳରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ଗତ ତିନିଦିନ ମଧ୍ୟରେ ୫୮.୬୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀରେ ୩୭.୪୪୫ ମିଟରରେ ସତର୍କ ସଂକେତ ଥିବାବେଳେ ଆଜିସନ୍ଧ୍ୟା ସୁଦ୍ଧା ୩୩.୮୦ମିଟରରେ ନଦୀଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ବ୍ୟାରେଜ ପ୍ରକଳ୍ପରୁ ଆଜି ଚଳିତ ବର୍ଷା ଋତୁର ପ୍ରଥମ ପାଣି ଛଡ଼ାଯାଇଛି ଓ ନିକଟରେ ପହଞ୍ଚିଥିଲା। ବାଟରେ କୌଣସି ସ୍ଥାନରେ ବାଧା ଉପୁଜି ନଥିବା କିମ୍ବା ପାଣି କେନାଲ ବାହାରକୁ ଯାଇ ନଷ୍ଟ ହୋଇ ନଥିବା ସୂଚନା ମିଳିଛି।




## କାନପୁର କେନାଲରେ ବୁଡ଼ିଲା ପୋକ୍‌ଲେନ୍ ଓ ରୋଲର୍

ନାରଦପୁର, ୧୯।୬(ସମିସ): ଯୋଡ଼ା ବ୍ଲକ୍ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ବୃହତ ଜଳସେଚନ ପ୍ରକଳ୍ପର କେନାଲ ଗେଟକୁ ଖୋଲି ଦେବାରୁ ଜଳଭଣ୍ଡାରର ବନ୍ୟାଜଳ କେନାଲ ଦେଇ ବୈତରଣୀ ନଦୀକୁ ପ୍ରବାହିତ ହେଉଛି। ଉକ୍ତ କେନାଲର ନିର୍ମାଣ କାର୍ଯ୍ୟ ସରି ନ ଥିବା ବେଳେ ପ୍ରାୟ ୧୫ ଦିନ ହେବ ବର୍ଷା କାମ ଯୋଗୁଁ



କେନାଲ କଂକ୍ରିଟ କାମ ବନ୍ଦ ରହିଥିଲା। ତେବେ କେନାଲ କାମରେ ବ୍ୟବହୃତ ହେଉଥିବା ପୋକଲେନ୍, କଂକ୍ରିଟ ମେସିନ ଓ ରୋଲର ମେସିନ ଉକ୍ତ କେନାଲ ଭିତରେ ରହିଥିବାରୁ ବନ୍ୟାଜଳରେ ବୁଡ଼ି ଯାଉଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପର ସ୍ଲୁଇସ ଗେଟ ନିର୍ମାଣ କରିବା ପାଇଁ ଏକ ମାସ ପୂର୍ବରୁ ସ୍ପିଲୱେ ନିକଟରେ ଏକ ମାଟି ବନ୍ଧ ନିର୍ମାଣ କରି ନଦୀର ପାଣିକୁ ବନ୍ଦ କରାଯାଇଥିବା ବେଳେ ଲଗାଣ ଲଘୁଚାପଜନିତ ଲଗାଣ ବର୍ଷାରେ ପ୍ରକଳ୍ପରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଭିତରେ ଉଚ୍ଛେଦ ଗ୍ରାମଗୁଡ଼ିକ ଜଳମଗ୍ନ ହେବାରେ ଲାଗିଛି।

## ପାଟଣା ବନାଞ୍ଚଳରେ ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

ତୁରୁମୁଙ୍ଗା, ୧୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର କାର୍ଯ୍ୟାଳୟ ସମ୍ମୁଖରେ ଚାରା ବଣ୍ଟନ କେନ୍ଦ୍ର ଉଦଘାଟିତ ହୋଇଛି। ଏଠାରେ ବିଭିନ୍ନ ପ୍ରକାରର ଚାରା ପରିଚୟପତ୍ର ଦେଖାଇ ମାତ୍ର ୧ଟଙ୍କା ବିନିମୟରେ ଉପଲବ୍ଧ ହେଉଛି। ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ପାଟଣା ଥାନାଧିକାରୀ ମାନସ କୁମାର ମହାକୁଳ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ସାମ୍ବାଦିକ ବିଜୟରତ୍ନ ପତି ଯୋଗ ଦେଇଥିଲେ। ପାଟଣା ବନପାଳ ପିଅନ ନାଏକ ସଂଯୋଜନା କରିଥିବା ବେଳେ ବନରକ୍ଷୀ ତପସ୍ୱିନୀ ନାଏକ, କର୍ମଚାରୀ ସୁରେନ୍ଦ୍ର ପାତ୍ର, ଭାସ୍କର ନାଏକ, ସଞ୍ଜୟ ମହାନ୍ତ, କାର୍ତ୍ତିକ ମହାନ୍ତ, ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତି ଥିଲେ। ଏହି ଚାରା କେନ୍ଦ୍ରରେ ସକାଳ ୯ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଖୋଲା ରହି ଲୋକଙ୍କୁ ଚାରା ବଣ୍ଟନ କରାଯିବ।

## ମାଡ଼ି ବସିଲା ଗଛ; ଯୁବକ ମୃତ

ତେଲକୋଇ, ୧୯।୬(ସମିସ): ବିବାହ ଉତ୍ସବରେ ବରଯାତ୍ରୀ ଯାଉଥିବା ବେଳେ ଅଘଟଣ ଘଟି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକ ହେଲେ ତେଲକୋଇ ଥାନା କତରାପାଲି ଗ୍ରାମର ସ୍ୱର୍ଗତ ରଘୁନାଥ ବିଶ୍ୱାଳଙ୍କ କନିଷ୍ଠ ପୁତ୍ର ପ୍ରଶାନ୍ତ ଓରଫ ଲିଟୁ (୩୫)। କତରାପାଲି ଗ୍ରାମର ଇନ୍ଦ୍ର ବିଶ୍ୱାଳଙ୍କ କନିଷ୍ଠ ପୁତ୍ରଙ୍କ ନିକଟସ୍ଥ ସରେଇ ଗ୍ରାମରେ ବିବାହ ହେଉଥିବା ବେଳେ ଗୁରୁବାର ମଧ୍ୟାହ୍ନରେ ସରେଇ ଗ୍ରାମକୁ ବରଯାତ୍ରୀ ଯାଉଥିଲେ। କରଦାଙ୍ଗୀ ଗ୍ରାମ ମୁଣ୍ଡ ମଙ୍ଗଳା ମନ୍ଦିର ନିକଟ ରାସ୍ତା କାନ୍ଥରେ ଏକ ଆମ୍ବ ଗଛ ଥିବାରୁ ବରଯାତ୍ରୀଙ୍କ ଡି.ଜେ ଗାଡ଼ି ରାସ୍ତା ପାର ହୋଇ ପାରି ନଥିଲା। ବରଯାତ୍ରୀ ରାସ୍ତା ଉପରକୁ ଆସିଥିବା ଆମ୍ବ ଗଛର ବାହୁକୁ ରାସ୍ତା ଉପରୁ ହଟାଇବା ଚେଷ୍ଟା କରିଥିଲେ; ମାତ୍ର ସଫଳ ହୋଇ ନଥିଲେ। କୁରାଢିରେ ଗଛ ଡାଳକୁ ହାଣିବା ପାଇଁ ଅନ୍ୟ ଜଣେ ଯାଇଥିବା ବେଳେ ଆମ୍ବ ଗଛଟି ରାସ୍ତା ଉପରକୁ ଖସି ପଡ଼ିଥିଲା। ଗଛର ଏକ ବାହୁ ଲିଟୁଙ୍କ ଉପରେ ଚାପି ହୋଇ ଯାଇଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଘଟଣାଟି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ପ୍ରଶାସନ ଏହି ଗଛକୁ କାଟିବାରୁ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ଡାଇରିଆ ସ୍ଥିତି ପରଖିଲା ସ୍ୱତନ୍ତ୍ର ଟିମ୍

ରାମଚନ୍ଦ୍ରପୁର,୧୯।୬(ସମିସ): ଜିଲ୍ଲାରେ ହଇଜା ଓ ଡାଇରିଆ ରୋଗୀ ବଢୁଛନ୍ତି। କିଛିଦିନ ହେଲା ମୌସୁମି ବର୍ଷା ଆରମ୍ଭ ହୋଇଯାଇଥିବାରୁ ଏନେଇ ସଚେତନତା ପଦକ୍ଷେପ ଦୃଷ୍ଟିରୁ ଘଷିପୁରା ବ୍ଲକର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବାତୋଠାରେ ନିର୍ମିତ ସ୍ୱତନ୍ତ୍ର ଡାଇରିଆ କେବିନ ବୁଲି ସ୍ଥିତି ପରଖିଛନ୍ତି। ସାଇଁକୁଳରେ ୧୭ ଜଣ ଝାଡ଼ାବାନ୍ତି ରୋଗୀ ଭର୍ତ୍ତି ହୋଇଥିବା ବେଳେ ସନ୍ଧ୍ୟାରେ ୧୪ ଜଣ ଆଶୁ ଚିକିତ୍ସା ପରେ ଘରକୁ ଫେରିଛନ୍ତି। କେଶଦୁରାପାଳରେ ତିନି ରୋଗୀଙ୍କ ମଧ୍ୟରୁ ଦୁଇ ଜଣ ଘରକୁ ଫେରିଥିବା ବେଳେ ଅନ୍ୟ ଜଣେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସାଇଁକୁଳ, ଖଡିକାଶୁଳବାହାଳି, ଆଗର୍ଦ୍ଦା, ଖଲଣା, ମଛାଲୋ, ଜରଦା, ଉଜୁଣୀ, ପଣ୍ଡୁଆ,ଗଡବାନ୍ଧଗୋଡା, ବାତୋ, ଓଡପଡା, ମଦନପୁର ଆଦି ଗ୍ରାମରୁ ଝାଡ଼ାବାନ୍ତି ରୋଗୀ ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ଚିକିତ୍ସିତ ହୋଇ ଫେରିଛନ୍ତି।

## କର୍ଣ୍ଣେଲ ସୋମନାଥଙ୍କ ଶେଷକୃତ୍ୟ ସମ୍ପନ୍ନ

ଚମ୍ପୁଆ,୧୯।୬(ସମିସ): ଚମ୍ପୁଆ ପୁଣ୍ୟତୋୟା ବୈତରଣୀ ନଦୀକୂଳରେ କର୍ଣ୍ଣେଲ ସୋମନାଥ ମିଶ୍ରଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷ ହୋଇଛି। ଅବସର ସୈନିକ ସଂଗଠନ ଚମ୍ପୁଆ ସଭାପତି କ୍ୟାପଟେନ ଶଶିଭୂଷଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଏବଂ ବିଭିନ୍ନ ସଂଗଠନ ସହିତ ଶତାଧିକ ଜନସାଧାରଣ ଓ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସହକାରୀ ଜିଲ୍ଲାପାଳ ଫୁରୁଲାଇ ବେଶ୍ରା, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଏସଡିପିଓ ରଶ୍ମିରଂଜନ ସାହୁ, ଏନଏସି ଅଧ୍ୟକ୍ଷ ଗିରିଜା ଶଂକର ସାହୁ, ଆଇଆଇସି ରମାକାନ୍ତ ମୁଦୁଲି, ବଣିକ ସଂଘ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏକ ବିରାଟ ପଟୁଆର ତାଙ୍କ



ମରଶରୀରକୁ ଚମ୍ପୁଆ ବଜାର ପରିକ୍ରମା କରିବା ସହିତ ନିଜ ପୈତୃକ ଗୃହ ଚମ୍ପୁଆ ବ୍ରାହ୍ମଣ ଶାସନକୁ ନେଇ ଯାଇଥିଲେ। ସେଠାରୁ ପାରମ୍ପାରିକ ରୀତିନୀତି ଅନୁସାରେ ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ଦ୍ୱିତୀୟ ଗଙ୍ଗା ବୈତରଣୀ କୂଳକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମେଜର ଜେନେରାଲ ଜୟସିଂ ବଂଶଲା (ସେନାମେଡାଲ) କର୍ଣ୍ଣେଲ ଅଫ ଦି ବିହାର ରେଜିମେଣ୍ଟ ପକ୍ଷରୁ ଲିଉଟନାଣ୍ଟ କର୍ଣ୍ଣେଲ ଆଲୋକ ବାବୁ, ୬୩ ଆରଆର ବାଟାଲିୟନ,ବାଲେଶ୍ୱର ଷ୍ଟେସନ କମାଣ୍ଡର ଲିଉଟନାଣ୍ଟ ସନ୍ତୋଷ କୁମାର ପଣ୍ଡା, ସିଓଏସଏ ଏବଂ ଏମ-ବି ଏରିଆ ପକ୍ଷରୁ ଶ୍ରଦ୍ଧାଂଜଳି ପ୍ରଦାନ କରାଯାଇଥିଲା। ୧୨୦ ବାଟାଲିୟନ ଭୁବନେଶ୍ୱର ପକ୍ଷରୁ ୧୬ ତୋପ ସଲାମୀ ଦିଆଯିବା ସହିତ ସ୍ୱର୍ଗତ ମିଶ୍ରଙ୍କ ପିତା ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଜାତୀୟ ପତକା ହସ୍ତାନ୍ତର କରାଯାଇଥିଲା। ସୂଚନା ଯୋଗ୍ୟ କି ସ୍ୱର୍ଗତ ମିଶ୍ର ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଦକ୍ଷିଣ ସୁଦାନରେ ଶାନ୍ତି ସେନା ଭାବରେ କାର୍ଯ୍ୟ କରିଥିଲେ। ୬୩ ଆରଆରରେ କମାଣ୍ଡ ଅଧିକାରୀ ଭାବେ ନିଯୁକ୍ତ ଥିଲେ। ଗତ ୧୭। ୬। ୨୦୨୫ରେ ଦିଲ୍ଲୀ ଆର୍ମି ବେଶ ହସ୍ପିଟାଲଠାରେ ସେ ହୃଦଘାତରେ ପ୍ରାଣ ହରାଇଥିଲେ ବୋଲି ପୂର୍ବତନ ସୈନିକ ସଂଘ ଚମ୍ପୁଆ ସଭାପତି କ୍ୟାପଟେନ ଶଶିଭୂଷଣ ମହାନ୍ତ ସୂଚନା ଦେଇଛନ୍ତି।

## ଆଦିବାସୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ମୋହନ ସରକାର: ଜୟଦେବ

କେନ୍ଦୁଝର/ଆନନ୍ଦପୁର, ୧୯।୬(ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଆଦିବାସୀ ଓ ନାରୀ ମାନଙ୍କର ନିର୍ଯାତନା ଦିନକୁ ଦିନ ବଢୁଛି। ଗୋଟିଏ ଦିନରେ ଚାରି ଚାରିଟି ଗଣଧର୍ଷଣ ଓ ହତ୍ୟା ଘଟଣା ଘଟିଛି। ଗୁରୁବାର ମଧ୍ୟ ଏଭଳି କଳଙ୍କରୁ ବାଦ୍ ପଡ଼ିନି। ଅପରାଧୀଙ୍କୁ ଏହି ସରକାର ସୁରକ୍ଷା ଦେଉଛି। ରାଜ୍ୟରେ ମୋହନ ସରକାର ସମ୍ପୂର୍ଣ୍ଣ ବିଫଳ ହେଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି। ଆଜି କଂଗ୍ରେସ ଦଳ ପକ୍ଷରୁ ଜୟଦେବ ଜେନାଙ୍କ ନେତୃତ୍ୱରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତାମାନେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ବ୍ଲକର ପଣ୍ଡାପଡା ଥାନା ଅନ୍ତର୍ଗତ ତେନ୍ତଲାପଶି ଗ୍ରାମର ଗଣଧର୍ଷିତା ଓ ହତ୍ୟା ହୋଇଥିବା ଆଦିବାସୀ ନାବାଳିକା ଘରକୁ ଯାଇଥିଲେ। ସେଠାରେ ନାବାଳିକାର ପରିବାର ଓ ଗ୍ରାମର ଅଧିବାସୀଙ୍କ ପାଖରୁ ଘଟଣା ସମ୍ପର୍କ ପଚାରି ବୁଝିଥିଲେ। ଗତ ୧୬ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଧରିବାକୁ ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ଲୋକ ହୋଇ ଚୁପଚାପ ବସିଛନ୍ତି କ'ଣ ପାଇଁ ? ଅତି ଶୀଘ୍ର ନିରପେକ୍ଷ କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଇ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି ଶ୍ରୀ ଜେନା। ମୃତ ନାବାଳିକା ପରିବାରକୁ ଅତି କମରେ ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯାଉ ବୋଲି ସେ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ମୁହଁ ଖୋଲିବାକୁ ସେ ଦାବି କରିଛନ୍ତି। ଆଗାମୀ ଦିନରେ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ଘେରଉ ସହ ଜିଲ୍ଲା ସଦର ମହକୁମାଠାରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି। ଏହି କଂଗ୍ରେସ ଟିମରେ ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଘଟଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ରନାଥ ନାୟକ, ବରିଷ୍ଠ ଆଦିବାସୀ ନେତା ବୃନ୍ଦାବନ ନାୟକ ଉପସ୍ଥିତ ଥିଲେ।

## ବିଲ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା,୧୯।୬ (ସମିସ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରଗୁଡିସାହିଠାରେ ବୁଧବାର ସକାଳେ ଏକ ବିଲ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଯୁବକ ଜଣକ ସେହି ଗ୍ରାମରେ ଘର ଜ୍ୱାଇଁ ରହିଥିବା ଦିବାକର ମହାନ୍ତ (୩୪)। ଖବର ପାଇ ମୃତକଙ୍କ ବାପା କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବଳିଆପୋଷି ଗ୍ରାମର ଭକ୍ତବନ୍ଧୁ ମହାନ୍ତ ଠାକୁରମୁଣ୍ଡା ଥାନାରେ ପହଞ୍ଚି ପୁଅକୁ ହତ୍ୟା କରି ଫିଙ୍ଗି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ଠାକୁରମୁଣ୍ଡା ଥାନା ଏସଆଇ ଅନିତା ସ୍ୱାଇଁ, ମହୁଲଡ଼ିହା ଥାନା ଅଧିକାରୀ ଅଶୋକ କୁମାର ପହି ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ଅଟୋ ଓଲଟି ୩ ଆହତ

ମହୁଲଡିହା,୧୯।୬(ସମିସ): ମହୁଲଡିହା ଥାନା ଅର୍ନ୍ତଗତ ଭାଲିଆଡାଳ ଗ୍ରାମ ପଞ୍ଚାୟତ ଝରଝରି ଗ୍ରାମ ନିକଟରେ ଭାଲିଆଡାଳ ନୁଟୋ ରାସ୍ତାରେ ଏକ ଅଟୋ ଓଲଟି ପଡିବାରୁ ୩ ଜଣ ଆହତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ, କପ୍ତିପଦା ବ୍ଲକ ଶରତ ଥାନା ଦେବାନବାହାଳି ଗ୍ରାମରୁ ଏକ ପରିବାର ବରଘର ଦେଖିବାକୁ ମହୁଲଡିହା ଥାନା ଭାଲିଆଡାଳ ଗ୍ରାମକୁ ଆସୁଥିବାବେଳେ ଝରଝରି ଗ୍ରାମ ନିକଟରେ ଏକ ବଳଦ ହଠାତ ଗାଡ଼ି ସାମ୍ନାକୁ ଦୌଡ଼ି ଆସିବାରୁ ଘଟିଛି ଦୁର୍ଘଟଣା। ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଆହତମାନେ ହେଲେ ଦର୍ଶାଇ ସିଂ(୪୫) ତୁଳସୀ ସିଂ(୪୫)ରସା ସିଂ(୪୬)। ସମସ୍ତ ଆହତଙ୍କୁ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଡ୍ୟାମରେ ଯୁବକ ନିଖୋଜ

ବହଳଦା/ତିରିଂ,୧୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ବଡଡାଲିମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଖରିଆ ଡ୍ୟାମରେ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ତିରିଂ ଓ ବହଳଦା ଅଗ୍ନିଶମ ଦଳ ପକ୍ଷରୁ ଉଦ୍ଧାର ଚାଲିଛି। ସୂଚନା ଅନୁସାରେ, ସାନସାଦମ ଗ୍ରାମର ଲବ ବାସ୍କେ (୪୬) ପୋଖରିଆ ଡ୍ୟାମକୁ ମାଛ ଧରିବା ପାଇଁ ଯାଇ ପାଣିରେ ବୁଡି ନିଖୋଜ ହୋଇଥିଲେ। ଖବର ପାଇ ତିରିଂ ଅଗ୍ନିଶମ ବିଭାଗ ପକ୍ଷରୁ ନିଖୋଜ ବ୍ୟକ୍ତିଙ୍କ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ତେବେ ତିରିଂ ଅଗ୍ନିଶମ ସେବାକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଓଆଇସି ସୁଧାଂଶୁ ଶେଖର ସ୍ୱାଇଁଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଅନବରତ ବର୍ଷା ମଧ୍ୟରେ ୫ ଜଣ ଆଗ୍ନିକ ଏବଂ ବହଳଦା ଅଗ୍ନିଶମ ବିଭାଗର ୨ ଜଣ ଆଗ୍ନିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ଦିନ ତମାମ ପ୍ରୟାସ ପରେ ମଧ୍ୟ ସଫଳତା ମିଳିପାରି ନଥିଲା। ସଂଧ୍ୟା ହୋଇଯିବା ଫଳରେ ଆଜିର ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ବାରିପଦାରୁ ପହଞ୍ଚିଥିବା ଓଡ୍ରାଫ୍ ଦଳ ସହିତ ଆସନ୍ତାକାଲି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବେ।

## ବାରିପଦା ବନ୍ଦ ସମର୍ଥନରେ ବାଇକ ରାଲି

ବାରିପଦା, ୧୯।୬(ସମିସ): ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଜନରେ ହୋଇଥିବା ଅନିୟମିତତାର ତଦନ୍ତ ହେଉ ନ ଥିବା ଅଭିଯୋଗରେ ମାସାଆର୍ମୀ ପକ୍ଷରୁ ୨୦ ତାରିଖରେ ବାରିପଦା ବନ୍ଦ ଡାକରା ଦିଆଯାଇଛି। ଏଥିପାଇଁ ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ନେତୃତ୍ୱରେ ଗୁରୁବାର ସନ୍ଧ୍ୟାରେ ୨୦୦ରୁ ଉର୍ଦ୍ଧ୍ୱ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବନ୍ଦକୁ ସଫଳ କରିବାକୁ ନିବେଦନ କରିଛନ୍ତି।

## ଶିକ୍ଷକ ସଂଘର ଅବସର ଶ୍ରଦ୍ଧା ସମ୍ବର୍ଦ୍ଧନା ଉତ୍ସବ

ବଡସାହି, ୧୯।୬(ସମିସ): ବଡସାହି ବ୍ଲକ କ୍ୟାଡ଼ର ଶିକ୍ଷକ ସଂଘ ଆନୁକୂଲ୍ୟରେ ଡାହିସାହି ପ୍ରାଥମିକ ବିଦ୍ୟାଳୟରେ ଏକ ଅବସର ଶ୍ରଦ୍ଧା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଜୟ କୁମାର ବେହେରା, ଦିଲ୍ଲୀପ ସିଂ, ସୂର୍ଯ୍ୟମଣି ମିଶ୍ର, ସୁନିତୀ ସିଂହଙ୍କୁ ମାନପତ୍ର, ଉପଢୌକନ, ଭାଗବତ ଗୀତା, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସମସ୍ତ ଅବସରପ୍ରାପ୍ତ ଶିକ୍ଷକମାନେ ନିଜର ଚାକିରି ଜୀବନର ଅନୁଭୂତି ବଖାଣିଥିଲେ। ଉତ୍ସବରେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସଂଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ସଭାପତି ବସନ୍ତ କୁମାର ଜେନା ଓ ସମ୍ପାଦକ ସରୋଜ କୁମାର ବାରିକଙ୍କ ତତ୍ତ୍ୱବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ନୂତନ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଲଳିତ କୁମାର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମସ୍ତ ପ୍ରାପ୍ୟ ଠିକ୍ ସମୟରେ କିପରି ପାଇପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ସଂଘର ସମ୍ପାଦକ ସରୋଜ କୁମାର ବାରିକ ବିବରଣୀ ପାଠ କରିଥିଲେ। ଶେଷରେ ରାମହରି ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ ବନପାଳଙ୍କ ଅଦଳବଦଳ

ବାରିପଦା, ୧୯।୬(ସମିସ): ବାରିପଦା ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ସେକ୍ସନରେ କାର୍ଯ୍ୟ କରୁଥିବା ୧୧ଜଣ ବନପାଳଙ୍କ ଅଦଳବଦଳ ହୋଇଛି। ବାରିପଦା ବନାଞ୍ଚଳର ବିଲ୍ଲା ବିଟର ମାଳତୀଲତା ସିଂଙ୍କ ରାସଗୋବିନ୍ଦପୁର ସେକ୍ସନକୁ ବଦଳି ହୋଇଥିବା ବେଳେ ଡିଗଡିଗାର କାଞ୍ଚନମଣି ନାଏକଙ୍କ କେସିପୁର, ବେତନଟୀର ପ୍ରଶାନ୍ତ କୁମାର ସିଂ ସାମନ୍ତଙ୍କ ବଡ଼ ଗାଁ, କେସି ପୁରର ଚିନ୍ତାମଣି ମହାପାତ୍ରଙ୍କ ଶରତ, ବଡାମପୁର ପ୍ରଦୀପ କୁମାର ଦେହୁରୀଙ୍କ ବେତନଟୀ, ବେତନଟୀର ଅଜୟ କୁମାର ନାଏକଙ୍କ ବୈଶିଙ୍ଗା, କୁଆମରା କେଏଲ ଆମ୍ବପରମ ସୋରେନଙ୍କ ନୋଟ, ପୋଡାଡିହାର ହିମାଂଶୁ ଏସକେ ମହାନ୍ତଙ୍କ ଡିଗଡିଗା, ବଡ଼ଗାଁର ସୁଚିତ୍ରା ଦଳେଇଙ୍କ ପୋଡାଡିହା, ବାରିପଦାର ବିସ୍ମୟୀ ବେହେରାଙ୍କ ଶୀର୍ଷା, ନୋଟର ଶିରିଷ କୁମାର ଦଳେଇଙ୍କ କୁଆମରା ସେକ୍ସନ ବଦଳି ହୋଇଛି।

## ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ; ହେଲପର ଗୁରୁତର

କୁଳିଅଣା,୧୯।୬(ସମିସ): ୧୮ ନମ୍ବର ଜାତୀୟ ରାଜପଥ ଅସନଯୋଡା ଛକ ନିକଟରେ ଏକ ୧୦୮ ଆମ୍ବୁଲାନ୍ସ ସମ୍ମୁଖ ପଟୁ ଏକ ସ୍କୁଟିକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସ ହେଲପର ଚାପି ହୋଇ ରହିଯାଇଥିଲେ।



ତାଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରାଯାଇ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲକୁ ପଠାଯାଇଛି। କୁଳିଅଣା ପୁଲିସ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଚଳାଇଛି।

## ଅବକାରୀ ଚଢ଼ଉ; ୩ ଗିରଫ

ମୋରଡ଼ା,୧୯।୬(ସମିସ): ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ନେତୃତ୍ୱରେ ଗୁରୁବାର ଦୁଇଟି ସ୍ଥାନରେ ଚଢଉକରି ଦେଶୀ ଏବଂ ବିଦେଶୀ ମଦକୁ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଟିମ୍ ସୋନପୁରିଆ ଗ୍ରାମରେ ଚଢ଼ଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ସାଳତି ହେମ୍ବ୍ରମଙ୍କୁ ଗିରଫ କରିଥିଲେ। ପରେ ପୁଟକିଶୋଳ ଗ୍ରାମରେ ଚଢ଼ଉ କରି ସୁମନ୍ତ ରାଜ ଏବଂ କିଶୋରଚନ୍ଦ୍ର ତୁଙ୍ଗ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କ ନିକଟରୁ ୯ ଲିଟର ବିଦେଶୀ ମଦ ଜବତ କରାଯାଇଛି।

## ଅବସରପ୍ରାପ୍ତ ଗୁରୁଜୀ ଓ ଗୁରୁମା'ଙ୍କୁ ସମ୍ବର୍ଦ୍ଧନା



କପ୍ତିପଦା,୧୯।୬(ସମିସ): କପ୍ତିପଦା କ୍ଲଷ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ସଂଯୋଜକ ଗାନସା ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଆରସିସି ଘନଶ୍ୟାମ ସିଂ, ମୁଖ୍ୟବକ୍ତା କପ୍ତିପଦା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସିଂରାୟ ମୁର୍ମୁ, ସମ୍ମାନିତ ଅତିଥିଭାବେ ଭାବେ ଏବିଇଓ ଲକ୍ଷ୍ମୀଧର ସିଂ ଏବଂ କପ୍ତିପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ଚନ୍ଦ୍ର ବେଜ, ଅତିଥିଭାବେ ଦୈତାରୀ ସେଠୀ ଓ ବେଣୁଧର ଦାସ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ମାୟାଧର ବେହେରା, ସୁରେନ୍ଦ୍ର ନାୟକ, ନରେନ୍ଦ୍ରନାଥ ମଲ୍ଲିକ ଓ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ଠା, ଛାତ୍ରବତ୍ସଳତା ନେଇ ଅତିଥିମାନେ ମତ ରଖିଥିଲେ। ସମସ୍ତ ଅବସର ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ, ଗୀତା ପୁସ୍ତକ, ଛତା ତଥା ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟରାଜ ବେହେରା ସ୍ୱାଗତ ଭାଷଣ ଓ ପଞ୍ଚାନନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚିନ୍ତା ବଢ଼ାଇଲାଣି ବେଆଇନ ଇଟାଭାଟି



ବାଙ୍ଗିରିପୋଷି, ୧୯।୬(ସମିସ): ବାଙ୍ଗିରିପୋଷି ଅଞ୍ଚଳରେ ଚିନ୍ତା ବଢ଼ାଇଲାଣି ବେଆଇନ ଇଟାଭାଟି। ବାଲି, ଚିପ୍‌ସ ବିକି ମାଲିକ କୋଟିପତି ହୋଇଥିବାବେଳେ ନିରୀହ ଲୋକେ ହେଉଛନ୍ତି ହନ୍ତସନ୍ତ। ପ୍ରଶାସନର ଜ୍ଞାତସାରରେ ଚାଲିଛି ସବୁ କାମ। ପରିବେଶକୁ ଧୂଳିଧୂଆଁର ଆସ୍ତରଣରେ ଅନ୍ଧାର କରିଦେଉଛି ବିଷାକ୍ତ ନିର୍ଗତ ଧୂଆଁ। ଏ ହେଉଛି ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ଶତାଧିକ ଇଟା ଭାଟିର ଦୃଶ୍ୟ। ସରକାରୀ ସ୍ତରରେ ୫୭ଟି ଇଟାଭାଟି ଚାଲିଥବା ବେଳେ ବାସ୍ତବରେ ଶହେରୁ ଅଧିକ ଚାଲୁଛି। ବର୍ଷ ତମାମ ବେଆଇନଭାବେ ଇଟା ପୋଡି ବ୍ୟବସାୟୀ ମାଲାମାଲ ହେଉଛନ୍ତି।

ବ୍ଲକର ବିଶେଷକରି ଚନ୍ଦନପୁର, ନିଶ୍ଚିନ୍ତା, ପଥୁରୀ, ଗୋଲାମୁଣ୍ଡାକଟା, ଶ୍ୟାମସୁନ୍ଦରପୁର, କତରା ଓ ବୁଢ଼ାବଳଙ୍ଗ ନଦୀର ଉଭୟ ପାଶ୍ୱର୍ରେ ଛତୁ ଫୁଟିଲା ପରି ଗଢି ଉଠିଛି ବେଆଇନ ଇଟାଭାଟି। ଏହିସବୁ ଅଞ୍ଚଳରେ ଇଟାଭାଟି ଯୋଗୁ ତାପମାତ୍ରା ବଢିବାରେ ଲାଗିଛି। ଧୂଆଁ ଏବଂ ତାତିରେ ଲୋକେ ଅତିଷ୍ଠ ହେଲେଣି। ନଦୀପଠାରୁ ବେଧଡ଼କ ମାଟି ତାଡି ନେଇ ଇଟାଭାଟି ଗଢି ଉଠୁଥିବାରୁ ନଦୀର ଗତିପଥକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ଗତ ପାଞ୍ଚ ବର୍ଷରେ ୪୦ ପ୍ରତିଶତ ଇଟାଭାଟି ବୃଦ୍ଧିଛି ବୋଲ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଓ ମାଫିଆଙ୍କ ସଲାସୁତୁରାରେ ଏହି କାରବାର ଚାଲୁଛି। କେବଳ ଲୋକ ଦେଖାଣିଆ କାଁଭାଁ ଚଢଉ କରାଯାଇ ଜୋରିମାନା ରସିଦ କାଟିଦେଇ କାମ ସାରିଦେଉଛି ପ୍ରଶାସନ। ଏ ନେଇ ବାରମ୍ବାର ଅଭିଯୋଗ କଲେ ବି ଫଳ ଶୂନ। ସେପଟେ ଅଭିଯୋଗ ଆଧାରରେ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଖଣି ବିଭାଗ ନେବ ବୋଲି କହି ଏଡାଇ ଯାଉଛନ୍ତି ତହସିଲ ପ୍ରଶାସନ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆରପଟା ପଞ୍ଚାୟତରେ କାମଳ ଆକ୍ରାନ୍ତଙ୍କ ସଂଖ୍ୟା ୧୯ରେ ପହଞ୍ଚିଲା

କୁଆମରା,୧୯।୬(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଓ ପରିଛିପୁର ଗ୍ରାମର କାମଳ ରୋଗରେ ଦିନକୁଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ମେ ମାସ ଶେଷ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ୧୦ ରୋଗୀଙ୍କୁ ଚିହ୍ନଟ କରିଥିବା ବେଳେ ଆଜି ସୁଦ୍ଧା ୧୯ ରୋଗୀଙ୍କୁ ଚିହ୍ନଟ କରାଯାଇଛି। କାମଳ ବେକାବୁ ଅବସ୍ଥାକୁ ଆସିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଓ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ତେବେ ସଚେତନ ଅଭାବରୁ ବିଶେଷକରି ଆଦିବାସୀ ସଂପ୍ରଦାୟର ଲୋକେ ଏହି ରୋଗରେ ଅଧିକ ପୀଡିତ ଥିବା ଦେଖିବାକୁ ମିଳୁଛି। ସରକାରୀ ସ୍ତରରେ ୧୯ ଚିହ୍ନଟ ହୋଇଥିବା ବେଳେ ଏପ୍ରିଲରୁ ଜୁନ ମଧ୍ୟରେ ବେସରକାରୀ ଭାବେ ଢେର ଅଧିକ। ଏହି ରୋଗ ବ୍ୟାପିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ୪ ତାରିଖରେ ଖୁଣ୍ଟା ଓ କୁଆମରା ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ରୋଗୀଙ୍କୁ ଚିହ୍ନଟ କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଏଥିସହିତ ଦୁଇଟି ନଳକୂପ ଓ ୩ଟି ଗଭୀର କୂପରୁ ଜଳର ନମୁନା ନେଇ ପରୀକ୍ଷା ପାଇଁ ପଠାଯାଇଛି। ଉକ୍ତ ଜଳରୁ କାମଳ ରୋଗ ବ୍ୟାପୀଥିବା ପୂର୍ବାନୁମାନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି ବୋଲି ଡଃ ଶାନ୍ତନୁ କୁମାର ଜେନା କହିଛନ୍ତି।

# ଯୁଦ୍ଧରୁ ଆମେରିକା ଦୂରେଇ ରହୁ: ରୁଷ

## ଇରାନ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ

ତେହରାନ/ତେଲ ଆଭିଭ, ୧୯।୬ (ଏଜେନ୍ସି): ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛି ରୁଷିଆ। ଏହି ଯୁଦ୍ଧ ଧ୍ୱଂସ ଆଡ଼କୁ ମୁହାଁଉଥିବାରୁ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରୁ ବୋଲି ରୁଷିଆ କହିଛି। ଗତ ସାତ ଦିନ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ଏଥିରେ ଆମେରିକା ସାମିଲ ହୋଇପାରେ ବୋଲି ସଙ୍କେତ ମିଳିବା ପରେ ରୁଷିଆ ପ୍ରଥମ ଥର ଲାଗି ମୁହଁ ଖୋଲିଛି। ରୁଷ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେ ଆମେରିକାକୁ ସତର୍କ କରାଇ ଦେଉଛୁ। ଏହା ଏକ ବିପଜ୍ଜନକ ପଦକ୍ଷେପ ହେବ ଏବଂ ଏହାର ପରିଣାମ ଭୟଙ୍କର ହୋଇପାରେ।



ଏହାପୂର୍ବରୁ ରୁଷ ଉପବୈଦେଶିକ ମନ୍ତ୍ରୀ ସାର୍ଗେଇ ରିୟାବକୋଭ ମଧ୍ୟ ସମାନ ଧରଣର ଚିନ୍ତା ପ୍ରକଟ କରି କହିଥିଲେ ଯେ ଯୁଦ୍ଧରେ ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଦେବା ବନ୍ଦ କରୁ। ଯୁଦ୍ଧରେ ଆମେରିକା ସାମିଲ ହେଲେ ସଂପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ହେବା ସହିତ ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ। ତେଣୁ ଆକ୍ରମଣ ସଂପର୍କରେ ଆମେରିକା ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ।

ଇରାନର ପରମାଣୁ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ ଚଳାଇଛି ସେଥିରେ ଉଦବେଗ ପ୍ରକାଶ କରି ବୈଦେଶିକ ବିଭାଗ ମୁଖପାତ୍ର ମାରିଆ କହିଲେ ଯେ ଏଭଳି ଆକ୍ରମଣ ଜାରି ରହିଲେ ବିଶ୍ୱକୁ ଧ୍ୱଂସ ହେବାକୁ ବେଶି ସମୟ ଲାଗିବ ନାହିଁ। ଏହାକୁ ନେଇ ଜାତିସଂଘ ପରମାଣୁ ନିରାପତ୍ତା ସଂସ୍ଥା ମଧ୍ୟ ଉଦବେଗ ପ୍ରକାଶ କରିସାରିଛି। ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିକରଣ ବିପଦ ବଢୁଛି। ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ସ୍ୱର ଉତ୍ତୋଳନ କରୁନାହିଁ କାହିଁକି? ପରିବେଶବିତମାନେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଇରାନର ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ବୋଲି ସେ ପରାମର୍ଶ ଦେଇ କହିଛନ୍ତି ଯେ ସେଠାରେ ରୁଷ ପରମାଣୁ ବିଶେଷଜ୍ଞ କାର୍ଯ୍ୟରତ ଅଛନ୍ତି। ଏହା ହେଉଛି ଇରାନର ଏକମାତ୍ର ପରମାଣୁ ଶକ୍ତି କେନ୍ଦ୍ର ଯେଉଁଠାରେ କି ରୁଷ ଇନ୍ଧନ ବ୍ୟବହୃତ ହେଉଛି।

ସୂଚନାଯୋଗ୍ୟ ଯେ ଗତକାଲି ରୁଷିଆ ଏବଂ ୟୁଏଇ ଇରାନ-ଇସ୍ରାଏଲ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେବା ସହିତ କହିଥିଲେ ଯେ ଏହାର ରାଜନୈତିକ ଓ କୂଟନୈତିକ ସାମଧାନ ରାସ୍ତା ବାହାର କରାଯାଉ।

ଯୁଦ୍ଧରେ ସାମିଲ ନହେବା ଲାଗି ଚୀନ ମଧ୍ୟ ଆମେରିକାକୁ ସତର୍କ କରାଇ ଦେଇଛି। ପ୍ରଥମ ଥର ଲାଗି ତାଙ୍କ ପ୍ରତିକ୍ରିୟାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଛନ୍ତି ଯେ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରାଯିବା ଠିକ୍ ନୁହେଁ। ଏହା ମଧ୍ୟପ୍ରାଚ୍ୟରେ ବିପଜ୍ଜନକ ସ୍ଥିତି ସୃଷ୍ଟିବ । ଏଥିରୁ ବିରତ ରହିବା ଲାଗି ସେ ଆମେରିକାକୁ ପରାମର୍ଶ ଦେଇଛନ୍ତି। ମାମଲାର ଆପୋଷ ସମାଧାନରେ ଚୀନ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

### ଖାମନେଇଙ୍କୁ ହତ୍ୟା ଧମକ ଦେଲା ଇସ୍ରାଏଲ

ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କୁ ହତ୍ୟା କରିବାକୁ ପଡ଼ିବ। ତାଙ୍କୁ ବଞ୍ଚିବାକୁ ଦିଆଯିବା ଉଚିତ ନୁହେଁ। ଏଭଳି ଧମକ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ। ଇସ୍ରାଏଲ ଉପରେ ଇରାନର ଭୀଷଣ କ୍ଷେପଣାସ୍ତ୍ର ଆକ୍ରମଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଇସ୍ରାଏଲକୁ ଧ୍ୱଂସ କରିବା ହେଉଛି ଖାମନେଇଙ୍କ ମୂଳ ଲକ୍ଷ୍ୟ। ତାଙ୍କ ନିର୍ଦ୍ଦେଶରେ ଇସ୍ରାଏଲର ମେଡିକାଲ ଉପରେ ଇରାନୀ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏଥିରେ କ୍ଷତି ହୋଇଥିବା ସ୍ୱୀକାର କରି ସେ କହିଛନ୍ତି ଯେ ଖାମନେଇ ଯେଉଁଠି ଲୁଚିଥିଲେ ମଧ୍ୟ ତାଙ୍କୁ ଠାବ କରି ଇସ୍ରାଏଲୀ ସେନା ହତ୍ୟା କରିପାରିବେ। ଯୁଦ୍ଧ ଆରମ୍ଭରୁ ଇସ୍ରାଏଲର ଏଭଳି ଯୋଜନା ଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରଣ କରିବାରୁ ଇସ୍ରାଏଲ ତାର ଏହି ଯୋଜନାରେ ଆଗେଇ ପାରିନାହିଁ।

# ୯ ଟି ଦେଶ ପାଖରେ ୯ ୯୦୦ ପରମାଣୁ ଅସ୍ତ୍ର, ରୁଷିଆରେ ସର୍ବାଧିକ

ଷ୍ଟକହାମ୍, ୧୯ ।୬(ଏଜେନ୍ସି): ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧର ମୂଳ କାରଣ ହେଉଛି ପରମାଣୁ ଅସ୍ତ୍ର। ଇରାନ ପରମାଣୁ ଅସ୍ତ୍ର ତିଆରୀ କରୁଛି ଏବଂ ଏହା ଇସ୍ରାଏଲ ପ୍ରତି ବିପଦ ବୋଲି କହୁଛି ଇସ୍ରାଏଲ। ଏହି କାରଣରୁ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଁ ଲାଗି ପଡ଼ିଛନ୍ତି ଉଭୟ ଇସ୍ରାଏଲ ଏବଂ ଆମେରିକା। ଇରାନ ଏହା ପାଖରେ କୌଣସି ପରମାଣୁ ଅସ୍ତ୍ର ନାହିଁ କି ଏହାର ଏଭଳି କୌଣସି ଯୋଜନା ନାହିଁ ବୋଲି କହୁଛି। କିନ୍ତୁ ଆମେରିକା ଓ ଇସ୍ରାଏଲ ଏହା ମାନିବାକୁ ନାରାଜ। ଏଭଳି ସ୍ଥିତିରେ କେଉଁ ଦେଶ ପାଖରେ କେତେ ପରମାଣୁ ଅସ୍ତ୍ର ରହିଛି, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସ୍ୱାଭାବିକ। ଏପର୍ଯ୍ୟନ୍ତ ନିଜ ପାଖରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ବୋଲି ୯ଟି ଦେଶ ଦାବି କରିଛନ୍ତି। ଏବେ ୯ଟି ଦେଶ ପାଖରେ ୯ ହଜାର ୯୦୦ରୁ ଅଧିକ ପରମାଣୁ ଅସ୍ତ୍ର ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି। ପ୍ରଥମେ ୫ଟି ଦେଶ ଯଥା ଆମେରିକା, ରୁଷିଆ, ଫ୍ରାନ୍ସ, ଚୀନ୍ ଓ ବ୍ରିଟେନ ପାଖରେ ପରମାଣୁ ଅସ୍ତ୍ର ରହିଥିଲା। ଏହି ୫ଟି ଦେଶ ପରମାଣୁ ଅପ୍ରସାର ସନ୍ଧି(ଏନ୍‌ପିଟି)ରେ ସ୍ୱାକ୍ଷର କରିଛନ୍ତି। ଏହା ଅନୁସାରେ ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ପରମାଣୁ ଅସ୍ତ୍ର ତିଆରି କରିବେ ନାହିଁ ଓ ଏହାକୁ ହାସଲ କରିବେ ନାହିଁ। ପୁଣି ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ରହିଛି, ସେହି ଦେଶଗୁଡିକ ପରମାଣୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସଦ୍‌ଭାବନାପୂର୍ବକ ଆଲୋଚନା ଜାରି ରଖିବେ। ଏହି ୫ଟି ଦେଶକୁ ବାଦ୍ ଦେଲେ ଦକ୍ଷିଣ ଏସିଆର ଦୁଇ ପାରମ୍ପରିକ ପ୍ରତଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମେତ ଇସ୍ରାଏଲ ଏବଂ ଉତ୍ତରକୋରିଆ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି। ରୁଷିଆ ପାଖରେ ସର୍ବାଧିକ ୪, ୩୦୯ ଏବଂ ଉତ୍ତରକୋରିଆ ପାଖରେ ସର୍ବନିମ୍ନ ୫୦ଟି ପରମାଣୁ ଅସ୍ତ୍ର ରହିଛି। ଭାରତ ଓ ପାକିସ୍ତାନ ପାଖରେ ଯଥାକ୍ରମେ ୧୮୦ ଓ ୧୭୦ଟି ପରମାଣୁ ଅସ୍ତ୍ର ରହିଛି।

ଭାରତ ପ୍ରଥମଥର ପାଇଁ ୧୯୭୪ରେ ପୋଖରାନ୍‌ରେ ପରମାଣୁ ପରୀକ୍ଷଣ କରିଥିଲା। ଏହାପରେ ଭାରତ ୧୯୯୮ରେ ମଧ୍ୟ ଏହାକୁ ଦୋହରାଇଥିଲା। ଏହାର କିଛି ସପ୍ତାହ ପରେ ପାକିସ୍ତାନ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲେ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହାନ୍ତି। ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ରଖିଛି ବୋଲି କେବେ ଦାବି କରିନାହିଁ। କିନ୍ତୁ ଇସ୍ରାଏଲ ଏହି ବିଧ୍ୱଂସକାରୀ ଅସ୍ତ୍ର ରଖିଛି ବୋଲି ବିଶ୍ୱାସ କରାଯାଉଛି। ଇସ୍ରାଏଲ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହିଁ। ୧୯୮୫ରେ ଉତ୍ତର କୋରିଆ ଏନ୍‌ପିଟିରେ ସ୍ୱାକ୍ଷର କରିଥିଲେ ମଧ୍ୟ ୨୦୦୩ରେ ସେଥିରୁ ଓହରିଯାଇଥିଲା। ଆମେରିକାର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବାହାନା କରି ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥିଲା। ଏହାପରେ ୨୦୦୬ଠାରୁ ଉତ୍ତର କୋରିଆ ଏକାଧିକବାର ପରମାଣୁ ପରିକ୍ଷା କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି।

**କାହା ପାଖରେ କେତେ**

| | |
|---|---|
| ରୁଷିଆ | ୪, ୩୦୯ |
| ଆମେରିକା | ୩, ୭୦୦ |
| ଚୀନ୍ | ୬୦୦ |
| ଫ୍ରାନ୍ସ | ୨୯୦ |
| ୟୁକେ | ୨୨୫ |
| ଭାରତ | ୧୮୦ |
| ପାକିସ୍ତାନ | ୧୭୦ |
| ଇସ୍ରାଏଲ | ୯୦ |
| ଉତ୍ତର କୋରିଆ | ୫୦ |

# ଦୁଇଟି ବିମାନର ଜରୁରୀ ଅବତରଣ



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଗୁରୁବାର ଦୁଇଟି ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ ହୋଇଛି। ଦିଲ୍ଲୀରୁ ଲେହ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୦୦୬ ବୈଷୟିକ ତ୍ରୁଟି କାରଣରୁ ଗୁରୁବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ କ୍ରୁ ମେମ୍ବରଙ୍କ ସମେତ ୧୮୦ ଜଣ ଲୋକ ରହିଥିଲେ। ଏହାକୁ ବାଦ୍ ଦେଲେ ସ୍ପାଇସ୍ ଜେଟ୍ ବିମାନ ଏସ୍‌ଜି ୨୬୯୬ ଉଡାଣ ଆରମ୍ଭ କରିବାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ବିମାନ ହାଇଦରାବାଦ୍‌ରୁ ତିରୁପତି ଯାଉଥିଲା ଓ ଏଥିରେ ୮୦ ଯାତ୍ରୀ ଥିଲେ। ଟେକ୍‌ଅଫ୍ ପରେ ବିମାନର ପଛ ଗେଟ୍‌ରେ କିଛି ସମସ୍ୟା ଥିଲା ବୋଲି ପାଇଲଟ୍ ସଙ୍କେତ ଦେଇଥିଲେ। ଫଳରେ ବିମାନକୁ ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା। ଏହାପୂର୍ବରୁ ବୁଧବାର ଏୟାର ଇଣ୍ଡିଆର ୩ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ଏଗୁଡିକ ହେଲ ଦିଲ୍ଲୀ-ବାଲି, ଟରଣ୍ଟୋ- ଦିଲ୍ଲୀ ଓ ଦୁବାଇ- ଦିଲ୍ଲୀକୁ ଯାଉଥିବା ବିମାନ। ପୂର୍ବରୁ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ସେହିପରି ଗତ ୧୨ରୁ ୧୭ତ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର ମୋଟ୍ ୬୬ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ଗତ ୧୨ ତାରିଖରେ ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ବିଭିନ୍ନ କାରଣରୁ ଏହି ସବୁ ଫ୍ଲାଇଟ୍‌କୁ ବାତିଲ କରାଯାଇଛି।

## ୨୧୧ ମୃତକଙ୍କ ଡିଏନ୍‌ଏ ମ୍ୟାଚ୍; ୧୮୯ ମୃତଦେହ ହସ୍ତାନ୍ତର

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୧୧ ଜଣ ମୃତକଙ୍କ ଡିଏନ୍‌ଏ ଟେଷ୍ଟ ଦ୍ୱାରା ପରିଚୟ ମିଳିସାରିଛି। ସେହିପରି ୧୮୯ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ସୂଚନା ଦେଇଛନ୍ତି। ହସ୍ତାନ୍ତର ହୋଇଥିବ ମୃତଦେହଗୁଡିକ ମଧ୍ୟରୁ ୧୩୧ ଜଣ ଭାରତୀୟ, ୪ ଜଣ ପର୍ତ୍ତୁଗାଲ, ୩୦ ଜଣ ବ୍ରିଟିଶ ଓ ଜଣେ କାନାଡା ନାଗରିକ ସାମିଲ ରହିଛନ୍ତି। ଏଗୁଡିକ ମଧ୍ୟରୁ ୬ଜଣ ଅଣଯାତ୍ରୀ ଥିଲେ। ଦୁର୍ଘଟଣା ପରେ ୭୧ ଜଣଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ଚିକିତ୍ସା ଏବେ ଚାଲୁଛି ଓ ବାକି ସବୁ ଘରକୁ ଫେରିସାରିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୨ ତାରିଖରେ ବିମାନ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୨୪୧ଜଣ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ସାମିଲ ଥିଲେ। ସମ୍ପୂର୍ଣ୍ଣ ରାଜକୀୟ ସମ୍ମାନ ସହ ତାଙ୍କୁ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଛି।

# ଏଲନ୍ ମସ୍କଙ୍କ ରକେଟ ପରୀକ୍ଷା ବେଳେ ବିସ୍ଫୋରଣ



ଟେକ୍ସାସ, ୧୯ ।୬(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ ବ୍ୟବସାୟୀ ଏଲନ ମସ୍କଙ୍କ ସ୍ପେଶ୍ ଏକ୍ସ ଷ୍ଟାରସିପ୍-୩୬ ରକେଟ୍ ଟେଷ୍ଟ ଅବସରରେ ହଠାତ ବିସ୍ଫୋରଣ ଶିକାର ହେବା ସହ ଜଳିଯାଇଛି। ବୁଧବାର ଆମେରିକାର ଟେକ୍ସାସ୍‌ର ଷ୍ଟାରବେସ୍ ଟେଷ୍ଟିଂ ସାଇଟ୍‌ରେ ଘଟିଥିବା ଏହି ଘଟଣା ମଙ୍ଗଳ ଗ୍ରହ ଅଭିଯାନକୁ ଶକ୍ତ ଝଟ୍‌କା ଦେଇଛି। ବିସ୍ଫୋରଣ ପରେ ବହୁ ଦୂରକୁ ନିଆଁ ଓ ଧୂଆଁ ଦେଖିବାକୁ ମିଳିଥିଲା। ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୯.୩୦ରେ ଏହି ବିସ୍ଫୋରଣ ହୋଇଥିଲା। ଟେଷ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁଠାରେ ଇନ୍ଧନ ନିଆଯାଇଥାଏ ଅର୍ଥାତ ରକେଟ୍ ଉପରେ ଭାଗରେ ହିଁ ଅଚାନକ ବିସ୍ଫୋରଣ ହୋଇଥିଲା। ଦେଖୁ ଦେଖୁ ସମ୍ପୂର୍ଣ୍ଣ ରକେଟ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖରେ ଥିବା ଘରଗୁଡିକର କବାଟ ଓ ଝରକା ମଧ୍ୟ ହଲି ଯାଇଥିଲା। ଟେଷ୍ଟିଂ ପୂର୍ବରୁ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ଫଳରେ କୌଣସି ଲୋକ ମୃତାହତ ହୋଇ ନାହାନ୍ତି। କିନ୍ତୁ ଏହି ଘଟଣାରେ ପ୍ରଭୁତ ଆର୍ଥିକ କ୍ଷତି ଘଟିଛି। ରକେଟରେ ଇନ୍ଧର ଭରିବାର ପ୍ରକ୍ରିୟା ଆରମ୍ଭ ହେବା ପରେ ହିଁ ବିସ୍ଫୋରଣ ଘଟିଥିଲା। ଏଥିସହ ଚଳିତବର୍ଷ ଷ୍ଟାରଶିପ୍‌ର କ୍ରମାଗତ ୩ଟି ପରୀକ୍ଷଣ ବିଫଳ ହୋଇଛି। ଏହି ଷ୍ଟାରଶିପ୍ ଜରିଆରେ ମଣିଷ ଦିନେ ମଙ୍ଗଳଗ୍ରହ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିବ ବୋଲି ଏଲନ ମକ୍ସଙ୍କ ଏକ ବଡ଼ ମହତ୍ତ୍ୱାକାଂକ୍ଷୀ ସ୍ୱପ୍ନ ରହିଛି। କିନ୍ତୁ ନିକଟରେ ମସ୍କଙ୍କ ଏହି ସ୍ୱପ୍ନ ସାକାର ହେବା ଭଳି ମନେ ହେଉନାହିଁ।



# ଇରାନରୁ ଫେରିଲେ ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଇରାନରେ ଅଧ୍ୟୟନରତ ୧୧୦ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏମାନେ ଇରାନର ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢୁଛନ୍ତି। ଏମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ର କେବଳ କଶ୍ମୀରର। ଯୁଦ୍ଧ କାରଣରୁ ଇରାନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଯୁଦ୍ଧ ପାଇଁ ଇରାନ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଖାସ୍ କରି ରାଜଧାନୀ ତେହରାନରେ ସ୍ଥିତି ସବୁଠାରୁ ଖରାପ୍ ହୋଇଛି ବୋଲି ଦିଲ୍ଲୀରେ ପହଞ୍ଚିବା ପରେ ଜଣେ ଛାତ୍ର କହିଛନ୍ତି। ମଙ୍ଗଳବାର ଏହି ଛାତ୍ରଛାତ୍ରୀମାନଙ୍କୁ ଆର୍ମେନିଆ ଆଣାଯାଇଥିଲା। ଏମାନଙ୍କୁ ରାଜଧାନୀ ୟେରେଭେନ୍‌ର ଏକ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ଏହାପରେ ଏମାନଙ୍କୁ କତାର ରାଜଧାନୀ ଦୋହା ଦେଇ ଭାରତ ଅଣାଯାଇଥିଲା। ଇଣ୍ଡିଗୋର ଏକ ବିମାନ ୟେରେଭେନ ବିମାନ ବନ୍ଦରରୁ ଛାତ୍ରଙ୍କୁ ନେଇ ଦୋହା ଯାଇଥିଲା। ଦୋହାରୁ ଏହି ଫ୍ଲାଇଟ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ଅଣାଯାଇଥିଲା। ଏବେ ମଧ୍ୟ ଇରାନ୍‌ରେ ୧,୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସି ରହିଛନ୍ତି। ବିମାନ ବନ୍ଦର ବନ୍ଦ ରହିଥିଲେ ମଧ୍ୟ ଦେଶର ସୀମା ଖୋଲା ରହିଛି ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେଣୁ ଫସି ରହିଥିବା ବିଦେଶୀ ନାଗରିକ ସେମାନଙ୍କୁ ଦେଶକୁ ଫେରିବାର କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି।

# ପାକିସ୍ତାନ-ଲାଡେନ ଇତିହାସକୁ ଭୁଲିଯାଉଛି ଆମେରିକା

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କ ସାକ୍ଷାତ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯେଉଁ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରୁଛି, ତାକୁ ସମର୍ଥନ କରି ଟ୍ରମ୍ପ ଭୁଲ କରୁଛନ୍ତି। ଭୟଙ୍କର ଧାର୍ମିକ ଓ ଆତଙ୍କବାଦ ଚିନ୍ତାଧାରା ରଖିଥିବା ଜେନେରାଲ ମୁନିରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଡାକି ଟ୍ରମ୍ପ ଦୋମୁହାଁ ନୀତି ଧରିଛନ୍ତି। ଆମେରିକା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ଏବଂ ତାକୁ ପ୍ରଶ୍ରୟ ଦେଇଥିବା ପାକିସ୍ତାନର ଇତିହାସକୁ ଭୁଲିଯିବା ଉଚିତ ନୁ।ହେଁ। ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲାଡେନ ପାକିସ୍ତାନର ଆବୋଟ୍ଟାବାଦରେ ହିଁ ରହିଥିଲା ଓ ଆମେରିକା ତାକୁ ୨୦୧୧ରେ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା। ଏଭଳି ଦେଶକୁ ଟ୍ରମ୍ପ କିପରି ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ଶଶୀ ଥରୁର। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଦେଶରୁ ଫେରିଥିବା ଥରୁର କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ନ କରିବାକୁ ଏବଂ ଆତଙ୍କବାଦୀଙ୍କୁ ତାଲିମ ନଦେବାକୁ ଆମେରିକା ଚେତାବନୀ ଦେବ ବୋଲି ଆମେ ଆଶା କରୁଛୁ। ପାକିସ୍ତାନ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଥିବା ବେଳେ ଟ୍ରମ୍ପଙ୍କ ଏଭଳି ଆଚରଣ ଆମକୁ ବିଚଳିତ କରୁଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଗତକାଲି ପାକିସ୍ତାନ ସେନାଧକ୍ଷ ଜେନେରାଲ ଅସିମ ମୁନିରଙ୍କ ସହ ଆଲୋଚନା କରିଥିଲେ। ହ୍ୱାଇଟ୍ ହାଉସ୍‌ର କ୍ୟାବିନେଟ୍ ରୁମ୍‌ରେ ଦୁହେଁ ମଧ୍ୟାହ୍ନ ଭୋଜନ କରିଥିଲେ। ପ୍ରଥମଥର ପାଇଁ ଆମେରିକାର କୌଣସି ରାଷ୍ଟ୍ରପତି ପାକିସ୍ତାନ ସେନାଧକ୍ଷଙ୍କ ସହ ଆଲୋଚାନ କରିଛନ୍ତି। ଟ୍ରମ୍ପଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି ମୁନିର ମନ୍ତବ୍ୟ ଦେବା ପରେ ଏଥିରେ ଖୁସି ହୋଇ ଟ୍ରମ୍ପ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ହ୍ୱାଇଟ୍ ହାଉସ୍ ଡାକିଥିଲେ। ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ନେଇ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲେ ମୁନିର। ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ପାଇଁ ତାଙ୍କ ପରାମର୍ଶକୁ ମୁନିର ଗ୍ରହଣ କରିଥିଲେ। ନହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଯାଇଥାଆନ୍ତା।

## ସଞ୍ଜୟ ବର୍ମା କିଏ?

### ୩୯ ଦିନରେ ୨୩୪ଥର କଲ କରିଥିଲା ସୋନମ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀ ମାର୍ଚ୍ଚ ୧ରୁ ଏପ୍ରିଲ ୮ ମଧ୍ୟରେ ସଞ୍ଜୟ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହିତ





୨୩୪ଥର ଫୋନ୍ କଲ୍ କରି କଥା ହୋଇଛନ୍ତି। ଏହି ସଞ୍ଜୟ ବର୍ମା କିଏ, ସେ ନେଇ ଚର୍ଚ୍ଚା ହେଉଥିବା ବେଳେ ସତ କଥା ପଦାକୁ ଆସିଛି। ସଞ୍ଜୟ ଆଉ କେହି ନୁହନ୍ତି ସେ ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ ତଥା ସୋନମଙ୍କ ପ୍ରେମିକ ରାଜ କୁଶୱାହ। ଏ ନେଇ ମେଘାଳୟ ପୁଲିସ୍ ସୂଚନା ଦେଇଛି। ସୋନମ ରାଜର ନମ୍ବରକୁ ସଞ୍ଜୟ ବର୍ମା ନାମରେ ସେଭ କରିଥିଲା। ସନ୍ଦେହକୁ ଏଡାଇବା ପାଇଁ ସୋନମ ଏହି ନାଟକ କରିଥିଲା। ପ୍ରତ୍ୟେକ ଥର ସୋନମ ଓ ରାଜ ଦୁହେଁ ୩୦ରୁ ୬୦ ମିନିଟ୍ କଥା ହୋଇଛନ୍ତି। ଜୁନ୍ ୮ରେ ସଞ୍ଜୟର ହ୍ୱାଟ୍ସଅପ୍ ନଂ ଶେଷଥର ପାଇଁ ଆକ୍ଟିଭ ହୋଇଥିଲା। ଏହି ଦିନ ସବୁ ଅଭିଯୁକ୍ତ ଗିରଫ୍ ହୋଇଥିଲେ ଓ ସୋନମ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା। ପୂର୍ବରୁ ସଞ୍ଜୟ କିଏ ସେ ନେଇ ଆମେ କିଛି ଜାଣିନାହୁଁ ବୋଲି ସୋନମର ଭାଇ ଗୋବିନ୍ଦ କହିଥିଲା। ଇନ୍ଦୋରରେ ରହୁଥିବା ସୋନମ ଓ ରାଜା ମେ ୧୧ରେ ବିବାହ କରିବା ପରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ମେ ୨୩ରେ ରାଜା ନିଖୋଜ ହୋଇଥିଲେ। ଜୁନ୍ ୨ରେ ରାଜାଙ୍କ ମୃତଦେହ ମିଳିଥିଲା। ଜୁନ୍ ୧୧ରେ ରାଜାଙ୍କୁ ମାରିଥିବା କଥା ସୋନମ ପୁଲିସ୍ ଆଗରେ ସ୍ୱିକାର କରିଥିଲା। ସୋନମ ରାଜ ସହ ମିଶି ସ୍ୱାମୀ ରାଜା ରଘୁବଂଶୀଙ୍କୁ ମାରିବା ପାଇଁ ୩ ଜଣ ସୁପାରି କିଲରଙ୍କୁ ନିୟୋଜିତ କରିଥିଲା।

## କମଲ ହାସନଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ' କର୍ଣ୍ଣାଟକ୍‌ରେ ମୁକ୍ତିଲାଭ କରିବା ନେଇ ପଥ ପରିଷ୍କାର ହୋଇଛି। ଏ ନେଇ ଦାଏର କରାଯାଇଥିବା ପିଟିସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ସିନେମା କିପରି ଭଲରେ ମୁକ୍ତିଲାଭ କରିବ ସେ ନେଇ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କୌଣସି ବିଭ୍ରାଟ ତଥା ବାଧା ସୃଷ୍ଟି ନ ହେବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରିବାକୁ କର୍ଣ୍ଣାଟକ ସରକାରକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣାଟକ ସରକାର ମଧ୍ୟ ସିନେମାକୁ ମୁକ୍ତିଲାଭ କରିବା ନେଇ କୌଣସି ରୋକ ଲଗାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ସିନେମା ରିଲିଜ ହେବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କଥା ଦେଇଛନ୍ତି। ଏ ନେଇ ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାଷା ମାମଲାରେ ମଧ୍ୟ ସୁପ୍ରିମକୋର୍ଟ କମଲ ହାସନଙ୍କ ସପକ୍ଷରେ ମତ ଦେଇଛନ୍ତି। କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ। ଏଥିପାଇଁ କମଲ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଥିଲା। କିନ୍ତୁ ଏଥିପାଇଁ କମଲ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କ୍ଷମା ମାଗିବାକୁ କମଲଙ୍କୁ ବାଧ୍ୟ କରାଯାଇପାରିବ ନାହିଁ। ଏହା ତାଙ୍କର ମତ ମାତ୍ର। ଜଣକର ମତ ପାଇଁ ଆମେ କୌଣସି ସିନେମାର ରିଲିଜ୍‌କୁ ରୋକି ପାରିବା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଆମେରିକା ପଠାଯିବ ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ବ୍ଲାକ ବକ୍ସ

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଜୁନ୍ ୧୨ରେ ଅହମଦାବାଦ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନର ବ୍ଲାକବକ୍ସକୁ ଆମେରିକା ପଠାଯିବ। ଦୁର୍ଘଟଣାର ଗୋଟିଏ ଦିନ ପରେ ହିଁ ଏହି ବ୍ଲାକ ବକ୍ସ ମିଳିଥିଲା। ବିମାନରେ ନିଆଁ ଲାଗିବା ପରେ ବ୍ଲାକ ବକ୍ସ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏଥିରୁ ଡାଟା ତଥା ତଥ୍ୟ ମିଳିବା କଷ୍ଟକର ହୋଇଛି। ତେଣୁ ଯାଞ୍ଚ ପାଇଁ ବ୍ଲାକ ବକ୍ସକୁ ଏବେ ଆମେରିକା ପଠାଯିବ ବୋଲି କୁହାଯାଇଛି। ଭାରତରେ ଥିବା କୌଣସି ଲାବରୁ ବ୍ଲାକ ବକ୍ସର ଡାଟା ମିଳିବ ନାହିଁ। ଏବେ ଏହାକୁ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟ ସେଫ୍‌ଟି ଲାବ (ଏନ୍‌ଟିଏସ୍‌ବି)କୁ ପଠାଯିବ। ସୁରକ୍ଷା ଓ ଗୋପନୀୟତା ବଜାୟ ରଖିବା ପାଇଁ ଏହା ସହିତ ସରକାରୀ ଅଧିକାରୀ ମଧ୍ୟ ଆମେରିକା ଗସ୍ତ କରିବେ। ଏହି ବିମାନ ଦୁର୍ଘଟଣାରେ ୨୭୦ ଜଣ ଲୋକ ମୃତ୍ୟୁ ବରଣ କରିଥିଲେ। ଏଆଇ-୨୭୧ ବିମାନ ଟେକ୍‌ଅଫ୍ କରିବା ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।



### ପ୍ରଥମଥର ନେତୃତ୍ୱ ନେବେ ଗିଲ୍

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

ଲିଡ୍ସ,୧୯।୬ (ଏଜେନ୍ସି):

ନୂଆ ଟିମ୍, ନୂଆ ଅଧିନାୟକ, ନୂଆ ଖେଳାଳିଙ୍କୁ ନେଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଟ୍ରଫି (ତେନ୍ଦୁଲକର-ଆଣ୍ଡରସନ) ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ସିରିଜ୍ ଉଭୟ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ସଫଳତାର ଖୋରାକ ଯୋଗାଇବ। ଭାରତୀୟ ଦଳର ନେତୃତ୍ୱରେ ନେବେ ଜଣେ ନୂଆ ଖେଳାଳି ଶୁବମନ ଗିଲ୍। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତାଙ୍କୁ ପରାମର୍ଶ ଦେବାକୁ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳି ନାହାନ୍ତି। ୭ ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁନ ନାୟାର ଇଂଲଣ୍ଡ ଲାୟନ୍ସର ଦୁର୍ବଳ ବୋଲିଂ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି। ଏହା ତାଙ୍କୁ ଇଂଲଣ୍ଡ ପରିବେଶ ଓ ଟପ୍ କ୍ଲାସ୍ ବୋଲିଂ ବିପକ୍ଷରେ କେତେ ସହାୟତା କରିବ ତାହା ଖେଳ ଆରମ୍ଭ ପରେ ଜଣାପଡ଼ିବ। ଏଭଳି ସମୟରେ ନୂଆ ଖେଳାଳିମାନେ ଆଗକୁ ଆସିବେ। ଇଂଲଣ୍ଡର ପିଚ୍ ଓ ପରିବେଶରେ ଖାପ୍ ଖୁଆଇବା ଭାରତୀୟଙ୍କ ଲାଗି କଷ୍ଟକର ହେବ। ଦଳ ମଧ୍ୟ ଏହି ପରିବେଶ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିଏ ଫର୍ମରେ ଅଛି ବା ନାହିଁ ତାହା ବଡ଼ କଥା ନୁହେଁ, ଏଭଳି ପରିବେଶରେ କିଏ ଖାପ୍ ଖୁଆଇ ଖେଳିବ ତାହା ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡରେ ଗିଲ୍ ମାତ୍ର ୩ଟି ଟେଷ୍ଟ ଖେଳି ୮୮ ରନ୍ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରିବ। ଏମାନେ କିଛି ନ କିଛି ଟେଷ୍ଟରେ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ଭାରତର ପେସ୍ ବାହିନୀ ପ୍ରତିପକ୍ଷ ଇଂଲଣ୍ଡକୁ ଟକ୍କର ଦେବା ସ୍ଥିତିରେ ରହିଛି। ଇଂଲିଶ ବୋଲରଙ୍କ ଅପେକ୍ଷା ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପେସ୍ ବାହିନୀ ନିକଟରେ ଦକ୍ଷତା ରହିଛି। କିନ୍ତୁ ଇଂଲଣ୍ଡ ବ୍ୟାଟରଙ୍କ ତୁଳନାରେ ଭାରତୀୟ ବ୍ୟାଟରଙ୍କ ଅଭିଜ୍ଞତାର ଅଭାବ ରହିଛି। ଇଂଲଣ୍ଡ ପରିବେଶ କିପରି ଭାରତକୁ ସୁହାଇବ ତାହା ଉପରେ କେବଳ ଏହି ମ୍ୟାଚ୍ ନୁହେଁ ବରଂ ସିରିଜ୍ ନିର୍ଭର କରିବ।

ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳରେ ରହିଛନ୍ତି ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ। ଏମାନେ ଏକା ଏକା ଟେଷ୍ଟର ମୋଡ ବଦଳାଇପାରିବାର ଦକ୍ଷତା ରଖିଛନ୍ତି। ଓପନର ଜ୍ୟାକ୍ କ୍ରାଉଲି, ବେନ୍ ଡକେଟ ଓ ହ୍ୟାରୀ ବ୍ରୁକ୍ ମଧ୍ୟ ବେଶ ଦକ୍ଷ। ଏମାନେ ଭାରତୀୟ ବୋଲରଙ୍କ ଲାଗି ସମସ୍ୟା ସୃଷ୍ଟି କରିବେ। ସେ ଯାହା ହେଉ ଅଭିଜ୍ଞତା ଓ ପରିବେଶରେ ଇଂଲଣ୍ଡ ଭ୍ରମଣକାରୀ ଭାରତଠାରୁ ସାମାନ୍ୟ ଆଗୁଆ ରହିଛି।

ଦୁଇ ଦେଶ ମଧ୍ୟରେ ଟେଷ୍ଟ ରେକର୍ଡ ଯାହା ହେଉନା କାହିଁକି ଗତଥର ଏଠାରେ ଆୟୋଜିତ ଟେଷ୍ଟ ସିରିଜ୍ ବେଶ ରୋମାଞ୍ଚକ ମୁକାବିଲା ହୋଇଥିଲା। ଏହି ସିରିଜ୍ ଖେଳିଥିବା ରାହୁଲ, ବୁମ୍‌ରା ଓ ଜାଡେଜା ଦଳକୁ ଫାଇଦାରେ ରଖିବେ ବୋଲି ଆଶା କରାଯାଉଛି।



**ଖେଳାଳି ତାଲିକା**

**ଭାରତର ସମ୍ଭାବ୍ୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟ ରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ:** ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ ରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

**ଖେଳ ସମୟ**

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦

ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦

ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

**ପିଚ୍ ଓ ରେକର୍ଡ**

ଏଠାରେ ପିଚ୍ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ। ପିଚ୍‌ରେ ଘାସ ରହିଛି ଓ ଏହା ବୋଲରଙ୍କୁ ସୁହାଇବ। କିନ୍ତୁ ଏଠାରେ ପାଗ ଭଲ ରହିଛି। ଖେଳ ଆରମ୍ଭ ହେବା ପରେ ପିଚ୍ ନିଶ୍ଚିତଭାବେ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଏଠାରେ ଭାରତ ୭୮ ରନ୍‌ରେ ଆଉଟ ହୋଇଥିଲା। ଏଠାରେ ମଧ୍ୟ ଦଳ ୬୨୮ ରନ୍‌ର ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ଏଣୁ ଦଳ ପ୍ରଥମେ ବ୍ୟାଟିଂକୁ ଏଡାଇଗଲେ, ଫାଇଦାରେ ରହିବ। ଇଂଲଣ୍ଡରେ ଦୁଇଦଳ ଏଯାଏ ୬୭ଟି ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଭାରତ କେବଳ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗତ ସିରିଜ୍‌ରେ ଭାରତ ୨ଟି ଟେଷ୍ଟ ଜିତିଥିଲା। ଏଥର ସବୁ ନୂଆରେ ଖେଳୁଥିବା ଭାରତ କିଭଳି ଖେଳିବ ତାହା ପିଚ୍ ଓ ପରିବେଶ ଉପରେ ନିର୍ଭର କରୁଛି।



## ଉନ୍ମୋଚିତ ହେଲା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ଲଣ୍ଡନ, ୧୯।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଶୁକ୍ରବାରଠାରୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁଯାଉଛି। ଏହି ସିରିଜ ଆରମ୍ଭ ହେବାର ଦିନ ପୂର୍ବରୁ ଗୁରୁବାର ସିରିଜର ଟ୍ରଫି ଉନ୍ମୋଚିତ ହୋଇଛି। ଦୁଇ କିମ୍ବଦନ୍ତୀ କ୍ରିକେଟର୍ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଭାରତର ସଚିନ ତେନ୍ଦୁଲକରଙ୍କ ସମ୍ମାନାର୍ଥେ ଏଥର ଏହି ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ କ୍ରିକେଟର୍ ଉପସ୍ଥିତ ରହି ନିଜ ନାମରେ ନାମିତ ହୋଇଥିବା ଏହି ଟ୍ରଫିକୁ ଉନ୍ମୋଚିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଖେଳୁଥିବା ଟେଷ୍ଟ ସିରିଜର ନାମ ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ନାମରେ 'ପଟୌଦୀ ଟ୍ରଫି' ପ୍ରଦାନ କରାଯାଉଥିଲା। କିନ୍ତୁ ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥର ସିରିଜର ନାମକୁ ପରିବର୍ତ୍ତନ କରି ଆଣ୍ଡରସନ ଓ ତେନ୍ଦୁଲକରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସଚିନଙ୍କ ଅନୁରୋଧକ୍ରମେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଏହି ଟେଷ୍ଟ ସିରିଜର ବିଜୟୀ ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସଚିନ ଓ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ନିଜ ନିଜ ଦେଶ ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରି ଅବସର ନେଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୧ ଶତକ ଓ ୬୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ଆଣ୍ଡରସନ ୧୮୮ ଟେଷ୍ଟ ଖେଳି ୭୦୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର୍

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ସନ୍ତାନ ଅନନ୍ୟା ବାଙ୍ଗର ଟ୍ରାନ୍ସଜେଣ୍ଡର କ୍ରିକେଟ୍ ଖେଳାଳିଙ୍କୁ ସମର୍ଥନ କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି। ଏଥିଲାଗି ଅନନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ସମର୍ଥନ ଜଣାଇବା ଲାଗି ଅପିଲ୍ ମଧ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ୮ ପୃଷ୍ଠା ସମ୍ବଳିତ ଏକ ଚିଠି ଶେୟାର କରି ଅନନ୍ୟା କହିଛନ୍ତି, 'ବୈଜ୍ଞାନିକ ଭାବେ ସେ ମହିଳା କ୍ରିକେଟ୍ ଖେଳିବାକୁ ବର୍ତ୍ତମାନ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଦୁନିଆ ଏହି ସତକୁ ସ୍ୱୀକାର କରିବା ଲାଗି ପ୍ରସ୍ତୁତ ଅଛି ତ ।' ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ନିୟମ ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ମହିଳା କ୍ରିକେଟ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରାଯାଉନାହିଁ। ୨୦୨୩ ବିଶ୍ୱକପ୍ ସମୟରେ ବସିଥିବା ଆଇସିସି ବୋର୍ଡ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା।



ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟ ଅନନ୍ୟା, ୧ ବର୍ଷ ଧରି ହର୍‌ମୋର୍ନ ରିପ୍ଲେସମେଣ୍ଟ ଥେରାପି ଜରିଆରେ ପୁରୁଷରୁ ମହିଳା ବନିଛନ୍ତି। ଏଥିଲାଗି ମାଞ୍ଚେଷ୍ଟର ମେଟ୍ରୋପୋଲିଟିଆନ୍ ବିଶ୍ୱବିଦ୍ୟାଳୟ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲା। ପୂର୍ବରୁ ସେ ପୁରୁଷ କ୍ରିକେଟ୍‌ରେ ବିଭିନ୍ନ ବୟସବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ମହିଳା ବନିବା ପରେ ସେ କ୍ରିକେଟ୍ ଟ୍ରେନିଂ ଜାରି ରଖିଛନ୍ତି।

### ■ ଆଜି ପ୍ୟାରିସ ଡାଏମଣ୍ଡ ଲିଗ୍

## ୮ ବର୍ଷ ପରେ ଭାଗନେବେ ନୀରଜ

ପ୍ୟାରିସ, ୧୯।୬ (ଏଜେନ୍ସି): ଭାରତୀୟ ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏଥିସହ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ନୀରଜ ଏହି ସମ୍ମାନଜନକ ଇଭେଣ୍ଟରେ ଭାଗନେବେ। ୨୭ ବର୍ଷୀୟ ନୀରଜ ଶେଷଥର ଲାଗି ୨୦୧୭ ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗିଥିଲେ। ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ନୀରଜ ଶୁକ୍ରବାର ଶ୍ରେଷ୍ଠ ପ୍ରଦର୍ଶନ କରି ସିଜନର ପ୍ରଥମ ମେଜର ଟାଇଟଲ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଏଥିପୂର୍ବରୁ ବର୍ଷ ଆରମ୍ଭରେ ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମିଟ୍‌ରେ ୮୪.୫୨ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣପଦକ ଜିତିଥିଲେ। କିନ୍ତୁ ଏହି ପ୍ରତିଯୋଗିତା ଏକ ମେଜର ଇଭେଣ୍ଟ ନ ଥିଲା। ତେବେ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟର ଶ୍ରେଷ୍ଠ ୯୦.୨୩ ମିଟର ଫିଙ୍ଗିଥିଲେ। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ଦୋହାରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଜର୍ମାନୀର ଜୁଲିଏନ୍ ୱେବର ଏହି ଇଭେଣ୍ଟରେ ୯୧.୦୬ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ତେଣୁ ନୀରଜ ପ୍ୟାରିସ ଡାଏମଣ୍ଡ ଲିଗ୍ ଉପରେ ନଜର ପକାଇଛନ୍ତି। ତେବେ ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଜର୍ମାନୀ ୱେବର୍‌ଙ୍କ ଭଳି ବିଶ୍ୱର ଶ୍ରେଷ୍ଠ-୬ଜଣ ଜାଭେଲିନ୍ ଫିଙ୍ଗାଳୀ ଏଥିରେ ଅଂଶଗ୍ରହଣ କରୁଥିବାରୁ ନୀରଜଙ୍କ ପାଇଁ ଏଠାରେ ବିଜୟୀ ହେବା କଷ୍ଟସାଧ ହେବ।



### ହକି ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଭୁବନେଶ୍ୱର, ୧୯।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନାଇରେ ଚାଲିଥିବା ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ଗୁରୁବାର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ତେବେ ଓଡ଼ିଶା ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବ ନିକଟରୁ ହାରିଯାଇଛି।

ହକି ମାଷ୍ଟର୍ସ କପ୍ ପୁରୁଷ ବିଭାଗରେ ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୬-୩ ଗୋଲ୍‌ରେ ଏକପାଖିଆ ଭାବେ ପୁଡୁଚେରୀକୁ ପରାସ୍ତ କରିଥିଲା। ଓଡ଼ିଶା ପାଇଁ ସାଣ୍ଟିଏଲ୍ ମୁଣ୍ଡୁ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲାଜରୁସ ବାର୍ଲା, ବେନାର୍ଡ ଲାକ୍ରା ଓ ଲଧୁ ଏକ୍କାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବିଜୟ ସହ ୩ ପଏଣ୍ଟ ପାଇଛି ଓଡ଼ିଶା। ଶୁକ୍ରବାର ପଞ୍ଜାବ ବିପକ୍ଷରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚ୍ ଖେଳିବ। ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା କିନ୍ତୁ ୧-୩ ଗୋଲ୍‌ରେ ପରାଜୟର ସାମ୍ନା କରିଛି। ଓଡ଼ିଶା ପାଇଁ ରଞ୍ଜିତା ବେକ୍ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଅବସରପ୍ରାପ୍ତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ ଦଳ ଅଂଶଗ୍ରହଣ କରିଛନ୍ତି।

## ବନ୍ଦ ହେବ କି ଆଇଏସ୍ଏଲ୍ !

ନୂଆଦିଲ୍ଲୀ,୧୯।୬ (ଏଜେନ୍ସି): ଭାରତର ଫୁଟବଲ ଖେଳର ପରିଚାଳନା କରୁଥିବା ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ୨୦୨୫-୨୬ କ୍ୟାଲେଣ୍ଡରରେ ଭାରତର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)କୁ ସ୍ଥାନିତ କରାଯାଇ ନାହିଁ। ଏହା ଫଳରେ ଆଇଏସ୍ଏଲ୍‌ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦର୍ଶକ ସଂଖ୍ୟା କମିବା, ଆଶା ଅନୁଯାୟୀ ଆର୍ôଥକ ଲାଭ ନ ମିଳିବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟକୁ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଆରମ୍ଭ ହୋଇଥିଲା। ୨୦୧୯ ବେଳକୁ ଏହା ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହୋଇଥିବା ମାଷ୍ଟର ରାଇଟସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ଗତ ଡିସେମ୍ବରରେ ଶେଷ ହୋଇଥିଲା। ଏହା ଏଯାଏ ପୁନଃପଞ୍ଜିକରଣ ହୋଇ ନାହିଁ। ଏଥିଲାଗି ଗତ ଏପ୍ରିଲରେ ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟି ଏହାର ସମାଧାନ ଲାଗି ଏକ ୮ ଜଣିଆ ଟାସ୍କ ଫୋର୍ସ କମିଟି ଗଠନ କରିଥିଲା। କିନ୍ତୁ କମିଟି କୌଣସି ନିଷ୍ପତ୍ତିରେ ପହଞ୍ଚି ନାହିଁ। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଆଇଏଫ୍ଏଫ୍ ଦ୍ୱାରା ଘୋଷିତ କ୍ୟାଲେଣ୍ଡରରେ ଆଇଏସ୍ଏଲକୁ ସ୍ଥାନ ନ ମିଳିବା ଫଳରେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।



### ଡବ୍ଲ୍ୟୁବିବିଏଲ୍ ଖେଳାଳି ଡ୍ରାଫ୍ଟ

## ଜେମିମାଙ୍କୁ ବଜାୟ ରଖିଲା ବ୍ରିସ୍‌ବେନ୍

ମେଲ୍‌ବୋର୍ଣ୍ଣ, ୧୯।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସିଜନ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖେଳାଳି ଡ୍ରାଫ୍ଟ ଜରିଆରେ ବିଭିନ୍ନ ଫ୍ରାଞ୍ଚାଇଜ ସେମାନଙ୍କ ଦଳ ପ୍ରସ୍ତୁତ କରିଛନ୍ତି। ଡବ୍ଲ୍ୟୁବିବିଏଲ୍-୧୧ ଲାଗି ମୋଟ୍ ୨୩ ଜଣ ବିଦେଶୀ ମହିଳା କ୍ରିକେଟର୍‌ଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ଜେମିମା ରୋଡ୍ରିଗ୍ସେଜ ରହିଛନ୍ତି। ବ୍ରିସବେନ୍ ହିଟ୍ ଦଳ ଜେମିମାଙ୍କୁ କ୍ରମାଗତ ଦ୍ୱିତୀୟ ସିଜନ ଲାଗି ଦଳରେ ସାମିଲ କରିଛି। ଡ୍ରାଫ୍ଟ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ମେଲ୍‌ବୋର୍ଣ୍ଣ ଷ୍ଟାର୍ସ ଜେମିମାଙ୍କୁ ନେଇଥିଲା। କିନ୍ତୁ ବ୍ରିସବେନ୍ ହିଟ୍ ରିଟେନସନ କାର୍ଡ ବ୍ୟବହାର କରି ଜେମିମାଙ୍କୁ ଦଳରେ ରଖିବାରେ ସଫଳ ହୋଇଥିଲା। ଜେମିମା ଗତବର୍ଷ ଡବ୍ଲ୍ୟୁବିବିଏଲ୍‌ରେ ବ୍ରିସବେନ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ଥିଲେ। ସେ ୧୩୯ ଷ୍ଟ୍ରାଇକରେଟ୍‌ରେ ୨୬୭ ରନ ସଂଗ୍ରହ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୋମବାର ଡ୍ରାଫ୍ଟ ଜରିଆରେ ବିଭିନ୍ନ ଦଳରେ ସାମିଲ ହୋଇଥିବା ୨୩ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଇଂଲଣ୍ଡର ସର୍ବାଧିକ ୧୨ଜଣ, ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ରହିଛନ୍ତି।



**ପାଥୁମ ନିଶାଙ୍କାଙ୍କ ଶତକ**

## ଶ୍ରୀଲଙ୍କାର ଦୃଢ଼ ଜବାବ

ଗଲ,୧୯।୬ (ଏଜେନ୍ସି):

ଓପନର ପାଥୁମ ନିଶାଙ୍କାଙ୍କ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଦିନେଶ ଚାଣ୍ଡିମଲଙ୍କ ସହ ୧୫୭ ରନ୍‌ର ଶତକୀୟ ଭାଗୀଦାରି ବଳରେ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଦୃଢ଼ ଜବାବ ଦେଇଛି। ଏହି ଟେଷ୍ଟର ପ୍ରଥମ ପାଳିରେ ନାଜମୋଲ ହୋସେନ ସାଣ୍ଟୋଙ୍କ ୧୪୮ ଓ ମୁସ୍‌ଫିକର ରହିମଙ୍କ ୧୬୩ ରନ୍ ବଳରେ ବାଂଲାଦେଶ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କାଙ୍କ ୧୮୭ ରନ୍‌ର ମାଷ୍ଟର ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୩୬୮ ରନ୍ ସଂଗ୍ରହ କରିଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୩୭ ଓ ଧନଞ୍ଜୟ ଡି ସିଲ୍‌ଭା ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଉଦାରା ୨୯, ଦିନେଶ ଚାଣ୍ଡିମାଲ ୫୪ ଏବଂ ଭଲ ଖେଳୁଥିବା ବରିଷ୍ଠ ଖେଳାଳି ଆଞ୍ଜେଲୋ ମାଥ୍ୟୁସ ୩୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଇଜୁଲ ଇସ୍‌ଲାମ, ନଇମ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବାଂଲାଦେଶ ୯ ୱିକେଟରେ ୪୮୪ ରନ୍‌ରୁ ଖେଳ ଆରମ୍ଭ କରି ଆଉ ୧୧ ରନ୍ ଯୋଗ କରିବା ପରେ ୪୯୫ ରନ୍‌ରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ମିଲନ ପ୍ରିୟନାଥ ଓ ଥାରିନ୍ଦୁ ରତନାୟକେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



### ■ ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ଆକ୍ରମଙ୍କୁ ହରାଇଲେ ସିଂଘାଲ

ଭୁବନେଶ୍ୱର,୧୯।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ରାଜ୍ୟ କନିଷ୍ଠ ଚାମ୍ପିଅନ ବିଶେଷ ସିଂଘାଲ ୩-୧ରେ ବରିଷ୍ଠ ଖେଳାଳି ଆକ୍ରମ ଖାନ୍‌ଙ୍କୁ ହରାଇ ପ୍ରଥମ ଦିନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ଜ୍ଞାନ ଦାସ ମଧ୍ୟ ସୁନ୍ଦର ଖେଳ ପ୍ରଦର୍ଶନ କରି ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମୁକାବିଲାରେ ସେ ୩-୦ରେ ଆରୋନ ଆନିୟାନଙ୍କୁ ଓ ଦ୍ୱିତୀୟ ମୁକାବିଲାରେ ଅବିନାଶ ମହାପାତ୍ରଙ୍କୁ ମଧ୍ୟ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ମହାନ୍ତିଙ୍କୁ ଉଦ୍‌ଭାସ ମହାପାତ୍ର, ଜଗଦୀଶ ମହାନ୍ତିଙ୍କଚ କୁନାଲ ଅଗରୱାଲ, ଡକ୍ଟର ଅତନୁ ନାୟକଙ୍କୁ ନିଶି ଦାସ, ଅଶିତ୍ ଚୌଧୁରୀଙ୍କୁ ସତ୍ୟଦୀପ ଦାସ, ଚିରଞ୍ଜୀବ ସିଂହଙ୍କୁ ନିଶାନ୍ତ ବିଶ୍ୱାଳ, ଅମିୟ ରଞ୍ଜନ ନାୟକଙ୍କୁ ଶାରଦା ବେହେରା ଓ ମିଶାଲ ସ୍ୱାଇଁଙ୍କୁ ସିଦ୍ଧାର୍ଥ ସେନ୍ ପରାସ୍ତ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।



ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖଯାଏ ଚାଲିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS